


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-213 •BHUBANESWAR •SUNDAY •28 JANUARY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୧୩ •ଭୁବନେଶ୍ୱର •ରବିବାର •୨୮ ଜାନୁଆରୀ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)


# ଦିବ୍ୟ ଭବ୍ୟ ଦୁର୍ମୂଲ୍ୟ

## ସମଲେଇ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ





- ମନ୍ଦିରର ଶୁଭ୍ରକାନ୍ତି ଓ ସ୍ୱର୍ଗୀୟ ପରିବେଶ ଦେଖି ଶ୍ରଦ୍ଧାଳୁ ବିମୋହିତ
- ଲୋକାର୍ପଣରେ ଶହ ଶହ ପଣ୍ଡିତ, ସାଧୁସନ୍ଥ, ବିଶିଷ୍ଟ ଅତିଥିଙ୍କ ଉପସ୍ଥିତି
- ପ୍ରକଳ୍ପରେ ନିୟୋଜିତ ଶିଳ୍ପୀ ଓ କାରିଗରମାନଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ
- ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାରପ୍ରାପ୍ତ ସାତ ଜଣ ବରେଣ୍ୟ ବ୍ୟକ୍ତିଙ୍କୁ ଭେଟିଲେ
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ଦ୍ୱିତୀୟ ବୃହତ୍ ଆଧ୍ୟାତ୍ମିକ ପୀଠର ରୂପାନ୍ତର
- ସମଲେଇ ମନ୍ଦିରଠାରୁ ମହାନଦୀ ଘାଟଯାଏ ସବୁଠି ଦିବ୍ୟତା, ଭବ୍ୟତାର ସ୍ପର୍ଶ
- ୨୦୦ କୋଟି ବିନିଯୋଗରେ ୪୦ ଏକର ପ୍ରକଳ୍ପ ଅଞ୍ଚଳର ହୋଇଛି ରୂପାନ୍ତର
- '୫-ଟି' ଅଧ୍ୟକ୍ଷଙ୍କ ନିଷ୍ଠାପର ଉଦ୍ୟମ, ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀଠର ରୂପାନ୍ତରଣ
- ରେକର୍ଡ ସମୟରେ ଶେଷ କରାଯାଇଛି 'ସମଲେଇ' ପ୍ରକଳ୍ପ ରୂପାନ୍ତରଣ କାର୍ଯ୍ୟ
- ଦୈନିକ ୨୦ ହଜାରରୁ ଊର୍ଦ୍ଧ୍ୱ ଓ ପାର୍ବଣରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ସମ୍ଭାବନା
- ପଶ୍ଚିମ ଓଡ଼ିଶାର କାରିଗର ଓ ବୁଣାକାରଙ୍କୁ ସମୃଦ୍ଧ କରିବ ପର୍ଯ୍ୟଟନ ଅର୍ଥନୀତି

■ **ଭୁବନେଶ୍ୱର, ୨୭ ।୧ (ସମିସ):** ଘଣ୍ଟ-ଘଣ୍ଟାର ଶବ୍ଦ, ହୁଳହୁଳି ଓ ଶଙ୍ଖ ଧ୍ୱନୀ, ପଣ୍ଡିତଙ୍କ ମନ୍ତ୍ରପାଠ, ସାଧୁସନ୍ଥଙ୍କ ହରିବୋଲ ମଧ୍ୟରେ ସମ୍ପୂର୍ଣ୍ଣ ଦିବ୍ୟ, ଭବ୍ୟ, ଅଲୌକିକ ପରିବେଶରେ ଅପରୂପ 'ସମଲେଇ' ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟର ଧାର୍ମିକ ପୀଠର ରୂପାନ୍ତରଣରେ ଯୋଡ଼ି ହୋଇଛି ଆଉ ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ। ତାରାତାରିଣୀ ପୀଠରୁ ଆରମ୍ଭ ହୋଇଥିବା ଧାର୍ମିକ ପୀଠ ରୂପାନ୍ତରଣ ପର୍ଯ୍ୟାୟ ନିକଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣରେ ଶୀର୍ଷଗାମୀ ହୋଇଥିଲା। ସମ୍ପ୍ରତି ଓଡ଼ିଶାର ପ୍ରସିଦ୍ଧ ଶକ୍ତିକ୍ଷେତ୍ର ତଥା ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରଣ ସାରା ରାଜ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ପୂର୍ବରୁ ପଶ୍ଚିମ ଓଡ଼ିଶା ଯାଏ ଯାଏ ସବୁଆଡ଼େ ଦିବ୍ୟତାର, ଭାବ୍ୟତାକୁ ରାଜ୍ୟବାସୀ ଅନୁଭବ କରିଛନ୍ତି । ଶନିବାର ମୁଖ୍ୟମନ୍ତ୍ରୀ ମା' ସମଲେଶ୍ୱରୀଙ୍କ ଦର୍ଶନ ସହ ଓଡ଼ିଶାବାସୀଙ୍କ ସୁଖ,ଶାନ୍ତି କାମନା କରିବା ପରେ ଶହଶହ ସାଧୁସନ୍ଥ, ସେବକ, ପୂଜକ, ପଣ୍ଡିତଙ୍କ ଗହଣରେ ମନ୍ତ୍ରଧ୍ୱନୀ ମଧ୍ୟରେ ପ୍ରକଳ୍ପକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ରାଜ୍ୟବାସୀଙ୍କ କୁଶଳ ମାଙ୍କ ନିକଟରେ ମନାସିଛନ୍ତି। ଐତିହାସିକ ସହର ସମ୍ବଲପୁରର ଅଧିଷ୍ଠାତ୍ରୀ ମା ସମଲେଶ୍ୱରୀଙ୍କୁ ନେଇ ଓଡ଼ିଶାର ପ୍ରତିଟି ଭକ୍ତମନରେ ଏକ ଅତୁଟ ଶ୍ରଦ୍ଧା ରହି ଆସିଛି । ଏହାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ଏହି କ୍ଷେତ୍ରକୁ ଏକ ନୂଆ ରୂପ ଦେବା ପାଇଁ ଆରମ୍ଭ କରିଥିବା 'ସମଲେଇ'ର ସ୍ୱପ୍ନ ପୂରଣ ହୋଇଛି ।

ଆଜି ପ୍ରତ୍ୟୁଷରୁ ଶହ ଶହ ପଣ୍ଡିତ, ସାଧୁସନ୍ଥଙ୍କ ଯଜ୍ଞ ଓ ଚଣ୍ଡୀପାଠର ପବିତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ରୂପାନ୍ତରିତ ପୀଠକୁ ନେଇ ସମ୍ବଲପୁର ସହ ପୂରା ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର ହୋଇ ଉଠିଥିଲା। ନିର୍ଦ୍ଧାରିତ ସମୟରେ ମୁଖ୍ୟମନ୍ତ୍ରୀ ମନ୍ଦିରରେ ପହଞ୍ଚିଥିଲେ ଓ ପୂଜାର୍ଚ୍ଚନା ▶ପୃଷ୍ଠା-୧୮

## ମଞ୍ଚରେ କାର୍ତ୍ତିକ ଭାବବିହ୍ୱଳ



■ **ଭୁବନେଶ୍ୱର, ୨୭ ।୧ (ସମିସ):** ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଶେଷ ହୋଇଛି 'ସମଲେଇ' ପ୍ରକଳ୍ପ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ସମଲେଶ୍ୱରୀ ପୀଠର ରୂପାନ୍ତରିତ ପ୍ରକଳ୍ପକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏହାକୁ ନେଇ ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରି ସମଗ୍ର ରାଜ୍ୟ ଭକ୍ତିଭାବରେ ଲୀନ ହୋଇଛି। ତେବେ ଲୋକାର୍ପଣ ଉତ୍ସବ ଚାଲିଥିବା ସମୟରେ ପ୍ରକଳ୍ପର ଅନ୍ୟତମ ବିନ୍ଧାଣୀ ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯେପରି ଭାବବିହ୍ୱଳ ହୋଇ କାନ୍ଦି ପକାଇବା ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ସମର୍ପିତ ଭକ୍ତି ଓ ପ୍ରକଳ୍ପ କାର୍ଯ୍ୟ ▶ପୃଷ୍ଠା-୧୮

**ସବୁ ଘାତ ପ୍ରତିଘାତ ସତ୍ତ୍ୱେ ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ**

**ସମ୍ବଲପୁରରେ ପୂର୍ବ ଭାରତର ସର୍ବବୃହତ ରିଭର୍ ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ**




ଭାଙ୍ଗିଯିବ ବିହାର ସରକାରୀ ମେଣ୍ଟ

# ଆଜି ଇସ୍ତଫା ଦେବେ ନୀତୀଶ କୁମାର!

- ଆରଜେଡି ମନ୍ତ୍ରୀଙ୍କ ସ୍ଥାନ ନେବ ବିଜେପି
- ମନ୍ତ୍ରୀଙ୍କୁ ଇସ୍ତଫା ନ ଦେବାକୁ କହିଲେ ଲାଲୁ
- ବିହାରରେ 'ଖେଳା' ହେବା ବାକି ଅଛି:ତେଜସ୍ୱୀ



ପାଟନା, ୨୭।୧ (ଏଜେନ୍ସି)

ବିହାର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଆର୍‌ଜେଡି ସହ ବିବାଦ ଚରମରେ ପହଞ୍ଚିବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର (୭୨) କାହା ସହ ରହିବେ ଆଉ କାହାକୁ ଛାଡ଼ିବେ ତାହାକୁ ନେଇ କିଛି ଦିନ ହେଲା ଚର୍ଚ୍ଚା ଜାରି ରହିଛି। ବିବାଦକୁ ନେଇ ସରକାରୀ ମହାମେଣ୍ଟ ରବିବାର ଭାଙ୍ଗିଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ପାଟନାକୁ ବିଧାୟକଙ୍କ ଲମ୍ବା ଧାଡ଼ି ଲାଗି ରହିଛି। ନୀତୀଶ ପୁଣି ନୀତି ପରିବର୍ତ୍ତନ କରି ବିଜେପି ସହ ସରକାର ଗଠନ କରିବାକୁ ସଜବାଜ ହେଉଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜେଡିୟୁ ଏବଂ ବିଜେପି ମଧ୍ୟରେ ଆସନ ବୁଝାମଣା ଶେଷ ହୋଇଛି। ଲୋକସଭା ନିର୍ବାଚନ ଲଢ଼ିବା ନେଇ ମଧ୍ୟ ଆସନ ବଣ୍ଟନ ହୋଇଯାଇଛି। ଆରଜେଡି ମନ୍ତ୍ରୀଙ୍କୁ ବାହାର କରି ନୀତୀଶ ତାଙ୍କ ସ୍ଥାନରେ ବିଜେପି ନେତାଙ୍କୁ ସାମିଲ କରିବେ ବୋଲି ଜଣାପଡ଼ିଛି। ୨୦୨୫ ପରେ କେନ୍ଦ୍ରରେ ନୀତୀଶଙ୍କୁ ବଡ଼ ଦାୟିତ୍ୱ ମଧ୍ୟ ମିଳିପାରେ। ସେହିପରି ଜିତନ ରାମ ମାନଝୀଙ୍କ ଦଳ ୨ ମନ୍ତ୍ରୀ ପଦ ଦାବି କରିଛି। ଏହା ପୂର୍ବରୁ ରାଜ୍ୟରେ ସୃଷ୍ଟି ହୋଇଥିବା ବିଦ୍ରୋହକୁ ନେଇ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ମଧ୍ୟ କଥା ହୋଇଥିଲେ।

ରବିବାର ସକାଳ ୧୦ଟାରେ ଜେଡିୟୁ ଏବଂ ବିଜେପିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏହା ପରେ ନୀତୀଶ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବେ। ନୂଆ ସରକାର ଗଠନ ପାଇଁ ମଧ୍ୟ ଦାବି ଉପସ୍ଥାପନ କରିବେ। ଜେଡିୟୁ କୋର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରବିବାର ପୁଣିଥରେ ନୀତୀଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଅମିତ ଶାହା ଉପସ୍ଥିତ ରହିପାରନ୍ତି।

ନୀତୀଶଙ୍କ ସହ ୨ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ନେଇପାରନ୍ତି। ଏହି ଦୌଡ଼ରେ ରାଜ୍ୟସଭା ସାଂସଦ ସୁଶୀଲ ମୋଦୀ ଆଗରେ ଅଛନ୍ତି। ସୁଶୀଲଙ୍କୁ ନୀତୀଶ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ରେଣୁ ଦେବୀ ଦ୍ୱିତୀୟ ଉପ-ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଅନ୍ୟପକ୍ଷରେ ପାଟନାରେ ଆରଜେଡିର ବୈଠକ ସମୟରେ ରାଜ୍ୟରେ ଅସଲ ଖେଳା ହେବା ବାକି ଅଛି ବୋଲି ତେଜସ୍ୱୀ ଯାଦବ କହିଛନ୍ତି। ନୀତୀଶ ସମ୍ମାନନୀୟ ଥିଲେ ଏବଂ ରହିବେ। ଯେଉଁ କାମ ଦୁଇ ଦଶନ୍ଧି ମଧ୍ୟରେ ହୋଇପାରି ନ ଥିଲା ତାହା ବହୁତ କମ୍ ସମୟ ଭିତରେ କରି ଦେଖାଇଛୁ। ସେହିପରି ଲାଲୁ ନିଜ ମନ୍ତ୍ରୀଙ୍କୁ ଇସ୍ତଫା ନ ଦେବା ପାଇଁ କହିଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଜନନାୟକ କର୍ପୂରୀ ଠାକୁରଙ୍କୁ ମରୋଣତ୍ତର ଭାବେ ଭାରତ ରତ୍ନ ଦେବାକୁ ଘୋଷଣା କରିବା ପରଠାରୁ ବିହାର ମେଣ୍ଟରେ ଫାଟ ସୃଷ୍ଟି ହୋଇଥିଲା। ନୀତୀଶ କୁମାର ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କରିଥିଲେ। ପରିବାରବାଦକୁ ନେଇ ନିଶାଣ କରିଥିଲେ। ଏହି ସମୟରେ ଲାଲୁଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ନୀତୀଶଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିଲେ। ଫଳରେ ବିବାଦ ସମାଧାନ ହେବା ପରିବର୍ତ୍ତେ ତିକ୍ତତା ବଢ଼ି ବଢ଼ି ଚାଲିଥିଲା। ଏବେ ଆରଜେଡି ପାଖରେ ୭୯ ବିଧାୟକ, ବିଜେପିର ୭୮, ଜେଡିୟୁର ୪୫, କଂଗ୍ରେସର ୧୯, ବାମ ଦଳର ୧୬, ହାମ୍‌ର ୪ ଜଣ ଏବଂ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତି।



## ସେନାର ପ୍ରଥମ ମହିଳା ସୁବେଦାର ପ୍ରୀତି ରଜକ

**ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି):** ଭାରତୀୟ ସେନା ସୁପ୍ରସିଦ୍ଧ ଟ୍ରାପ ସୁଟର ହାବିଲଦାର ପ୍ରୀତି ରଜକଙ୍କୁ ପଦୋନ୍ନତି ମିଳିଛି। ସେ ଭାରତୀୟ ସ୍ଥଳସେନାର ପ୍ରଥମ ମହିଳା ସୁବେଦାର ହୋଇଛନ୍ତି। ସେନା ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଏହା ଦେଶର ମହିଳାଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ପ୍ରୀତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବେ। ସେନାରେ ସାମିଲ ହେବା ପାଇଁ ଯୁବତୀଙ୍କୁ ଅନୁପ୍ରାଣୀତ କରିବେ ବୋଲି ସେନା ପକ୍ଷରୁ କୁହାଯାଇଛି। ସେ ୨୦୨୨ ଡିସେମ୍ବର ୨୨ରେ ମିଲିଟାରୀ ପୁଲିସରେ ସେବା ଆରମ୍ଭ କରିଥିଲେ। ୨୦୨୨ରେ ଚୀନ୍‌ରେ ଅନୁଷ୍ଠିତ ୧୯ତମ ଏସିଆନ ଗେମ୍ସ ଟ୍ରାପ ୱିମାନ ଟିମ୍ ଇଭେଣ୍ଟରେ ସେ ରୁପା ପଦକ ଜିତି ଥିଲେ। ସେ ଏବେ ପ୍ୟାରିସ୍ ଅଲମ୍ପିକ ଗେମ୍ସ, ୨୦୨୪ ପାଇଁ ଆର୍ମିର ମାର୍କ୍ସମ୍ୟାନସିପ ୟୁନିଟ (ଏଏମ୍‌ୟୁ) ରେ ପ୍ରଶିକ୍ଷଣ ନେଉଛନ୍ତି।

● ଚାକିରି ପାଇଁ ଜମି ନେବା ମାମଲା

## ରାବଡ଼ୀ, ମିସା-ହେମାଙ୍କୁ ସମନ



**ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି):** ଲାଲୁ ପରିବାରର ସମସ୍ୟା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ବିହାରର ସରକାରୀ ମେଣ୍ଟ ଭାଙ୍ଗିବାକୁ ବସିଥିବାବେଳେ ଅନ୍ୟପଟେ ଚାକିରି ପାଇଁ ଜମି ନେବା ମାମଲାରେ ପରିବାର ସଦସ୍ୟଙ୍କୁ ସମନ ଜାରି ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆରୋପପତ୍ର ଉପରେ ଶୁଣାଣି କରି ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡ଼ୀ ଦେବୀ, ତାଙ୍କ ଝିଅ ମିସା ଭାରତୀ, ହେମା ଯାଦବ ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ସମନ ଜାରି କରିଛନ୍ତି। ସମସ୍ତଙ୍କୁ ୯ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ କୋର୍ଟ ବ୍ୟବସାୟୀ ଅମିତ କାତ୍ୟାଲ ପାଇଁ ପ୍ରଡକ୍ସନ ୱାରଣ୍ଟ ଜାରି କରିଛନ୍ତି। ସେ ଏବେ ନ୍ୟାୟିକ ହେପାଜତରେ ଅଛନ୍ତି। ସୂଚନାଯୋଗ୍ୟ ଯେ ଇଡି ଏହି ମାମଲାରେ ଜେରା ପାଇଁ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କୁ ୨୯ରେ ଏବଂ ତାଙ୍କ ପୁଅ ତଥା ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ୩୦ ତାରିଖରେ ଜେରା ପାଇଁ ଦିଲ୍ଲୀ ଡକାଇଛି।

## ହେମନ୍ତଙ୍କୁ ଦଶମ ସମନ ଜାରିକଲା ଇଡି



**ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି):** ଜମି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ (୪୮)ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦଶମ ସମନ ଜାରି କରିଛି। ଆସନ୍ତା ସପ୍ତାହରେ ଜେରା ପାଇଁ ହାଜର ହେବାକୁ ତାଙ୍କୁ କୁହାଯାଇଛି। ୨୯ କିମ୍ବା ୩୧ ତାରିଖ ମଧ୍ୟରୁ କେଉଁଦିନ ହାଜର ହେବେ ତାହା ସ୍ପଷ୍ଟ କରିବାକୁ ଉଲ୍ଲେଖ କରାଯାଇଛି। ଯଦି ସେ ନିଜେ ନ ଆସନ୍ତି ତେବେ ଏଜେନ୍ସି ପାଖରେ ପହଞ୍ଚିଯିବ ବୋଲି କୁହାଯାଇଛି। ଏହା ପୂର୍ବରୁ ଇଡି ସୋରେନଙ୍କୁ ନବମ ସମନ ଜାରି କରିଥିଲା। ୨୯ କିମ୍ବା ୩୧ ତାରିଖରେ ହାଜର ହେବାକୁ କହିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ସୋରେନ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଇଡି ଅଷ୍ଟମ ସମନ ପରେ ଗତ ୨୦ ତାରିଖରେ ସୋରେନଙ୍କୁ ତାଙ୍କ ରାଞ୍ଚି ସ୍ଥିତ ସରକାରୀ ବାସଭବନରେ ପ୍ରାୟ ୭ ଘଣ୍ଟା ପର୍ଯ୍ୟନ୍ତ ଜେରା କରିଥିଲା । ତେବେ ଏଥିରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା।

● ଏଏସ୍‌ଆଇ ସର୍ଭେ ରିପୋର୍ଟ

## ଜ୍ଞାନବାପୀ ଥିଲା ବିରାଟ ହିନ୍ଦୁ ମନ୍ଦିର



**ବାରାଣସୀ, ୨୭।୧ (ଏଜେନ୍ସି):** ଜ୍ଞାନବାପୀରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସଆଇ) କରିଥିବା ସର୍ଭେ ରିପୋର୍ଟକୁ ସାର୍ବଜନୀନ କରିଦିଆଯାଇଛି। ୮୩୯ ପୃଷ୍ଠାର ରିପୋର୍ଟରେ ମସ୍‌ଜିଦ ପରିସରରେ ଭଗବାନ ବିଷ୍ଣୁ, ଗଣେଶ ଏବଂ ଶିବଲିଙ୍ଗର ମୂର୍ତ୍ତି ମିଳିଛି ବୋଲି କୁହାଯାଇଛି। ମନ୍ଦିର ଉପରେ ସମ୍ପୂର୍ଣ୍ଣ ପରିସର ଛିଡ଼ା ହୋଇଛି। ସ୍ତମ୍ଭ ଗୁଡ଼ିକୁ ନୂଆ ରୂପ ଦେଇ ତା ଉପରେ ନୂଆ ନିର୍ମାଣ କରାଯାଇଛି। ଏ ସମ୍ବନ୍ଧିତ ୩୪ ପ୍ରମାଣ ମିଳିଛି। ମସ୍‌ଜିଦ ପରିସର ଭିତରୁ 'ମହାମୁକ୍ତି ମଣ୍ଡପ' ନାମକ ଏକ ଶିଳାଲେଖ ମିଳିଛି। ଏଏସଆଇ ରିପୋର୍ଟରେ କୁହାଯାଇଛି ଯେ ଜ୍ଞାନବାପୀରେ ଏକ ବିରାଟ ହିନ୍ଦୁ ମନ୍ଦିର ଥିଲା। ୧୭ଶ ଶତାବ୍ଦୀରେ ଔରଙ୍ଗଜେବର ଶାସନ ଥିଲା। ସେ ସମୟରେ ଜ୍ଞାନବାପୀ ମନ୍ଦିରକୁ ଭଙ୍ଗା ଯାଇଥିଲା। କିଛି ଭାଗକୁ ମରାମତି କରାଯାଇ ଭିନ୍ନ ରୂପ ଦେବାକୁ ପ୍ରୟାସ କରାଯାଇଛି। ଆଉ କିଛିକୁ ପ୍ଲାଷ୍ଟର ଏବଂ ଚୂନ ଦେଇ ଲୁଚା ଯାଇଥିଲା। ମସ୍‌ଜିଦ ତଳ ମହଲାରେ ମନ୍ଦିରର ସ୍ତମ୍ଭ ରହିଛି। ଏଥିରେ ବିଭିନ୍ନ ପ୍ରତିକୃତି ରହିଛି। ଆଉ କିଛି ଭଙ୍ଗା ମୂର୍ତ୍ତି ମଧ୍ୟ ମିଳିଛି। କାନ୍ଥରୁ ମୂର୍ତ୍ତି ଭଙ୍ଗା ଯାଇଥିବାର ପ୍ରମାଣ ମିଳିଛି। କାନ୍ଥରେ ପଦ୍ମ, ସ୍ୱସ୍ତିକ ଚିହ୍ନ, ଶିବଙ୍କଙ୍କ ୩ ନାମ ରହିଛି। ଜ୍ଞାନବାପୀର ପଶ୍ଚିମ କାନ୍ଥ ନାଗର ଶୈଳୀରେ ନିର୍ମାଣ କରାଯାଇଛି। ଶିଳାଲେଖରେ ଦେବନାଗରୀ, କନ୍ନଡ଼, ତେଲୁଗୁ ଏବଂ ଗ୍ରନ୍ଥ ଭାଷା ରହିଛି।

ବିଜେପି ବିରୋଧରେ କେଜ୍ରିୱାଲଙ୍କ ବଡ଼ ଅଭିଯୋଗ

## ସରକାର ଭାଙ୍ଗିବାକୁ ବିଧାୟକଙ୍କୁ ଯଚାଯାଇଥିଲା ୨୫ କୋଟି



**ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିଜେପି ବିରୋଧରେ ବଡ଼ ଅଭିଯୋଗ ଲଗାଇଛନ୍ତି। ଏହି ଦଳ ଦିଲ୍ଲୀ ସରକାର ଭାଙ୍ଗିବାକୁ ବଡ଼ ଷଡ଼ଯନ୍ତ୍ର କରୁଛି ବୋଲି କହିଛନ୍ତି। ବିଧାୟକଙ୍କୁ କିଣିବା ପାଇଁ ୨୫ କୋଟି ଲେଖାଏଁ ଯଚା ଯାଉଛି। କିଛି ଦିନ ତଳେ ବିଜେପିର ଜଣେ ନେତା ଆପ୍‌ର ୭ ଜଣ ବିଧାୟକଙ୍କ ସହ ଯୋଗାଯୋଗ କରିଥିଲେ। ସେ କହିଥିଲେ ଯେ ଖୁବଶୀଘ୍ର କେଜ୍ରିୱାଲଙ୍କୁ ଗିରଫ କରାଯିବ। ଏହା ପରେ ବିଧାୟକଙ୍କୁ ଭାଗ ଭାଗ କରିଦିଆଯିବ। ୨୧ ବିଧାୟକଙ୍କ ସହ ଆଲୋଚନା ଶେଷ ହୋଇଛି। ଅନ୍ୟମାନଙ୍କ ସହ ଆଲୋଚନା ଜାରି ରହିଛି। ଏହା ପରେ ଦିଲ୍ଲୀ ସରକାରକୁ ଭାଙ୍ଗି ଦିଆଯିବ। ସମସ୍ତେ ବିଜେପିକୁ ଆସିଯାଆନ୍ତୁ। ୨୫ କୋଟି ଟଙ୍କା ସହିତ ବିଜେପି ଟିକେଟ ପ୍ରଦାନ କରାଯିବ। କେଜ୍ରିୱାଲ କହିଛନ୍ତି ଯେ ଆପ୍‌ର ସମସ୍ତ ବିଧାୟକ ବିଜେପିର ଅଫରକୁ ଏଡ଼ାଇ ଦେଇଛନ୍ତି। ବିଜେପି ନେତାଙ୍କ ଏହି ଆଲୋଚନାକୁ ରେକର୍ଡ କରିନିଆଯାଇଛି ବୋଲି କହିଛନ୍ତି। ବିଜେପି ମଦ ନୀତି ଦୁର୍ନୀତି ମାମଲାରେ ତାଙ୍କୁ ଗିରଫ କରିବାକୁ ଚାହୁଁଛି। ଏହା ସହିତ ସରକାର ଭୁଶୁଡେଇବାକୁ ଉଦ୍ୟମ କରୁଛି। ୯ ବର୍ଷ ହେଲା ଏଥିପାଇଁ ପ୍ରୟାସ ଚଳାଉଛି। କିନ୍ତୁ ସବୁ ବ୍ୟର୍ଥ ହୋଇଯାଇଛି। ଭଗବାନ ଏବଂ ଜନତା ଆପ୍ ସାଥିରେ ଅଛନ୍ତି। ବିଜେପିର କୁଟୀଳ ଷଡ଼ଯନ୍ତ୍ରକୁ କେବେ ବି ସଫଳ ହେବାକୁ ଦେବୁନାହିଁ। ଅନ୍ୟପକ୍ଷରେ କେଜ୍ରିୱାଲ ପୁଣି ବିରୋଧୀ ମେଣ୍ଟକୁ ଝଟକା ଦେଇଛନ୍ତି। ଦଳ ଏକାକୀ ହରିୟାଣା ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଛନ୍ତି।

● କେନ୍ଦ୍ରକୁ ସମାଲୋଚନା

## ହାଇକୋର୍ଟର ୨ ଅଧିକାରୀ ନିଲମ୍ବିତ

**ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି):** କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା କେରଳ ହାଇକୋର୍ଟର ୨ ଅଧିକାରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏଥିପାଇଁ ୨ ଜଣଙ୍କୁ ନିଲମ୍ବିତ କରିଦିଆଯାଇଛି। ସୂଚନା ଅନୁଯାୟୀ ଗଣତନ୍ତ୍ର ଦିବସ ଅବସରରେ ହାଇକୋର୍ଟ ଅଡିଟୋରିୟମରେ ଏକ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ୨ ଅଧିକାରୀ କେନ୍ଦ୍ର ସରକାରଙ୍କୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ମୁଖ୍ୟ ବିଚାରପତି ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ଅନୁଯାୟୀ ଜଣେ ଅଧିକାରୀ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଏବଂ ଅନ୍ୟ ଜଣେ କୋର୍ଟ କିପର ଅଛନ୍ତି। ଯାଞ୍ଚ ଶେଷ ହେବା ପର୍ଯ୍ୟନ୍ତ ତାଙ୍କୁ ତତ୍କାଳ ପ୍ରଭାବରେ ନିଲମ୍ବିତ କରିଦିଆଯାଇଛି।



୭୫ତମ ଗଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼

## ବିଶ୍ୱ ଦେଖିଲା ନାରୀ ଶକ୍ତିର ଜାଗରଣ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି)

ଭାରତର ୭୫ତମ ଗଣତନ୍ତ୍ର ଦିବସ ଗୁରୁବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦ୍ୱିତୀୟ ଥର ପାଇଁ କର୍ତ୍ତବ୍ୟ ପଥରେ ପତାକା ଉତ୍ତୋଳନ କରିଛନ୍ତି। ଗଣତନ୍ତ୍ର ଦିବସ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ଚଳିତ ଥର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫ୍ରାନ୍ସର ଷଷ୍ଠ ରାଷ୍ଟ୍ରପତି ଭାବେ ସେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ର ନରେନ୍ଦ୍ର ମୋଦୀ, ଅନ୍ୟମାନଙ୍କ ସହ ମିଶି ମାକ୍ରନ ଭାରତ ଶକ୍ତି, ସାମର୍ଥ୍ୟ ଦେଖିଥିଲେ। ଚଳିତ ଥରର ପରେଡ ନାରୀ କେନ୍ଦ୍ରୀକ ଥିଲା। ବିଶ୍ୱ ଭାରତର ନାରୀ ଶକ୍ତିର ଝଲକ ଦେଖିଥିଲା।

ଏହା ପୂର୍ବରୁ ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ମୋଦୀ ଯୁଦ୍ଧ ସ୍ମାରକକୁ ଯାଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏଠାରେ ୨ ମିନିଟ ମୌନ ରଖିଥିଲେ। ପରେ କର୍ତ୍ତବ୍ୟ ପଥରେ ପହଞ୍ଚି ଥିଲେ। ପରେ ରାଷ୍ଟ୍ରପତି ଭବନରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କର୍ତ୍ତବ୍ୟ ପଥକୁ ଆସିଥିଲେ। ୪୦ ବର୍ଷ ପରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଗଣତନ୍ତ୍ର ଦିବସ ଅବସରରେ ବଗି (ଘୋଡ଼ା ଗାଡ଼ି)ରେ ଆସିଥିଲେ। ତାଙ୍କ ସହ ମାକ୍ରନ ମଧ୍ୟ ଥିଲେ। ପତାକା ଉତ୍ତୋଳନ ପରେ ପରେଡ ଆରମ୍ଭ ହୋଇଥଲା। ସର୍ବପ୍ରଥମେ ୧୦୦ ମହିଳା କଳାକାର ଶଙ୍ଖ, ଢୋଲ ଏବଂ ଅନ୍ୟ ପାରମ୍ପରିକ ବାଦ୍ୟଯନ୍ତ୍ର ସହିତ ପରେଡ ଆରମ୍ଭ କରିଥିଲେ। ପ୍ରଥମ ଥର ପାଇଁ ତିନି ସେନା, ପାରା-ମିଲିଟାରୀ ଟ୍ରୁପ୍ସ ଏବଂ ପୁଲିସ ଦଳର ନେତୃତ୍ୱ ମହିଳା ନେଇଥିଲେ। ବିଏସ୍‌ଏଫ୍, ସିଆରପିଏଫ୍, ଏସ୍‌ଏସ୍‌ବି, ଦିଲ୍ଲୀ ପୁଲିସର ମହିଳା କର୍ମୀ ୩୫୦ସିସି ରୟାଲ ଏନଫିଲ୍ଡରେ ଦୁଃସାହସିକ କଳାକୌଶଳ ପ୍ରଦର୍ଶନ କରିଥିଲେ। ଫ୍ଲାଇପାଷ୍ଟରେ ବାୟୁସେନାର ୫୧ ବିମାନ ସାମିଲ ହୋଇଥିଲା। ଏଥିରେ ୨୯ଟି ଲଢୁଆ, ୭ଟି ପରିବହନ, ୯ଟି ହେଲିକପ୍ଟର ଏବଂ ଗୋଟିଏ ଐତିହ୍ୟ ବିମାନ ସାମିଲ ଥିଲା। ପ୍ରଥମ ଥର ପାଇଁ ଫ୍ରାନ୍ସ ସେନାର ରାଫେଲ ବିମାନ ପରେଡରେ ଭାଗ ନେଇଥିଲା। ଚଳିଥ ଥର କର୍ତ୍ତବ୍ୟ ପଥରେ ଏକ ବିଶେଷ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହାର ନାମ 'ଅନନ୍ତ ସୂତ୍ର' ରଖା ଯାଇଥିଲା। ଏହା ଅଧିନରେ ୧୮ ରାଜ୍ୟରୁ ଆସିଥିବା ୧୯୦୦ ଶାଢ଼ୀ ପ୍ରଦର୍ଶନ କରାଯାଇଥିଲା। ସେହିପରି ଓଡ଼ିଶା ସହିତ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ ମଧ୍ୟ ପରେଡରେ ଭାଗ ନେଇଥିଲା।

● ଜାଲ୍ ଜାତି ପ୍ରମାଣପତ୍ର ମାମଲା; ହାଇକୋର୍ଟ ବିଚାରପତିଙ୍କ ମଧ୍ୟରେ ବିବାଦ

# ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି)

ଜାଲ୍ ଜାତି ପ୍ରମାଣପତ୍ର ମାଧ୍ୟମରେ ମେଡିକାଲ କଲେଜରେ ନାମ ଲେଖା ମାମଲାକୁ ନେଇ କଲକତା ହାଇକୋର୍ଟର ୨ ବିଚାରପତିଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଜଷ୍ଟିସ ସୋମେନ ସେନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନିର୍ଦ୍ଦେଶରେ କାମ କରୁଛନ୍ତି ବୋଲି ଜଷ୍ଟିସ ଅଭିଜିତ ଗଙ୍ଗୋପାଧ୍ୟାୟ ଅଭିଯୋଗ କରିଛନ୍ତି। ଉଭୟଙ୍କ ମଧ୍ୟରେ ବିବାଦ ଚରମ ରୂପ ଧାରଣ କରିବା ପରେ ସୁପ୍ରିମକୋର୍ଟ ନିଜ ଆଡ୍ରୁ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ସଞ୍ଜୀବ ଖନ୍ନା, ବିଆର ଗଭାଇ, ସୂର୍ଯ୍ୟକାନ୍ତ ଏବଂ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ ଶନିବାର ମାମଲାର ଶୁଣାଣି କରି କଲକାତା ହାଇକୋର୍ଟଙ୍କ ଏକକ ଖଣ୍ଡପୀଠ ଏବଂ ଖଣ୍ଡପୀଠ ଦେଇଥିବା ଆଦେଶ ଏବଂ ଶୁଣାଣି ଉପରେ କଟକଣା ଲଗାଇ ଦେଇଛନ୍ତି। ଏହା ଉପରେ ପଶ୍ଚିମବଙ୍ଗ ସରକାର ଏବଂ ମୂଳ ଆବେଦନକାରୀଙ୍କୁ ନୋଟିସ ଜାରି କରିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ନିଜ ପରିସର ବାହାରକୁ ଯାଇ ଡିଭିଜନାଲ ବେଞ୍ଚ ନିର୍ଦ୍ଦେଶ ଦେଇଥିବା ପ୍ରତୀତ ହେଉଛି। କାରଣ ବିନା ଆବେଦନରେ ସ୍ଥଗିତ ନିର୍ଦ୍ଦେଶ ପାରିତ କରାଯାଇଛି। ଏହା ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ରାୟ ବିରୋଧୀ।

### ହାଇକୋର୍ଟଙ୍କ ଶୁଣାଣି ଉପରେ ଲାଗିଲା କଟକଣା



ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟ — ଜଷ୍ଟିସ୍ ସୋମେନ ସେନ

ଗତ ୨୪ ତାରିଖରେ କଲକତା ହାଇକୋର୍ଟର ଜଷ୍ଟିସ ଗଙ୍ଗୋପାଧ୍ୟାୟଙ୍କ ଏକକ ଖଣ୍ଡପୀଠ ଜାଲ୍ ଜାତି ପ୍ରମାଣପତ୍ର ମାମଲାର ଶୁଣାଣି କରିଥିଲେ। ସେ ସିବିଆଇକୁ ତଦନ୍ତ ଦାୟିତ୍ୱ ପ୍ରଦାନ କରିବାକୁ ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ରାଜ୍ୟ ସରକାରଙ୍କ ଅନୁରୋଧରେ ହାଇକୋର୍ଟଙ୍କ ଜଷ୍ଟିସ ସୋମେନ ସେନଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ପୁଣିଥରେ ମାମଲାର ଶୁଣାଣି କରିଥିଲେ। ସେ ଜଷ୍ଟିସ ଗଙ୍ଗୋପାଧ୍ୟାୟଙ୍କ ନିର୍ଦ୍ଦେଶ ଉପରେ କଟକଣା ଲଗାଇ ଦେଇଥିଲେ। ଏହା ସହିତ ସିବିଆଇ ରୁଜୁ କରିଥିବା ଏତଲାକୁ ରଦ୍ଦ କରିଦେଇଥିଲେ। ଜଷ୍ଟିସ ସୋମେନ କହିଥିଲେ ଯେ ରାଜ୍ୟ ଏଜେନ୍ସି ଯେଉଁ ମାମଲାର ତଦନ୍ତ କରୁଛି ତାହାର ଦାୟିତ୍ୱ ସିବିଆଇକୁ ଦେବାବେଳେ ସାବଧାନତା ସହ ହାଇକୋର୍ଟଙ୍କ କ୍ଷମତାର ବ୍ୟବହାର କରିବା ଉଚିତ। ଅସାଧାରଣ ପରିସ୍ଥିତିରେ ଏହାକୁ ପ୍ରୟୋଗ କରାଯିବା ଆବଶ୍ୟକ। ଏହା ପରେ ଜଷ୍ଟିସ ଗଙ୍ଗୋପାଧ୍ୟାୟ ପୁଣି ଏହି ମାମଲାର ଶୁଣାଣି କରି ସୋମେନ ସେନଙ୍କ ଖଣ୍ଡପୀଠଙ୍କ ନିର୍ଦ୍ଦେଶକୁ ବେଆଇନ ଘୋଷଣା କରିଥିଲେ। ମାମଲାର ସିବିଆଇ ଯାଞ୍ଚ ଜାରି ରହିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେ ସମସ୍ତ କାଗଜପତ୍ରକୁ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ପୁଲିସକୁ କହିଥିଲେ। ଜଷ୍ଟିସ ସେନଙ୍କ ବିରୋଧରେ ଏକକ ଖଣ୍ଡପୀଠ ଅନେକ ଅଭିଯୋଗ ଲଗାଇ ଥିଲେ। ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ କାମ କରୁଥିବା କହିଥିଲେ। କ୍ଷମତାରେ ଥିବା ଦଳକୁ ସୁରକ୍ଷା ଦେବା ପାଇଁ ଜଷ୍ଟିସ ସେନ ଏପରି କରିଛନ୍ତି। ତାଙ୍କର କାର୍ଯ୍ୟକଳାପ ଅସାଦାଚାରଣ ସହ ସମାନ। ସୁପ୍ରିମକୋର୍ଟ କଲେଜିୟମ ୨୦୨୧ରେ ତାଙ୍କର ବଦଳି ପାଇଁ ସୁପାରିସ କରିଥିଲେ। ଏହା ସତ୍ତ୍ୱେ ସେନ୍ କେମିତି କଲକତା ହାଇକୋର୍ଟର ବିଚାରପତି ରହିଲେ ବୋଲି ପ୍ରଶ୍ନ କରିଛନ୍ତି। କିଛି ଦିନ ତଳେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାଲାର ଶୁଣାଣି କରିଥିବା ଜଷ୍ଟିସ ଅମୃତା ସିହ୍ନାଙ୍କୁ ସେ ନିଜ ଚ୍ୟାମ୍ବରକୁ ଡାକିଥିଲେ। ଅଭିଷେକ ବାନାର୍ଜୀଙ୍କ ରାଜନୈତିକ କ୍ୟାରିୟର ଅଛି। ତେଣୁ ତାଙ୍କ ସମସ୍ୟାରେ ନ ପକାଇବା ପାଇଁ କହିଥିଲେ। ପରେ ଜଷ୍ଟିସ ଅମୃତା ଏହାର ସୂଚନା କଲକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଦେଇଥିଲେ। ସେ ଏ ବିଷୟରେ ସିଜେଆଇଙ୍କୁ ଅବଗତ କରାଇଥିଲେ ବୋଲି ଜଷ୍ଟିସ ଗଙ୍ଗୋପାଧ୍ୟାୟ ଅଭିଯୋଗ କରିଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-213 ◆BHUBANESWAR ◆SUNDAY ◆28 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୩ ◆ଭୁବନେଶ୍ୱର ◆ରବିବାର ◆୨୮ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


## ୩୧ ଯାଏଁ ପାଗ ଶୁଖିଲା

■ **ଭୁବନେଶ୍ୱର, ୨୭ ।୧(ସମିସ):** ଆସନ୍ତା ୩୧ ତାରିଖ ଯାଏଁ ରାଜ୍ୟରେ ପାଗ ପ୍ରାୟତଃ ଶୁଖିଲା ରହିବ। ୩୧ ତାରିଖ ପରଠାରୁ ରାଜ୍ୟର କେତେକ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଲେଟିନ୍ ଜାରି କରାଯାଇ ସୂଚନା ଦିଆଯାଇଛି। କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ, ୩୧ ତାରିଖରେ ଝାରସୁଗୁଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବ। ବାକି ଜିଲ୍ଲାମାନଙ୍କରେ ପାଗ ଶୁଖିଲା ରହିବ। ସେହିପରି ୧ ତାରିଖରେ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର କେତେକ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିବା ବେଳେ ୨ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ହାଲୁକା ବର୍ଷା ହୋଇପାରେ। ଅନ୍ୟପକ୍ଷରେ ୨୭ ତାରିଖ ରାତିରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରେ ପ୍ରବଳ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଶୀତ-ଲହରୀ ନେଇ ସତର୍କ ସୂଚନା ଜାରି କରାଯାଇଛି।






### ସମସ୍ତ ପୌରାଞ୍ଚଳରେ ପାଳନ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ପ୍ରତି ୱାର୍ଡରେ ବୁଲିବ ଓଡ଼ିଆ ଅସ୍ମିତା ରଥ

■ **ଭୁବନେଶ୍ୱର, ୨୭ ।୧ (ସମିସ):** ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ଭୁବନେଶ୍ୱର ସ୍ଥିତ ଜନତା ମଇଦାନ ଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବ। ଏହି ସମୟରେ ରାଜ୍ୟର ସମସ୍ତ ପୌରାଞ୍ଚଳରେ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ନେଇ ପୌର ନିର୍ଦ୍ଦେଶକ ସମସ୍ତ ମହାନଗର ନିଗମର କମିଶନର ଏବଂ ପୌର ପରିଷଦ ତଥା ଏନ୍ଏସିର ନିର୍ବାହୀ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର, ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ଭୁବନେଶ୍ୱରରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଉଛି। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ବୁଦ୍ଧିଜୀବୀ ମାନେ ଯୋଗଦେବେ।

**୩ରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**




ଶ୍ରୀ ନାୟକ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ଓଡ଼ିଆ ଭାଷା ସମ୍ମିଳନୀକୁ ବ୍ୟାପକ କରିବା ନିମନ୍ତେ ସବୁ ସହରାଞ୍ଚଳ, ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କରେ ଏହା ପାଳନ କରିବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ତର୍କ, ପ୍ରବନ୍ଧ ଓ ତତ୍କାଳ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମ୍ମିଳନୀର ଯଥାର୍ଥ ଆୟୋଜନକୁ ଦୃଷ୍ଟିରେ ରଖି ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଓଡ଼ିଆ ଅସ୍ମିତା ରଥର ପରିକ୍ରମା କରାଯିବ। ଓଡ଼ିଆରେ ସାଇନ୍ ବୋର୍ଡ, ବିଲ୍‌ବୋର୍ଡ, ହୋର୍ଡିଂ ଗୁଡିକ ଲେଖାଯିବା ଉପରେ ଅଧିକାରୀମାନେ ଗୁରୁତ୍ୱ ଦେବେ।

### ସ୍ମରଣୀୟ ହେବ ଭାଷା ସମ୍ମିଳନୀ

## ସମ୍ବର୍ଦ୍ଧିତ ହେବେ ପଦ୍ମଶ୍ରୀ, ଜ୍ଞାନପୀଠ, ସାହିତ୍ୟ ଏକାଡେମୀ ବିଜେତା

■ **ଭୁବନେଶ୍ୱର, ୨୭ ।୧ (ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ତାରିଖରୁ ତିନିଦିନ ଧରି ସ୍ଥାନୀୟ ଜନତା ମଇଦାନ ଠାରେ ଆୟୋଜିତ ହେବ। ଏଥିରେ ଦେଶ ବିଦେଶର ଐତିହାସିକ, ଭାଷାବିତ୍, ଗବେଷକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଯୋଗଦେଇ ଓଡ଼ିଆ ଭାଷାର ମହନୀୟ ଅତୀତ ଓ ଭବିଷ୍ୟତର ପ୍ରାସଙ୍ଗିକତା ସମ୍ପର୍କରେ ତର୍କ ଭିତ୍ତିକ ଓ ମାର୍ମିକ ତର୍ଜମା କରିବେ। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ପାଇଁ ରାଜ୍ୟ ସରକାର ଆଜି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସମ୍ମିଳନୀରେ ଭାଷା, ସାହିତ୍ୟ, କଳାକୃତି ଆଦି କ୍ଷେତ୍ରରେ ଅବଦାନ ଥିବା ତଥା ବିଭିନ୍ନ ପୁରସ୍କାର ବିଜେତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି।

ଭାଷା ସମ୍ମିଳନୀ ଅବସରରେ ମହାନ ଐତିହାସିକ ପଦ୍ମଶ୍ରୀ ହରମାନ କୁଲକେଙ୍କ ସମେତ ପଦ୍ମ ପୁରସ୍କାର ବିଜେତା ୫୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିଭଳି ଜ୍ଞାନପୀଠ ପୁରସ୍କାର ଏବଂ ଜୀବନବ୍ୟାପୀ ସାଧନା ନିମନ୍ତେ ମଧ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ, କେନ୍ଦ୍ର ସାହିତ୍ୟ ଏକାଡେମୀ, ସରସ୍ୱତୀ ସମ୍ମାନ ଓ ମୂର୍ତ୍ତିଦେବୀ ପୁରସ୍କାରପ୍ରାପ୍ତ ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଅନ୍ୟପକ୍ଷରେ ଜୟଦେବ, ଧର୍ମପଦ, ଅତିବଡ଼ି ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ▶ପୃଷ୍ଠା-୧୮

## ଗହଣା ଦୋକାନରୁ ହାତୀଦାନ୍ତ ଜବତ



**ମୂଲଚାଲ ବେଳେ ଧରାପଡ଼ିଲେ ୩**

■ **ଦେବଗଡ଼, ୨୭ ।୧ (ସମିସ):** ଦେବଗଡ଼ ସହରର ମା' ତାରିଣୀ ଗହଣା ଦୋକାନରୁ ୮କେଜି ୯ଶହ ଗ୍ରାମର ୨ଟି ହାତୀଦାନ୍ତ ଜବତ ହୋଇଛି। ମୂଲଚାଲ ବେଳେ ବନବିଭାଗ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଗହଣା ଦୋକାନୀ ଲାଲୁସାହିର ପ୍ରେମରାଜ ସାହୁ, ବଣିଆସାହିର ସମୀର କପରଦାର ଓରଫ ବାପି ଏବଂ ଦିଲ୍ଲୀର ରାଜେଶ କୁମାର। ହାତୀଦାନ୍ତ ସହ ଏମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍ ଓ ଏକ କାର୍ ମଧ୍ୟ ଜବତ ହୋଇଛି।

ଏହି ଗହଣା ଦୋକାନରେ ୨ଟି ହାତୀଦାନ୍ତ ଥିବା ଓ ବିକ୍ରି ପାଇଁ ମୂଲଚାଲ ଚାଲିଥିବା କୌଣସି ସୂତ୍ରରୁ ଦେବଗଡ଼ ବନ ବିଭାଗ ସୂଚନା ପାଇଥିଲା। ଏହା ପରେ ୨ଟି ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ତେବେ ଏହା କେଉଁଠୁ ଓ କିଭଳି ଆସିଲା, ତାହା ସ୍ପଷ୍ଟ ହୋଇପାରିନାହିଁ। ଘଟଣାରେ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ କହିଛନ୍ତି।

### ‘ଆଦିବାସୀ ମେଳା-୨୦୨୪’ ଉଦ୍‌ଘାଟିତ

## ଜନଜାତିମାନେ ଆମର ଗର୍ବ ଓ ଗୌରବ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୭।୧ (ସମିସ):** ଜନଜାତିମାନେ ଆମର ଗର୍ବ ଓ ଗୌରବ। ଜନଜାତିମାନଙ୍କର ଉନ୍ନତି ଓ କଲ୍ୟାଣ ତଥା ସେମାନଙ୍କ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ଜନଜାତି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଆଦିବାସୀ ସଂସ୍କୃତି ସହ ପରିଚିତ କରିବା ପାଇଁ ଭାଷା ଲ୍ୟାବ୍ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି। ଜାତୀୟସ୍ତରୀୟ ଜନଜାତିଙ୍କ କଳାକୁ ସ୍ୱତନ୍ତ୍ର ପରିଚୟ ମିଳି ପାରିଛି। ଆମ ରାଜ୍ୟରେ ଆଦିବାସୀ ମେଳା ଖୁବ୍ ଲୋକପ୍ରିୟ କାର୍ଯ୍ୟକ୍ରମ।



**୧୦୯ ଷ୍ଟଲରେ ଜନଜାତିଙ୍କ ହସ୍ତଶିଳ୍ପ ସାମଗ୍ରୀ**

**ବିଭିନ୍ନ ସମ୍ପ୍ରଦାୟର ୧୦ଜଣଙ୍କୁ ‘ଆଦିବାସୀ ପ୍ରତିଭା ସମ୍ମାନ’ ପ୍ରଦାନ**

ଏହାଦ୍ୱାରା ଜନଜାତିଙ୍କ ସାମଗ୍ରୀ ପାଇଁ ବଜାର ସୃଷ୍ଟିର ପ୍ରୟାସ କରାଯିବା ସହ ସେମାନଙ୍କର ସଂସ୍କୃତି ସହ ରାଜ୍ୟବାସୀ ପରିଚିତ ହୋଇପାରିଥାନ୍ତି ବୋଲି ରାଜ୍ୟସ୍ତରୀୟ ଆଦିବାସୀ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଦିବାସୀ ଭାଷା, ସଂସ୍କୃତି ଏକାଡେମୀ ଏବଂ ଅନୁସୂଚୀତ ଜନଜାତି ଏବଂ ଅନୁସୂଚୀତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଆଦିବାସୀ ମେଳାର ▶ପୃଷ୍ଠା-୧୮

## ଲୋକକଥା



ନୀତିଶ କୁମାର ଦଳତ୍ୟାଗ କରି
ମୁଖିଆ ହୁଅନ୍ତି ବାରବାର,
ଏଥର ହୋଇଲେ ହେବେ ସତେ ସିଏ
ବିହାର ମୁଖିଆ ନ'ଥର ।
ଏକି କ୍ଷମତା ମୋହ ତାଙ୍କର,
ଗାଦି ପାଇଁ ନିଜ ମାନ ସନମାନ
କରିଦ୍ୟନ୍ତି ସବୁ ଏକାକାର !!

## ଆସିବ ଆଉ ୧୨୦୦ ଆମ୍ବୁଲାନ୍ସ

### ରାସ୍ତାରେ ଯିବନାହିଁ ଜୀବନ; ୧୦ ମିନିଟ୍‌ରେ ମିଳିବ ସେବା

■ **ଭୁବନେଶ୍ୱର, ୨୭ ।୧ (ସମିସ):** ଆଉ ଦୁର୍ଘଟଣା ଯୋଗୁଁ ରାସ୍ତା ଉପରେ ଚାଲିଯିବ ନାହିଁ ଜୀବନ। ଫୋନ୍ ଆସିବାର ୧୦ ମିନିଟ୍ ମଧ୍ୟରେ ଆହତ, ରୋଗୀଙ୍କ ନିକଟରେ ପହଞ୍ଚିବ ସରକାରୀ ଆମ୍ବୁଲାନ୍ସ। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୨୦୨୭ ସୁଦ୍ଧା ୧୨୦୦ ନୂଆ ଆମ୍ବୁଲାନ୍ସ ଆଣିବ। ପ୍ରତି ବର୍ଷ ୩୦୦ ଲେଖାଏଁ ଆମ୍ବୁଲାନ୍ସ ରୋଗୀ ସେବାରେ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଏସବୁ ଆମ୍ବୁଲାନ୍ସରେ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ଉପଲବ୍ଧ ହେବ। ଯଦ୍ଦ୍ୱାରା ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଆହତ, ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇପାରିବ। ପ୍ରତି ୫୦୦୦୦ ଲୋକଙ୍କ ପାଇଁ ଅନ୍ତତଃ ଗୋଟିଏ ଆମ୍ବୁଲାନ୍ସ ରହିବ। ଏଥିଲାଗି ରାଜ୍ୟ ସରକାର ୧୯୦୬ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କରିଛନ୍ତି।

**ଖର୍ଚ୍ଚ ହେବ ୧୯୦୬ କୋଟି**

ସୂଚନା ଅନୁସାରେ, ରାଜ୍ୟରେ ଏବେ ସରକାରଙ୍କ ପକ୍ଷରୁ ୧୦୮ ଆମ୍ବୁଲାନ୍ସ ଜରିଆରେ ରୋଗୀ, ଆହତଙ୍କ ପରିବହନ କରାଯାଉଛି। ତେବେ ଅଧିକାଂଶ ସ୍ଥାନରେ ଆମ୍ବୁଲାନ୍ସ ପହଞ୍ଚିବା ବେଳକୁ ପ୍ରାୟ ୨୫ ମିନିଟ୍ ସମୟ ଲାଗି ଯାଉଛି। ଏହାକୁ ବିଚାର କରି ନିକଟରେ ବିଭାଗ ପକ୍ଷରୁ ୩୪୯ଟି ଆମ୍ବୁଲାନ୍ସକୁ ୧୦୮ ବ୍ୟବସ୍ଥାରେ ନିୟୋଜିତ କରାଯାଇଛି। ତଥାପି ଆମ୍ବୁଲାନ୍ସର ଅଭାବ ପରିଲକ୍ଷିତ ହେଉଛି। ତେଣୁ ପର୍ଯ୍ୟାୟକ୍ରମେ ସ୍ୱାସ୍ଥ୍ୟ ସେବାରେ ୧୨୦୦ ଆମ୍ବୁଲାନ୍ସ ନିୟୋଜନ କରିବା ଲାଗି ନିଷ୍ପତ୍ତି ହୋଇଛି। ଏଥିପାଇଁ ଆଗାମୀ କିଛି ବର୍ଷ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜରିଆରେ ୧୫୦୦ କୋଟି ଟଙ୍କା ବ୍ୟୟରେ ନୂଆ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ନୂଆ ଆମ୍ବୁଲାନ୍ସ ନିମନ୍ତେ ଆଗାମୀ ଆର୍ଥିକ ବର୍ଷରେ ▶ପୃଷ୍ଠା-୧୮

### ସୋମବାର ଓଡ଼ିଶା ଆସିବେ ଖଡ୍‌ଗେ; ଶନିବାର ମୋଦୀ

# ଶେଷ ଶୀତରେ ରାଜନୀତି ତାତି


■ **ଭୁବନେଶ୍ୱର, ୨୭ ।୧ (ସମିସ):** ୨୦୨୪ ସାଧାରଣ ନିର୍ବାଚନ ଆଉ ମାତ୍ର କେଇ ସପ୍ତାହ ବାକି । ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାକୁ ବିଶ୍ୱାସକୁ ନିଆଗଲେ ଏପ୍ରିଲ ୨ୟ ସପ୍ତାହ ସୁଦ୍ଧା ଦେଶରେ ସାଧାରଣ ନିର୍ବାଚନ ହୋଇପାରେ ଏବଂ ଫେବୃଆରୀ ୩ୟ ସପ୍ତାହ ସୁଦ୍ଧା ଦେଶରେ ବାଜିପାରେ ସାଧାରଣ ନିର୍ବାଚନ ବିଗୁଲ। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନ ହେଲା ସୁପ୍ତ ସଙ୍ଗଠନକୁ ଜାଗ୍ରତ କରିବାକୁ ପ୍ରସ୍ତୁତ ହୋଇଛନ୍ତି ରାଜ୍ୟର ଦୁଇ ବିରୋଧୀ ଦଳ କଂଗ୍ରେସ ଓ ବିଜେପି । ଆସନ୍ତା ସୋମବାର ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଓଡ଼ିଶା ଗସ୍ତ ଚୂଡ଼ାନ୍ତ ହୋଇଛି; ଅନୁରୂପ ଭାବରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି। ଯଦିଓ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମ୍ବଲପୁରରେ ଏକ ଜାତୀୟ ପ୍ରତିଷ୍ଠାନର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ନିମନ୍ତେ ଉଦ୍ଦିଷ୍ଟ ବୋଲି କୁହାଯାଉଛି; ମାତ୍ର ଏହାପରେ ଏକ ଦଳୀୟ ସମାବେଶରେ

**ଫେବୃଆରୀ ତୃତୀୟ ସପ୍ତାହ ସୁଦ୍ଧା ସାଧାରଣ ନିର୍ବାଚନ ବିଜ୍ଞପ୍ତି**

**ବିଜେପିଠାରୁ ନିଜଭୋଟ ଛଡ଼ାଇବାକୁ କଂଗ୍ରେସର ମସୁଧା**

ଉଦ୍‌ବୋଧନ କାର୍ଯ୍ୟକ୍ରମରୁ ରାଜନୀତିର ଗନ୍ଧ ବାରିଛନ୍ତି ରାଜନୈତିକ ବିଶେଷଜ୍ଞ।

ଏହି ପରିପ୍ରେକ୍ଷୀରେ ରାଜ୍ୟ କଂଗ୍ରେସ ବେଶ୍ ଉତ୍ସାହର ସହ ନିଜ ସଙ୍ଗଠନକୁ ସୁଦୃଢ଼ କରିବାକୁ ରଣନୀତି ପ୍ରସ୍ତୁତ କରିଛି । ନିଜର ଭୋଟହାର ବୃଦ୍ଧି ସହ ବିଜେପିକୁ ଯାଇଥିବା ନିଜ ଭୋଟକୁ ଫେରାଇ ଆଣିବାକୁ ଦଳ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ବିଶେଷକରି କଂଗ୍ରେସର ନୂଆ ପ୍ରଭାରୀ ଭାବେ ଡ. ଅଜୟ କୁମାର ଯୋଗଦେବା ପରେ କଂଗ୍ରେସ ପକ୍ଷରୁ ବ୍ୟାପକ ସାଂଗଠନିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଅନ୍ୟପକ୍ଷରେ ବିଜେପିର କେନ୍ଦ୍ର ମନ୍ତ୍ରୀମାନେ ଲୋକସଭା ପ୍ରବାସ କାର୍ଯ୍ୟକ୍ରମ ଅଧିନରେ ସେମାନଙ୍କର ଓଡ଼ିଶା ଗସ୍ତ ଜାରି ରଖିଥିବା ବେଳେ ରାଜ୍ୟ ୟୁନିଟ୍ ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଆରମ୍ଭ କରିଛି। କଂଗ୍ରେସର ଜାତୀୟ ସଭାପତି ଖଡ୍‌ଗେ ଓ ବିଜେପିର ଶୀର୍ଷ ନେତୃତ୍ୱ ମୋଦୀଙ୍କ ଗସ୍ତ ପରେ ରାଜ୍ୟ ରାଜନୀତିରେ ତାତି ଅନୁଭବ ହେବ ▶ପୃଷ୍ଠା-୧୮

# ଭୁର୍କୁଣ୍ଡି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି

**ଅନୁଗୋଳ,୨୭।୧(ସମିସ):** ଅନୁଗୋଳ ଜିଲ୍ଲାର ସାତକୋଶିଆ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ସୀମାବର୍ତ୍ତୀ ଭୁର୍କୁଣ୍ଡି ଏକ ଜଙ୍ଗଲ ଗ୍ରାମ ଅଟେ। ପ୍ରାୟ ୧୧୫ ବର୍ଷ ପୂର୍ବେ ବନ ବିଭାଗ ଦ୍ୱାରା ଏହି ଗ୍ରାମ ବସତି ସ୍ଥାପନ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କ ପୂର୍ବପୁରୁଷଙ୍କୁ ଜଙ୍ଗଲ ଜମି ସରକାରୀ ଭାବେ ଚାଷବାସ ଓ ଘରଦ୍ୱାର କରି ରହିବାକୁ ଅନୁମତି ଦିଆଯାଇଥିଲା। ଭୁର୍କୁଣ୍ଡି ଗ୍ରାମବାସୀ ବନ ବିଭାଗର ୮ ମାସ ଜଙ୍ଗଲ କାମ କରୁଥିବା ବେଳେ ୪ ମାସ ନିଜର ଜମିବାଡ଼ି ଚାଷ କରି ଜୀବିକା ନିର୍ବାହ କରୁଥିଲେ। ବନ ବିଭାଗ ଏବଂ ଏହି ଜଙ୍ଗଲ ଗ୍ରାମବାସୀଙ୍କ ମଧ୍ୟରେ ସୁସଂପର୍କ ରଖୁଥିଲା। ବନ ବିଭାଗର କାଠ କାଟିବା, ବାଉଁଶ କାଟିବା, ଶାଗୁଆନ୍ ପ୍ଲାଣ୍ଟେସନ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଗ୍ରାମବାସୀ କରିବା ସହିତ ଚାଷବାସ କରି ରହୁଥିଲେ ।

କହିବାକୁ ଗଲେ ସେତେବେଳେ ବନ ବିଭାଗର ଜଙ୍ଗଲ ଲାଗି ଗ୍ରାମବାସୀ ସଂପୂର୍ଣ୍ଣ ସହଯୋଗୀ ଥିଲେ। ୧୯୭୬ ମସିହାରେ ସାତକୋଶିଆ ଅଭୟାରଣ୍ୟ ଘୋଷଣା ହେଲା ଏବଂ ବନ୍ୟଜୀବ ସଂରକ୍ଷଣ ଆଇନରେ ଥିବା ପ୍ରାବଧାନ ଅନୁଯାୟୀ କଟକଣା ଆସିଲା। ଜଙ୍ଗଲର ସମସ୍ତ କାର୍ଯ୍ୟ କାଠ, ବାଉଁଶ କଟା, କେନ୍ଦୁପତ୍ର ତୋଳା, ଲଘୁ ବନଜାତ ଦ୍ରବ୍ୟ କ୍ରମଶଃ ସରକାରୀ ଭାବେ ବନ୍ଦ କରାଗଲା। ଏପରିକି ଗ୍ରାମକୁ ବିସ୍ଥାପନ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହେଲା। ସରକାରୀ ଭାବେ ୧୯୮୦ ପୂର୍ବବର୍ତ୍ତୀ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ପରିଚୟ ଦେବା ପାଇଁ ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇଲା। ଭୁର୍କୁଣ୍ଡି ସମେତ ଅଶନବାହଳ ଓ ତରଭା ଗ୍ରାମବାସୀ ତତ୍କାଳୀନ ଜଙ୍ଗଲ ମନ୍ତ୍ରୀ ଅଦ୍ୱୈତ ପ୍ରସାଦ ସିଂକୁ ଦେଖାକରି ଲିଖିତ ଅଭିଯୋଗ କରିଥିଲେ। ମାତ୍ର ସେତେବେଳେ ଏହି ଜଙ୍ଗଲ ଗ୍ରାମ ସବୁ ଅଭୟାରଣ୍ୟ ଭିତର ଗ୍ରାମ ହୋଇଥିବାରୁ ସରକାରୀ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ପାଇବାରୁ ବାଦ୍ ପଡିଲା। ଅପରପକ୍ଷରେ କେନ୍ଦ୍ର ସରକାର ଏହି ଗ୍ରାମର ବିକାଶ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ବନ ବିଭାଗକୁ ମଞ୍ଜୁର କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୭ ମସିହାରେ ସାତକୋଶିଆ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ମାନ୍ୟତା ଦିଆଗଲା।

ଅନୁଗୋଳ ଜିଲ୍ଲାର ରାଇଗୋଡ଼ା ଏକମାତ୍ର ଗ୍ରାମ କୋର୍ ଏରିଆରେ ରହିଥିବା ବେଳେ ଏହି ଜଙ୍ଗଲ ଗ୍ରାମଗୁଡିକ କୋର୍ ଏରିଆରୁ ବାଦ୍ ପଡିଥିଲା। ଯାହାଫଳରେ ତତ୍କାଳୀନ ବନଖଣ୍ଡ ଅଧିକାରୀ ଆର୍ ରଘୁପ୍ରସାଦ ରାଇଗୋଡ଼ା ଗ୍ରାମକୁ ସ୍ୱେଚ୍ଛାକୃତ ବିସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଅପରପକ୍ଷରେ ଭୁର୍କୁଣ୍ଡି ସମେତ ଅନ୍ୟାନ୍ୟ ଜଙ୍ଗଲ ଗ୍ରାମର ଗ୍ରାମବାସୀଙ୍କ ଜୀବନ ଜୀବିକାର ଉନ୍ନତି ନେଇ ସ୍ୱତନ୍ତ୍ର ଜାଇକା ଯୋଜନାରେ ଅନ୍ତର୍ଭୁକ୍ତ କରି ବିକାଶ ଯୋଜନା କାର୍ଯ୍ୟକାରୀ କରାଇଥିଲେ। ସାତକୋଶିଆ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ସୀମା ପରିବର୍ତ୍ତନ ହୋଇ ୨୦୧୮ ମସିହାରେ ଏକ ପୁନର୍ବାର ବିଜ୍ଞପ୍ତି ପ୍ରକାଶ ପାଇଲା। ଏହି ବିଜ୍ଞପ୍ତି ଆଧାରରେ ଭୁର୍କୁଣ୍ଡି ସମେତ ୧୦୪ ଗ୍ରାମ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ବାଦ୍ ଦିଆଗଲା।

ବର୍ତ୍ତମାନ ଭୁର୍କୁଣ୍ଡି ଏକ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ବାହାର ଗ୍ରାମ ଅଟେ। ଗତ ୨୦୨୩ ଅକ୍ଟୋବର ୯ରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି ହୋଇଥିବା ନୋଟିସ୍ ଅନୁଯାୟୀ ଭୁର୍କୁଣ୍ଡି ଏକ ଇକୋସେନସିଟିଭ୍ ଅଞ୍ଚଳର ଗ୍ରାମ ଭାବେ ଚିହ୍ନଟ ହୋଇଛି। ମାତ୍ର ବନ ବିଭାଗ ଅନୁଗୋଳ ଜିଲ୍ଲା ପ୍ରଶାସନକୁ ଭୁଲ୍ ତଥ୍ୟ ଦେଇ ଏହି ଗ୍ରାମକୁ ସ୍ୱେଚ୍ଛାକୃତ ବିସ୍ଥାପନ ନାମରେ ଉଚ୍ଛେଦ କରିବାକୁ ଉଦ୍ୟମ ଜାରି ରଖିଛି। ବନ୍ୟଜୀବ ସଂରକ୍ଷଣ ଆଇନ୍ ୧୯୭୨ ଏବଂ ସଂଶୋଧିତ ୨୦୨୨ ର ଧାରା ୩୮ (ଭି) ଧାରାରେ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ କେବଳ କୋର୍ , ସଂକଟାପନ୍ନ ବ୍ୟାଘ୍ର ବାସସ୍ଥଳୀ ଏବଂ ସଂକଟାପନ୍ନ ବନ୍ୟଜୀବ ବାସସ୍ଥଳୀ ଏରିଆରୁ ହେବା ପାଇଁ ବ୍ୟବସ୍ଥା ରହିଛି। ଅନ୍ୟ ପକ୍ଷରେ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ସଂରକ୍ଷଣ ଓ ସୁପରିଚାଳନା ନେଇ ଜମି ଅଧିଗ୍ରହଣ ଆବଶ୍ୟକତା ଉପୁଜିଲେ, ଏହି ଆଇନର ୨୪ ଧାରାକୁ ପ୍ରୟୋଗ କରାଯିବାର ବ୍ୟବସ୍ଥା ରହିଛି। ଏହି ଧାରାକୁ ପ୍ରୟୋଗ କରାଗଲେ ବିସ୍ଥାପିତ ଗ୍ରାମବାସୀ ଜମିବାଡ଼ି, ଘରଦ୍ୱାର ଓ ଅନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ସଠିକ୍ ମୂଲ୍ୟ ସରକାରୀ ବ୍ୟବସ୍ଥାରେ ସ୍ୱତନ୍ତ୍ର ସୁବିଧା ପାଇବା ପାଇଁ ଧାର୍ଯ୍ୟ ରହିଛି । ଭୁର୍କୁଣ୍ଡି ଗ୍ରାମ ସମେତ ଅନ୍ୟ ଗ୍ରାମ ଅଭୟାରଣ୍ୟର ବାହାର ଗ୍ରାମ ହୋଇଥିବାରୁ ଆଇନର ୨୪ ଧାରାକୁ ପ୍ରୟୋଗ କରିବାର ଆବଶ୍ୟକତା ରହିଛି। ମାତ୍ର ସାତକୋଶିଆ ବନଖଣ୍ଡ ପକ୍ଷରୁ ଜାଣିଶୁଣି ଜିଲ୍ଲା ପ୍ରଶାସନକୁ ଭୁଲ୍ ତଥ୍ୟ ଦେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ କମିଟିରେ ଗ୍ରାମଗୁଡିକୁ ସ୍ୱେଚ୍ଛାକୃତ ବିସ୍ଥାପନ ନାମରେ ବିଭିନ୍ନ ସମୟରେ ରିଜୋଲୁସନ୍ କରାଉଥିବା ଜଣାଯାଇଛି। ଭୁର୍କୁଣ୍ଡି ଜଙ୍ଗଲ ଗ୍ରାମଠାରୁ ଅଳ୍ପ ଦୂରରେ ପିଚୁ ରାସ୍ତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଓ ଶିକ୍ଷା ସେବା ରହୁଥିବା ବେଳେ ଗ୍ରାମର ଅଧିକାଂଶ ପ୍ରଜା ପକ୍କାଘର କରି ସୁବିଧାରେ ରହିଛନ୍ତି। ଗ୍ରାମକୁ ବିସ୍ଥାପନ ନେଇ ବନ ବିଭାଗ ପକ୍ଷରୁ ଗାଁରେ ବାରମ୍ବାର ସଭା ସମିତି କରାଯାଉଛି। ଗ୍ରାମବାସୀ ଗାଁରୁ ଉଚ୍ଛେଦ ହେବା ପାଇଁ ବାରମ୍ବାର ମନା କରିବା ପରେ ଗତ ଅଗଷ୍ଟ ୧୨ ରେ ଅନୁଗୋଳ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଗ୍ରାମକୁ ଯାଇ ବୁଝାସୁଝା କରିଥିଲେ। ମାତ୍ର ଗ୍ରାମବାସୀ ଗାଁରୁ ବିସ୍ଥାପନ ନ ହେବାକୁ ରୋକଠୋକ୍ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏପରିକି ଗ୍ରାମବାସୀ ଲିଖିତଭାବେ ଜଙ୍ଗଲ ବିଭାଗର ସଚିବ ଓ ଅନ୍ୟ ଅଧିକାରୀଙ୍କୁ ଗାଁରୁ ଉଚ୍ଛେଦ ନ ହେବା ପାଇଁ ଜଣାଇଅଛନ୍ତି।

## ଗ୍ରାମକୁ ବିସ୍ଥାପନ କରିବା ପାଇଁ ବନ ବିଭାଗର ଉଦ୍ୟମ
## ଗ୍ରାମବାସୀଙ୍କୁ ଭୟଭୀତ କରାଯାଉଥିବା ଅଭିଯୋଗ

ଏସବୁ ସତ୍ତ୍ୱେ ବନ ବିଭାଗ ଗାଁରେ ବାରମ୍ବାର ଉସୁକାଇବା, ଭୟଭୀତ କରିବା ସହିତ ଗାଁକୁ ବିଭାଜିତ କରିବାରେ ଉଦ୍ୟମ ଜାରି ରଖିଛି। ଗ୍ରାମକୁ ଯେନତେନ ପ୍ରକାରେ ଉଠାଇବାକୁ ତଳିଆ କର୍ମଚାରୀଙ୍କୁ ଡିଏଫ୍ଓ ସରୋଜ କୁମାର ପଣ୍ଡା ବାରମ୍ବାର ତାଗିଦ୍ କରୁଥିବାର ଅଭିଯୋଗ ହୋଇଛି। ଏପରିକି ଗାଁରେ କୌଣସି ଗ୍ରାମସଭା ନ ହୋଇ ଜୋରଜବରଦସ୍ତ କିଛି ଲୋକଙ୍କ ନାମରେ ପାସ୍ ବହି ଖୋଲାଯାଇ ଟଙ୍କା ଜମା ଦିଆଯାଇଥିବାର ବିଶେଷ ସୂତ୍ରରୁ ଜଣାଯାଇଛି। ସରକାରୀ ଆଇନ୍, ନୀତି ନିୟମକୁ ବନ ବିଭାଗ ଆଦୌ କାର୍ଯ୍ୟକାରୀ ନ କରି ଏକ ପ୍ରକାର ଜୋରଜବରଦସ୍ତ ବିସ୍ଥାପନ କରୁଥିବା ଉଦ୍ୟମ କରିବା ନେଇ ଉଚ୍ଚ ନ୍ୟାୟାଳୟ, ମାନବ ଅଧିକାର କମିଶନ ଏବଂ ଏସଟି କମିଶନଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସରକାରଙ୍କ ୧୯୮୦ ପୂର୍ବବର୍ତ୍ତୀ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାରେ ଭୁର୍କୁଣ୍ଡି ଗ୍ରାମ ବଞ୍ଚିତ ଥିବା ବେଳେ ଜଙ୍ଗଲ ଅଧିକାର ଆଇନ୍-୨୦୦୬ ଆସିବା ପରେ ଗ୍ରାମବାସୀ ନିଜର ମୌଳିକ ସୁବିଧା ପାଇବାକୁ ନେଇ ଆଶାବାଦୀ ଥିଲେ ଏବଂ ବହୁବାର ପ୍ରଶାସନକୁ ଜଣାଇଛନ୍ତି ମଧ୍ୟ। ତତ୍କାଳୀନ ବନ ଅଧିକାରୀ ଆର୍ ରଘୁପ୍ରସାଦ ଗାଁ ଲୋକଙ୍କ ନାମରେ ଜଙ୍ଗଲ ଜମିର ବ୍ୟକ୍ତିଗତ ସ୍ୱୀକୃତି ମୂଳକ ସ୍ୱତ୍ୱ ପ୍ରଦାନ କରିଥିଲେ। ଗାଁରେ ଗ୍ରାମବାସୀ ବ୍ୟକ୍ତିଗତ ଜଙ୍ଗଲ ଜମିର ସ୍ୱତ୍ୱ ଓ ସ୍ୱୀକୃତି ପାଇଥିବା ବେଳେ ଶ୍ରୀ ପ୍ରସାଦଙ୍କ ବଦଳି ପରେ ରାଜସ୍ୱ ଗ୍ରାମର ମାନ୍ୟତା ଦେବାରେ ପରବର୍ତ୍ତୀ ଡିଏଫ୍ଓମାନେ କାର୍ଯ୍ୟ କଲେନାହିଁ। ବର୍ତ୍ତମାନ ରାଜ୍ୟ ସରକାର ସମସ୍ତ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଏବଂ ଗୋଷ୍ଠୀଗତ ଜଙ୍ଗଲ ଅଧିକାରରର ସୀକୃତି ଦେବା ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି।

ଏହି ଯୋଜନା ଶୁଣିବା ପରେ ଭୁର୍କୁଣ୍ଡି ଗ୍ରାମବାସୀ ଆଶ୍ୱସ୍ତ ହେବା ସହିତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗତ ନଭେମ୍ବର ମାସ ୬ ତାରିଖରେ ଅନୁଗୋଳ ଜିଲ୍ଲାପାଳ ନୋଟିସ୍ ନଂ ୨୬୧୩ ବଳରେ ଏକ ସାଧାରଣ ବିଜ୍ଞାପନ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜଣାଇବା ପରେ ଭୁର୍କୁଣ୍ଡି ଗ୍ରାମବାସୀ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ଆଶାବାଦୀ ଅଛନ୍ତି। ଅପରପକ୍ଷରେ କୌଣସି ଲିଖିତ ଭାବେ ନ ଜଣାଇ ସାତକୋଶିଆ ଡିଏଫଓ ଓ ଅନ୍ୟ ଅଧିକାରୀ ଗାଁକୁ ରାଜସ୍ୱ ଗ୍ରାମ କରାଯିବ ନାହିଁ ବୋଲି କହିଥିବା ଏକ ବିଶେଷ ସୂତ୍ରରୁ ଜଣାଯାଇଛି। ସାତକୋଶିଆର ଭୁର୍କୁଣ୍ଡି ସମେତ ଅନ୍ୟ ଗ୍ରାମକୁ ବେଆଇନ୍ ଭାବେ ଉଠାଇବାକୁ ବନଖଣ୍ଡ ଅଧିକାରୀ ଏକ ପ୍ରକାର ଷଡ଼ଯନ୍ତ୍ର କରୁଥିବା ନେଇ ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ଦୃଢ଼ ଅଭିଯୋଗ କରିଛି। ସମିତିର ସଭାପତି ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନବକିଶୋର ବିଶୋଇ ଡିଏଫଓଙ୍କ ବେଆଇନ୍ କାର୍ଯ୍ୟଧାରା ଏବଂ ଜିଲ୍ଲା ପ୍ରଶାସନର ଅହେତୁକ ସମର୍ଥନକୁ ନ୍ୟାୟଳୟ ଏବଂ ବିଭିନ୍ନ କମିସନଙ୍କ ପାଖରେ ଅଭିଯୋଗ କରାଯାଇଥିବା ପ୍ରକାଶ କରିଛନ୍ତି।

# ଚୋରା ଲୁହା ସ୍କ୍ରାପ୍ ବୋଝେଇ ଟ୍ରକ୍ ଜବତ; ୩ ଗିରଫ


**ତାଳଚେର ସହର,୨୭।୧(ସମିସ):** ଅନୁଗୁଳ ଜିଲ୍ଲା ତାଳଚେର ଥାନା ପୁଲିସ ଏକ ଚୋରା ଲୁହା ସ୍କ୍ରାପ୍ ବୋଝେଇ ଟ୍ରକ୍ ( ଜେଏଚ ୦୫ ସିଏକ୍ସ ୯୧୫୧ ) କୁ ଜବତ କରି ଟ୍ରକ ମାଲିକ ଉତ୍ତରପ୍ରଦେଶର ଅଜମଗଡ଼ ଜିଲ୍ଲାର କମଲେଶ କୁମାର (୪୫) , ଟ୍ରକ ଚାଳକ ଉତ୍ତରପ୍ରଦେଶ ରାଜ୍ୟ ଗାଜିପୁର ଜିଲ୍ଲା ସାରେନ୍ୟ ଅଞ୍ଚଳର ସଞ୍ଜୟ କୁମାର (୨୭) ଏବଂ ହେଲପର ଅଜୟ କୁମାର (୨୯) ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ତାଳଚେର ଆଡୁ ଏକ ଚୋରା ଲୁହା ସ୍କ୍ରାପ ବୋଝେଇ ଗାଡ଼ି ତାଳବେଡ଼ା ଛକ ଆଡ଼କୁ ଆସୁଥିବା ବେଳେ ସେଥିରେ ଚୋରା ଲୁହା ସ୍କ୍ରାପ୍ ଥିବା ନେଇ ବିଶେଷ ସୂତ୍ରରୁ ପେଟ୍ରୋଲିଂ କରୁଥିବା ତାଳଚେର ଥାନାର ଏସଆଇ ସରୋଜିନୀ ବେହେରା ଜାଣିବାକୁ ପାଇଥିଲେ। ପରେ ତାଳବେଡା ଛକଠାରେ ଅନ୍ୟ କର୍ମଚାରୀଙ୍କ ସହ ଗାଡ଼ିକୁ ଜଗି ରହିଥିଲେ। ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ଗାଡ଼ିଚାଳକ ଥାନା ଗାଡ଼ି ଦେଖି ଦ୍ରୁତ ଗତିରେ ଚାଲିଯାଇଥିଲେ। ପୁଲିସ ଗାଡ଼ି ଗୋଡ଼ାଇ ଉକ୍ତ ଚୋରା ଲୁହା ସ୍କ୍ରାପ୍ ବୋଝେଇ ଟ୍ରକକୁ କାବୁ କରିବାରେ ସଫଳ ହୋଇଥିଲା। ଗାଡ଼ି ଅଟକାଇ ଡ୍ରାଇଭରଙ୍କୁ ଲୋଡ ହୋଇଥିବା ଲୁହା ସ୍କ୍ରାପର କାଗଜପତ୍ର ମାଗିବାରୁ ଡ୍ରାଇଭର ସେସବୁ ଦେବାକୁ ଅକ୍ଷମ ହୋଇଥିଲେ। ପରେ ପୁଲିସର ପଚରା ଉଚୁରାରୁ ଡ୍ରାଇଭର ମାନିଥିଲେ କି ମାଲିକ କମଲେଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଚୋରା ଲୁହା ସ୍କ୍ରାପ ବୋଝେଇ କରି ବିକିସର ଛକ ସ୍ଥିତ କବାଡ଼ି ଦୋକାନକୁ ବିକ୍ରିକରିବା ପାଇଁ ନେଉଥିଲେ। ସମସ୍ତ ଘଟଣା ଜାଣିବା ପରେ ପୁଲିସ ଟ୍ରକ ମାଲିକ , ଡ୍ରାଇଭର ଏବଂ ହେଲପରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଥିଲେ।

# ରେଳଧାରଣାରୁ ମିଳିଲା ମୃତଦେହ



**ଅନୁଗୋଳ,୨୭।୧(ସମିସ):** ଅନୁଗୋଳ ଷ୍ଟେସନ ନିକଟ ରେଳ ଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଛେଣ୍ଡିପଦା ଥାନା ବ୍ରହ୍ମଣବିଲ ଗ୍ରାମର ରଞ୍ଜନ ସାହୁଙ୍କ ପୁଅ ଲିପନ ସାହୁ। ସେ ଗତ ୫/୬ ବର୍ଷ ହେବ ଭାରତୀୟ ରେଳ ବିଭାଗରେ ଲୋକୋ ପାଇଲଟ ଭାବରେ କାର୍ଯ୍ୟ କରୁଥିଲେ। କିଛିଦିନ ହେଲା ତାଙ୍କର ପଲାସା ଷ୍ଟେସନ ବଦଳି ହୋଇଥିବା ବେଳେ ସେଠାରେ ଜୁନିୟର ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଥିଲେ। ହେଲେ କିଛିଦିନ ସେଠାରେ କାର୍ଯ୍ୟକରିବା ପରେ ସେଠାରୁ ତାଙ୍କର ଅନୁଗୋଳ ଷ୍ଟେସନକୁ ପୁନଃବଦଳି ହୋଇଥିଲା । ଯାହା ଫଳରେ ସେ ଗତକାଲି ଅନୁଗୋଳ ଷ୍ଟେସନରେ ରିପୋର୍ଟିଂ କରିବା ସହ କାର୍ଯ୍ୟରେ ଜଏନ୍ କରିଥିଲେ । ପରେ ସେ ଅନୁଗୋଳରେ ରହୁଥିବା ଜଣେ ସାଙ୍ଗ ପାଖକୁ ଯାଇ ସେଠାରେ ରହିଥିଲେ। ଆଜି ସକାଳ ୮ ଘଟିକାରୁ ରୁମ୍ ରୁ ବାହାରି ଡ୍ୟୁଟି ଆସିଥିଲେ । ହେଲେ ୯ ଟା ବେଳେ ଅନୁଗୋଳ ଷ୍ଟେସନ କଲୋନୀ ନିକଟସ୍ଥ ରେଳ ଧାରଣାରୁ ଲିପନଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରିଥିଲା ରେଳବାଇ ପୁଲିସ। କିଛି ମାସ ପରେ ତାଙ୍କର ବିବାହ ହୋଇଥାନ୍ତା। ହେଲେ ଆଜି ତାଙ୍କର ଏଭଳି ମୃତ୍ୟୁ ସମସ୍ତଙ୍କୁ ଚକିତ କରିଥିବା ବେଳେ ମୃତ୍ୟୁ କେମିତି ହେଲା ତାହା ଜଣାପଡ଼ିନାହିଁ। ଅନୁଗୋଳ ରେଳବାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ମୋଟର ସାଇକଲ ପୋଡ଼ିଦେଲେ ଦୁର୍ବୃତ୍ତ



**ଛେଣ୍ଡିପଦା,୨୭।୧(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପାତ୍ରପଡ଼ା ପଞ୍ଚାୟତର ପିପଳବାହଳ ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ଏକ ଘର ଅଗଣାରେ ଦୁର୍ବୃତ୍ତମାନେ ଏକ ମୋଟର ସାଇକଲକୁ ପୋଡ଼ିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଖାମର ଗ୍ରାମରୁ ଗଡ଼ମଣ୍ଡଳ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ପିପଳବହାଳ ଗ୍ରାମର ରବିନ୍ଦ୍ର ସାହୁ ତାଙ୍କ ଘର ଅଗଣାରେ ମୋଟର ସାଇକଲ ରଖି ଘରେ ଥିଲେ । ରାତି ୧୦ଟା ବେଳେ କେହି ମୋଟର ସାଇକଲ ଓ ଏକ ସାଇକଲକୁ ପୋଡ଼ି ଦେଇଥିଲେ । ଏ ନେଇ ରବୀନ୍ଦ୍ର ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ବାଗଡ଼ିଆ ଥାନା କେସ ନଂ ୨୮/୨୪ରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ପରୀକ୍ଷଣ ଉପକରଣ ପ୍ରଦାନ



**ଅନୁଗୋଳ, ୨୭।୧(ସମିସ) :** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ପରୀକ୍ଷଣ ଉପକରଣ ଯୋଗାଇଲେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ପ୍ରତ୍ୟେକ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ହେଉଥିବା ବେଳେ ପଲିଥିନ, ଧୋତି, ପ୍ଲାଷ୍ଟିକ ଡବା କିମ୍ବା କପଡ଼ା ପାଇଁ ଲୋକ ହଇରାଣ ହେଉଥିଲେ। ବେଳେ ବେଳେ ରାତି ଅଧିଆ ଦୋକାନୀ ମାନଙ୍କୁ ନେହୁରା ହୋଇ ଏ ସବୁ ଜିନିଷ କିଣିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟ ସରକାରଙ୍କ ରୋଗୀ ଓ ସମ୍ପର୍କୀୟଙ୍କ ଜିରୋ ଏକ୍ସପେଣ୍ଡିଚର ଲକ୍ଷ ରଖି ବିଧାୟକ ବ୍ରଜ କିଶୋର ପ୍ରଧାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି କିଟ୍ ରହିବା ବ୍ୟବସ୍ଥା କରିଛନ୍ତି। ଆଗକୁ ଜିଲ୍ଲାର ଅନ୍ୟ ଡାକ୍ତରଖାନାକୁ ମଧ୍ୟ ଏହି କିଟ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମର ଉଦଘାଟନ ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତୀ, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ ବିଶ୍ୱାଳ, ମେଡିକାଲ ମ୍ୟାନେଜର ଦିପକ ନାୟକ ଓ ସୌମ୍ୟାଶ୍ରୀ ପ୍ରଧାନ, ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଏବଂ ଚନ୍ଦ୍ରାକାନ୍ତ ପ୍ରଧାନ ଆଦି ଉପସ୍ଥିତ ଥିଲେ।

## ଆମ୍ବେଦକର ଫାଉଣ୍ଡେସନର କର୍ମକର୍ତ୍ତା ନିର୍ବାଚନ

# ଶତ୍ରୁଘନ ଅଧ୍ୟକ୍ଷ, ପ୍ରଭାତ ସମ୍ପାଦକ




**ଅନୁଗୋଳ ୨୭।୧(ସମିସ) :** ଅନୁଗୋଳ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ବାବା ସାହେବ ଆମ୍ବେଦକର ଫାଉଣ୍ଡେସନ' ଗଣତାନ୍ତ୍ରିକ ପଦ୍ଧତିରେ ଦ୍ୱିବାର୍ଷିକ ପରିଚାଳନା କମିଟି କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ନିର୍ବାଚନରେ ଅପ୍ରତିଦ୍ୱନ୍ଦ୍ୱି ଭାବେ ଅବସରପ୍ରାପ୍ତ ଜୀବନବୀମା ଅଧିକାରୀ ଶତ୍ରୁଘନ ନାଏକ ଅଧ୍ୟକ୍ଷ ଏବଂ ଜଙ୍ଗଲ ବିଭାଗ ପୂର୍ବତନ ଏସ ଓ ପ୍ରଭାତ ବେହେରା ସଂଗଠନର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ୪ ଉପାଧ୍ୟକ୍ଷ ପଦବୀରେ ସମାଜସେବୀ ଗୋପାଳ ଚନ୍ଦ୍ର ନାଏକ, ଅବସରପ୍ରାପ୍ତ ଏମସିଏଲ କର୍ମଚାରୀ ଡମ୍ବରୁଧର ନାଏକ, ପୂର୍ବତନ ସରକାରୀ କର୍ମଚାରୀ ଅକ୍ଷୟ ବେହେରା, ଲଳିତ ମୋହନ ବେହେରା, ପୂର୍ବତନ ସଂଗଠନ କୋଷାଧ୍ୟକ୍ଷ କୁମୁଦ ଚନ୍ଦ୍ର ନାଏକ ପ୍ରମୁଖ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ସହସମ୍ପାଦକ ଭାବେ ତାପସ ରଞ୍ଜନ ନାଏକ ଏବଂ କୋଷାଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବସନ୍ତ ନାଏକ ନିର୍ବାଚିତ ହୋଇଛନ୍ତି ବୋଲି ସଂଘଠନ ପକ୍ଷରୁ ପ୍ରକାଶ।

ପ୍ରାକ୍ତନ ନାଲକୋ କର୍ମଚାରୀ ତଥା କମ୍ୟୁନିଷ୍ଟ ନେତା ନାରାୟଣ ସେଠୀ ଏବଂ ସଂଗଠନର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପବିତ୍ର ପ୍ରଜ୍ଞାଶୀଳ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ନିର୍ବାଚନ କାର୍ଯ୍ୟ କ୍ରମରେ ସଂଗଠନର ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ, ସମସ୍ତ କମିଟି କର୍ମକର୍ତ୍ତା, ବରିଷ୍ଠ ଉପଦେଷ୍ଟା ମଣ୍ଡଳୀ, ଲକ୍ଷ୍ମଣା ନାଏକ, ଗୟା ନାଏକ, ଦୁର୍ଲ୍ଲଭ ନାଏକ, ପ୍ରଫୁଲ ନାଏକ, ବୈଦ୍ୟନାଥ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ ସମାପିତ




**ଅନୁଗୋଳ, ୨୭।୧(ସମିସ):** ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ 'ନୂଆ-ଓ' ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ସ୍ଥାନୀୟ ଅନୁଗୋଳ ମହିଳା ମହାବିଦ୍ୟାଳୟ ପରିସରରେ 'ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ନିରଜା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମାନରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ, ବିଶିଷ୍ଟ ସାରସତ୍ୱ ସାଧକ ତଥା କଥାକାର ଡ. କୁଳମଣୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ। ଅଧ୍ୟକ୍ଷା ଶ୍ରୀମତୀ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ସଂଯୋଜିକା ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ନନ୍ଦିନୀ ନନ୍ଦ ଜଗନ୍ନାଥ ସଂସ୍କୃତିର ମହନୀୟତା ତଥା ବ୍ୟାପକତାକୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇଥିଲେ। ପ୍ରାଧ୍ୟାପକ ଅରୁଣା ମିଶ୍ର, ଡ. ପ୍ରମୋଦ ପ୍ରଧାନ, ସ୍ୱଚ୍ଛ ସଲିଳା ମହାପାତ୍ର, ପ୍ରଭାତୀ ମିଶ୍ର, ସୁଧା ମହାନ୍ତି, ଅମିତା ଦେହୁରୀ, ବିଜୟଲକ୍ଷ୍ମୀ ବେହେରା, ସୁଶ୍ରୀ ନିକିତା ସୁମନ, ଦିଲ୍ଲୀପ ମହାପାତ୍ର, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଅଧାପକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅଙ୍କୁର ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ୟାପିତ

# ବୁବୁନ ଫାଇଟର କ୍ରିକେଟ କ୍ଲବ୍ ଚାମ୍ପିଅନ




**ଆଠମଲ୍ଲିକ,୨୭।୧(ସମିସ):** କିଶୋରନଗର ବ୍ଲକ ଅଙ୍ଗପଡ଼ାଠାରେ ଅନୁଷ୍ଠିତ ଅଙ୍କୁର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚ୍ ବୁବୁନ ଫାଇଟର କ୍ରିକେଟ କ୍ଲବ, ନାକଚି ଓ ମା' ମାହେଶ୍ୱରୀ କ୍ରିକେଟ କ୍ଲବ, ହଣ୍ଡପା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହଣ୍ଡପା ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୧୦୦ ରନ କରିଥିବା ବେଳେ ନାକଚି ୧୩ ଓଭରରେ ୫ ୱିକେଟ ହରାଇ ବିଜୟଲକ୍ଷ୍ୟ ପୂରଣ କରି ଚାମ୍ପିଅନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇଥିଲେ। ସେ ବୁବୁନ ଫାଇଟର ନାକଚି କ୍ରିକେଟ ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଆଠମଲ୍ଲିକ ଆଇନଜୀବୀ ସଙ୍ଘର ସଭାପତି ସୁଶାନ୍ତ କୁମାର ମହାପାତ୍ର ଯୋଗଦେଇ ରନର୍ସ ଅପ୍ ମା' ମାହେଶ୍ୱରୀ କ୍ରିକେଟ କ୍ଲବ, ହଣ୍ଡପା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନୋରଞ୍ଜିତ କରିବାକୁ ଓଲିଉଡ୍ ତାରକା ପ୍ରିୟା ଚୌଧୁରୀ ମଧ୍ୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟ ସମ୍ମାନିତ ଅତିଥିଭାବେ କିଶୋରନଗର ବ୍ଲକ ଅଧ୍ୟକ୍ଷା ସୈରିନ୍ଧ୍ରି ପଧାନ, ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ଅଙ୍ଗପଡ଼ା ପଞ୍ଚାୟତ ସମିତିସଭ୍ୟା ଶୈଳବାଳା ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, କ୍ଷମାନିଧି ପ୍ରଧାନ, କୁମୁଦ ପ୍ରଧାନ, ମନୋଜ ବାଘ, ସଞ୍ଜିତ ପ୍ରଧାନ, କମଳା ପ୍ରଧାନ ଯୋଗଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ନାକଚି ଦଳର ଜୁନା, ମ୍ୟାନ ଅଫ ଦି ସିରିଜ ଭାବେ ହଣ୍ଡପା ଦଳର ରଶ୍ମିଙ୍କୁ ପୁରସ୍କୃତ କରାଯାଇଥିଲା।









# ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ

**ବାଲିଚନ୍ଦ୍ରପୁର/କଟକ,୨୭ ।୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଶତାୟୁ ନୀଳମଣି ସାମଲ(୧୦୨)ଙ୍କ ଆଜି ପରଲୋକ ହୋଇଛି। ସେ କଟକ ବଡ଼ ଡାକ୍ତରଖାନା ନ୍ୟୁ-ମେଡିସିନ୍ ବିଭାଗର ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଚାରିଦିନ ତଳେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମସ୍ଥିତ ବାସଭବନରେ ତାଙ୍କର ମସ୍ତିଷ୍କାଘାତ ହୋଇଥିଲା। ତାଙ୍କୁ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ଚିକିତ୍ସା ତଦାରଖ କରୁଥିଲା। ଡାକ୍ତରମାନଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଆଜି ଅପରାହ୍ଣ ୪ଟାରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀର କଟକର ସ୍ୱରାଜ ଆଶ୍ରମରେ ରଖାଯାଇଛି। ଆସନ୍ତାକାଲି ଜନ୍ମପୀଠ ବାଲିପଡ଼ିଆର ଠକ୍କରବାପା ଆଶ୍ରମରେ ଶ୍ରଦ୍ଧାଞ୍ଜଳି ଦିଆଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାଁ ମଶାଣିରେ ସତ୍କାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।



- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜନ୍ମପୀଠ ବାଲିପଡ଼ିଆରେ ହେବ ଶେଷକୃତ୍ୟ
- ସ୍ୱାଧୀନତା ସଂଗ୍ରାମରେ ଅବଦାନ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ: ମୁଖ୍ୟମନ୍ତ୍ରୀ

ଏହି ଖବର ପ୍ରଚାରିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବ ବୟସରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ତ୍ୟାଗ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ସ୍ୱାଧୀନତା ପରେ ମଧ୍ୟ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଦେଶର ଯୁବ ସମାଜକୁ ସେବା ଓ ଦେଶପ୍ରେମର ବାର୍ତ୍ତା ଦେଇ ଆସିଥିଲେ। ତାଙ୍କ ବିୟୋଗରେ ଜଣେ ବିଶିଷ୍ଟ ସଂଗ୍ରାମୀଙ୍କୁ ଆମେ ହରାଇଲୁ। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ପ୍ରକାଶ କରିଛନ୍ତି। ସେହିପରି ସାଂସଦ ଭର୍ତ୍ତୃହରି ମହତାବ, ଯାଜପୁର-ବଡ଼ଚଣା ବିଧାୟକ ଅମର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି।

୧୯୨୩ ମସିହା ଫେବ୍ରୁଆରୀ ୨୩ରେ ବାଲିପଡ଼ିଆ ଗାଁରେ ଜନ୍ମିତ ସଂଗ୍ରାମୀ ନୀଳମଣି ୧୯୪୨ ମସିହା ଐତିହାସିକ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ବିଶେଷକରି ବଡ଼ଚଣାର ମୂଷାଟିକିରି ଗାଁରେ ଜମିଦାରଙ୍କ କଚେରୀ ଘରପୋଡ଼ି, ବାଲିଚନ୍ଦ୍ରପୁରଠାରେ ଥିବା ସରକାରୀ ଅଫିମ ଦୋକାନ ଆଗରେ ଅନ୍ୟ ସଂଗ୍ରାମୀମାନଙ୍କ ସହ ମିଶି ପିକେଟିଂ କରିବା ଏବଂ ବଡ଼ଚଣା ଥାନା ପୋଡ଼ିବା ପାଇଁ ଷଡ଼ଯନ୍ତ୍ର କରୁଥିବା ଭଳି ଅଭିଯୋଗରେ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହୋଇଥିଲେ। ଏଥିପାଇଁ ତାଙ୍କୁ ସାଢ଼େ ତିନିବର୍ଷର ଜେଲ୍ ଦଣ୍ଡାଦେଶ ହୋଇଥିଲା। ବାଲିପଡ଼ିଆର ଠକ୍କର ବାପା ଆଶ୍ରମ ସହ ଜଡ଼ିତ ରହି ସେ ସୂତାକଟା, ଅସ୍ପୃଶ୍ୟତା ଦୂରୀକରଣ, ନିଶା ନିବାରଣ ଓ ଗାନ୍ଧୀଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ରଚନାତ୍ମକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲେ। ତ । ଙ୍କ ବିୟୋଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଶିଷ୍ଟ ଗାନ୍ଧୀବାଦୀ କୃଷ୍ଣା ମହାନ୍ତି, ସାଂସଦ ଶର୍ମିଷ୍ଠା ସେଠୀ, ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ସିଡ଼ିଏ ଅଧ୍ୟକ୍ଷ ଅନୀଲ ସାମଲ, ପ୍ରଶାସକ ରଞ୍ଜନ କୁମାର ଦାସ, ପୂର୍ବତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସ୍ତମ୍ଭକାର ଶୁଭେନ୍ଦୁ କୁମାର ଭୂୟାଁ, ଓଳାଶୁଣୀ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ବିଜୟ କୁମାର ତ୍ରିପାଠୀ, ବସନ୍ତ କୁମାର ପ୍ରଧାନ, ମିହିର ପ୍ରତାପ ଦାସ, ମହେଶ୍ୱର ବଳ, ଡକ୍ଟର ଅରୁନ୍ଧତୀ ଦେବୀ, ଭକ୍ତଚରଣ ସାହୁ, କୁଳମଣି ବାରିକ, ଜୟନ୍ତ କୁମାର ରାଉତ, ସମ୍ପାଦକ ରାକେଶ କୁମାର ବାରିକ, ନାରାୟଣ ସାହୁଙ୍କ ସମେତ ଅନେକ ଶୋକ ପ୍ରକାଶ କରିଛନ୍ତି।

**ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ**

# ଗାନ୍ଧୀମାର୍ଗରେ ପତାକା ଉତ୍ତୋଳନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୭ ।୧(ସମିସ):** ଗାନ୍ଧୀମାର୍ଗରେ ୭୫ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ପରେଡ୍‌ରେ ବିଭିନ୍ନ ବିଭାଗର ୪୮ଟି କଣ୍ଟିଜେଣ୍ଟ ଭାଗ ନେଇଥିଲେ। ପଡ଼ୋଶୀ ରାଜ୍ୟ ସହ ସମନ୍ୱୟ ରକ୍ଷା ଲାଗି ପରେଡ୍‌ରେ ସାମିଲ ହୋଇଥିଲେ ଝାଡ଼ଖଣ୍ଡ ପୁଲିସ କଣ୍ଟିଜେଣ୍ଟ। ପରେଡ୍‌ରେ ୪ଟି ସାଂସ୍କୃତିକ ଦଳ, ମହର୍ଷି ଡେୟାର ଡେଭିଲସ ସାମିଲ ହୋଇଥିଲେ। ଆଇଟିବିପି, ସିଆରପିଏଫ, ଏସ୍‌ଓଜି, ଏସ୍‌ଏସ୍‌ବି, ଆଇଆରବି, ଓଏସ୍‌ଏପି, ଓଆଇଏସ୍‌ଏଫ, ଏପିଆର, ଟ୍ରାଫିକ୍, ଫାୟାର, ହୋମଗାର୍ଡ ଓ କମିଶନରେଟ୍ ପୁଲିସ କଣ୍ଟିଜେଣ୍ଟ ବି ସାମିଲ ହୋଇଥିଲେ। ପରେ ସରକାରୀ ଓ



ବେସରକାରୀ ସ୍କୁଲର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ‘୫-ଟି’ ଅଧୀନରେ ସ୍କୁଲ ରୂପାନ୍ତରଣ ପରେ ପ୍ରଥମଥର ପାଇଁ କ୍ୟାପିଟାଲ ହାଇସ୍କୁଲର ଛାତ୍ରୀ ବ୍ୟାଣ୍ଡ ବଜାଇ ପରେଡ୍‌ର ସାମିଲ ହୋଇଥିଲେ। ପରେଡରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରଜ୍ଞାପନ ମେଢ଼ ସମେତ ‘୫-ଟି’ ରୂପାନ୍ତରଣ ସ୍କୁଲ ପ୍ରଜ୍ଞାପନ ମେଢ଼ ସ୍ଥାନୀତ ହୋଇଥିଲା। ପରେଡ୍ ପାଇଁ ଗାନ୍ଧୀ ମାର୍ଗରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏଥିପାଇଁ ବିଭିନ୍ନ ର୍‌ୟାଙ୍କର ୧୬୦ ଅଫିସର, ୩୦୦ କନେଷ୍ଟବଳ, ୯୦ସେକ୍ସନ ଫୋର୍ସ ଏବଂ ୧୫୦ ହୋମ୍‌ଗାର୍ଡ ମୁତୟନ ହୋଇଥିଲେ। ସେହିଭଳି ଆଇଟିବିପି, ସିଆରପିଏଫ, ଓଏସ୍‌ଏପି ବମ୍ ଡିସ୍ପୋଜାଲ ସହ କାନାଇନ ସ୍କ୍ୱାଡ୍ ମଧ୍ୟ ମୁତୟନ ହୋଇଥିଲେ। ଆୟୋଜିତ ପରେଡ୍‌ର ନେତୃତ୍ୱ ନେଇଥିଲେ ଆଇପିଏସ୍ ଅଫିସର ଏ.ବି ଶିଲ୍ପା। ‘ରୂପାନ୍ତରଣ ପଥେ ଓଡ଼ିଶା’ ଥିମ୍‌କୁ ନେଇ ଆୟୋଜିତ ହୋଇଥିଲା ମେଢ଼। ରାଜ୍ୟ ସରକାରଙ୍କ ୧୨ଟି ବିଭାଗ ଏବଂ ଗୋଟିଏ ନିଗମ ପକ୍ଷରୁ ମୋଟ ୧୩ଟି ମେଢ଼ ଗଢ଼ିଛି। ଏହାଛଡ଼ା ବିଭିନ୍ନ ଲୋକନୃତ୍ୟ ଓ କଳା ମଧ୍ୟ ପ୍ରଦର୍ଶିତ ହୋଇଥିଲା।

**■ କ୍ରିପ୍ଟୋ-କରେନ୍ସି ନାଁରେ ନକଲି ଆପ୍ ଯୋଗେ ଠକେଇ**

# ରାଉରକେଲାରୁ ୫ ଅନ୍ତର୍ଜାତୀୟ ଠକ ଗିରଫ

**ରାଉରକେଲା,୨୭ ।୧(ସମିସ):** ରାଉରକେଲା ପୁଲିସକୁ ବଡ଼ ସଫଳତା ମିଳିଛି। କ୍ରିପ୍ଟୋ-କରେନ୍ସିରେ ପୁଞ୍ଜିନିବେଶ ଆଳରେ ଏକ ନକଲି ଆପ୍ ଯୋଗେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଏକ ଅନ୍ତର୍ଜାତୀୟ ଗ୍ୟାଙ୍ଗକୁ ଠାବ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଛତିଶଗଡ଼ ରାୟପୁର ତେଲିବନ୍ଧର ସନ୍ଦୀପ ଜୈନ୍ ଓରଫ ବିଟୁ (୪୦), ଜାମୁଲ ଭିଲାଲିନଗରର ଏମଡି ନସିମୁଦ୍ଦିନ ଓରଫ ନସିମ ଓରଫ ଅସ୍ପିରେକିଂ (୪୫), ଦୁର୍ଗ ବୈଶାଳୀନଗରର ପଙ୍କଜ ରାଓ ଓରଫ ପାଙ୍କୁ ଓରଫ ଆରଏନବି ଜେମସ ଓରଫ ରିଓ (୩୩), ନବୀନ ରାଓ ଓରଫ ସୋନୁ (୩୫) ଓ ଉଜ୍ୱଳ ଉତ୍କର୍ଷ ଓରଫ ଜାମପ୍ରିନ୍ସ (୨୨)। ପୁଲିସ୍ ଏମାନଙ୍କର ପ୍ରାୟ ୧ କୋଟି ଟଙ୍କାର ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟ ଅଚଳ କରିଦେଇଛି। ଏହାସହ ଏମାନଙ୍କଠାରୁ ଅନେକ କାଗଜପତ୍ର, ସଫ୍ଟୱେର୍ ଓ ହାର୍ଡଡିସ୍କ ଜବତ କରାଯାଇଥିବା ଶନିବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ମିତ୍ରଭାନୁ ମହାପାତ୍ର କହିଛନ୍ତି।

ଅଧିକ ସୂଚନା ଦେଇ ଡିଆଇଜି ମହାପାତ୍ର କହିଛନ୍ତି ଯେ ରାଉରକେଲା ବାସିନ୍ଦା ତଥା କେନ୍ଦ୍ର ସରକାରୀ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ ଅନଲାଇନ୍ ଆପ ଜରିଆରେ ୬୭ ଲକ୍ଷ ୭୦ ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ। ଗତ ଡିସେମ୍ବର ୩୦ରେ ସେ ଏ ସଂପର୍କରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପାନପୋଷ ଏସ୍‌ଡିପିଓ ଉପାସନା ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଉଜ୍ୱଳକୁ ଗିରଫ କରାଯିବା ପରେ ଠକେଇର ସମସ୍ତ ତଥ୍ୟ ପୁଲିସକୁ ମିଳିଥିଲା। ଏହି ଅନ୍‌ଲାଇନ ଆପ୍ ଠକେଇକୁ ନେଇ ଗିରଫ ଦୁର୍ବୃତ୍ତମାନେ କାମ୍ବୋଡିଆରେ ଏକ ସିଣ୍ଡିକେଟ୍ ଗଠନ କରି ସେମାନଙ୍କ କାୟା ବିସ୍ତାର କରିଥିଲେ। ଠକ ଦଳ ପୂରା ଭାରତ ଓ ଦକ୍ଷିଣ ଏସିଆର ବିଭିନ୍ନ ଦେଶରେ ନେଟ୍‌ୱର୍କ

## କାମ୍ବୋଡିଆରୁ ଚାଲିଥିଲା ସିଣ୍ଡିକେଟ୍

ଚଳାଇ ଆସୁଥିଲେ। ବିଭିନ୍ନ ସ୍ଥାନରେ ରହି ନକଲି ଅନଲାଇନ୍ ଆପ ଜରିଆରେ ଠକେଇ କରି ଚାଲିଥିଲେ। ବିଭିନ୍ନ ପ୍ରଡକ୍ଟ ବା ଟ୍ରେଡିଂ ଆପ ମାଧ୍ୟମରେ ଟଙ୍କା ଲଗାଇବାକୁ କୁହାଯାଉଥିଲା। ବିଶେଷକରି କ୍ରିପ୍ଟୋ କରେନ୍ସି ନାଁରେ ଟଙ୍କା ଲଗାଇବାକୁ ଆପ ଜରିଆରେ କୁହାଯାଉଥିଲା। ଯେଉଁ ଲୋକ ନୂଆ କରି ଏଥିରେ ଟଙ୍କା ଲଗାଉଥିଲେ, ସେମାନଙ୍କୁ ପରବର୍ତ୍ତୀ ସମୟରେ ଟଙ୍କା ଫେରସ୍ତ କରି ଦିଆଯାଉଥିଲା। ଏହାଦ୍ୱାରା ସେମାନେ ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଉଥିଲେ। ପରେ ଅଧିକ ଟଙ୍କା ଲଗାଇବା ପରେ ଆଉ ଟଙ୍କା ଲୋକେ ପାଉ ନ ଥିଲେ। ବେଆଇନ ନିବେଶ ଆପ୍ ଜରିଆରେ ଏହି ଠକେଇ ଚାଲିଥିଲା। ଏହି ଠକେଇ ଘଟଣା ସଙ୍ଗଠିତ ଅନ୍ତର୍ଜାତୀୟ ଅପରାଧ ସିଣ୍ଡିକେଟ୍ ସହ ଜଡ଼ିତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅପରାଧ ଅତ୍ୟନ୍ତ ଜଟିଳ ଏବଂ ଏଥିରେ ଅନେକ ଏଜେନ୍ସି ସାମିଲ ଥିବାରୁ ପୁଲିସ ଟିମ୍ ଏମଏଚଏ ଏବଂ ରାଜ୍ୟ କ୍ରାଇମବ୍ରାଞ୍ଚର ଇଣ୍ଡିଆନ ସାଇବର କ୍ରାଇମ କୋ-ଅର୍ଡିନେସନ୍ ସେଣ୍ଟରର ବୈଷୟିକ ସହାୟତା ନେଇଥିଲା। ତଦନ୍ତ ସମୟରେ ପୂର୍ବରୁ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ତଦନ୍ତ ବେଳେ ଭାରତରୁ ମୋଟ ୨୧୦ଟି ଠକେଇ ମାମଲା ଥିବା ଜଣାପଡ଼ିଥିଲା। ବିହାର, ମହାରାଷ୍ଟ୍ର, ତେଲଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଦିଲ୍ଲୀ, କେରଳ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶାରୁ ଉକ୍ତ ଅଭିଯୋଗ ହୋଇଛି। ମୁଖ୍ୟ ଅଭିଯୁକ୍ତ ଉଜ୍ୱଳ କାମ୍ବୋଡିଆ ଯାଇ ୨୦୦ଟି ଭାରତୀୟ ସିମ୍ କାର୍ଡ ଏବଂ ଭଡ଼ା ବ୍ୟାଙ୍କ ଆକାଉଣ୍ଟ ବିଦେଶୀ ନାଗରିକଙ୍କୁ ଯୋଗାଇବା ପାଇଁ ଏକ ମାସରୁ ଅଧିକ ସମୟ ଧରି ସେଠାରେ ରହିଥିଲା। ଇଣ୍ଡିଆନ୍ ଟେଲିକମ୍ ଅପରେଟର ସନ୍ଦୀପ ଜେନାଙ୍କ ନାମରେ ସିମ୍ କାର୍ଡ କ୍ରୟ କରାଯାଇଥିଲା। ପରେ ଅଭିଯୁକ୍ତମାନେ ଇନ୍ଦିରା ସିକ୍ୟୁରିଟିଜ୍ ନାମରେ ନକଲି ମୋବାଇଲ୍ ଆପ୍ ତିଆରି କରିଥିଲେ। ଟ୍ରେଡିଂ ଆପ୍ ପ୍ରକୃତ ସମୟରେ ଷ୍ଟକ୍ ମୂଲ୍ୟ ପ୍ରଦର୍ଶନ କରିଥିଲା ଏବଂ ଏହା ଦ୍ୱାରା ସନ୍ଦେହ ସୃଷ୍ଟି ହୋଇ ନଥିଲା। କାମ୍ବୋଡିଆରେ ଅଭିଯୁକ୍ତମାନେ ଭାରତୀୟ ଲୋକଙ୍କୁ ଡାକି ସେମାନଙ୍କୁ ଷ୍ଟକରେ ବିନିଯୋଗ କରିବାକୁ ଉତ୍ସାହିତ କରିଥିଲେ ଏବଂ ଆପରେ ନକଲି ରିଟର୍ଣ୍ଣ ଦେଖାଯାଇଥିଲା। ପ୍ରାରମ୍ଭିକ ରିଟର୍ଣ୍ଣ ଦେବା ପରେ ଆପ୍ ପେ-ଆଉଟ୍ ବନ୍ଦ କରି ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଠକେଇ କରାଯାଇଥିଲା। ଏହାକୁ ଘୁଷୁରି ବୁଚରିଂ ସ୍କାମ କୁହାଯାଏ।




# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ଅନୁଗୋଳ, ୨୭ା୧(ସମିସ)

ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ସମାରୋହ ଅନୁଗୋଳ ପିଟିସି ପଡ଼ିଆଠାରେ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥିଙ୍କ ସହ ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଉତ୍ସବରେ ଯୋଗଦେଇଥିଲେ। ପରେଡ ମାର୍ଚ୍ଚ ପାଷ୍ଟରେ ସମୁଦାୟ ୩୭ଗୋଟି ଦଳଙ୍କଠାରୁ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ। ପରେଡ ପଡିଆରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଓ ପରେଡରେ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ, ଅନୁଗୋଳ ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରେ ଆୟୋଜିତ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଯନ୍ତ୍ରୀ ପ୍ରତାପ ହରିପାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

### ରୋଟାରୀ ରୟାଲ

**ଅନୁଗୋଳ:** ରୋଟାରୀ ରୟାଲ ଏବଂ ବଚପନ ସ୍କୁଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ବଚପନ ସ୍କୁଲ ପରିସରରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ରୋଟାରୀ ରୟାଲର ପ୍ରଥମ ମହିଳା ରୋଟାରୀଆନ ବାଣୀ ଦେବ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କ୍ଲବ ତରଫରୁ ଉର୍ମିଳା ଅଗ୍ରୱାଲା, ମିଳନ କୁମାର ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ ଓ ସର୍ବଶେଷରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସ୍କୁଲ ତରଫରୁ ଅଧ୍ୟକ୍ଷା ଇଭାଲିନ ରଥ, ଉପଦେଷ୍ଟା ସରମିନ ବେଗମ, ନିର୍ଝର ଅଲ୍ଲି ଦାମାନୀ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶୋଭନୀୟ ଶିକ୍ଷାଶ୍ରମ

**ଅନୁଗୋଳ:** ତୁକୁଡ଼ା ହାଟପଦା ସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରଧାନଗୁରୁମା ସତ୍ୟଭାମା ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଉଦୟନାଥ ବେହେରା, ମୁଖ୍ୟ ବକ୍ତା ଶିକ୍ଷାବିତ୍ ଗିରିଧାରୀ ସାହୁ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ପବିତ୍ରନଗର

**ପବିତ୍ରନଗର:** କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୨୦ ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ 'ଆମ ଓଡିଶା, ନବୀନ ଓଡିଶା'ର ଅନୁଗୋଳ ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଆଞ୍ଚଳିକ ସାଧାରଣତନ୍ତ୍ର ଦିବସ ପାଳନ କମିଟି ସଭାପତି ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ସାହୁ, ସମ୍ପାଦକ ହାଇସ୍କୁଲ ପ୍ରଧାନ ଶିକ୍ଷକ ପଦ୍ମନାଭ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

### ତୋଫାନ ଯୁବକ ସଂଘ

**ତାଳଚେର ସହର:** ତାଳଚେର ବ୍ଲକ ଘଣ୍ଟପଡ଼ାସ୍ଥିତ ତୋଫାନ ଯୁବକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଧୀରେନ୍ଦ୍ର ଦାସ ଜାତୀୟ ପତାକା ଉତ୍ତୋଳନ କଲା ପରେ ଘଣ୍ଟପଡ଼ା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ତର୍କ ବିତର୍କ ପ୍ରତିଯୋଗିତାରେ ମଧୁସ୍ମିତା ସାହୁ, ମିନୁ ସିଂ, ସୋନାକ୍ଷି ମହାପାତ୍ର ଓ ସାଧାରଣ ଜ୍ଞାନରେ ଓମ୍ କୁମାର ସାହୁ, ପ୍ରଗତି ପ୍ରିୟଦର୍ଶନି ରାଣା, ପ୍ରଜ୍ଞା ପ୍ରିୟଦର୍ଶନୀ ବେହେରା କୃତିତ୍ୱ ହାସଲ କରିଥିଲେ। ମୁଖ୍ୟଅତିଥି ନମିତା ଦାସ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି କାହ୍ନୁଚରଣ ଦାସ ସହ ସଂପାଦକ ମନୋଜ କୁମାର ଦାସ, ପାଠାଗାର ସଂପାଦକ ସତ୍ୟମ୍ ସାହୁ, ଆଦିତ୍ୟ ନାରାୟଣ ଦାସ, ଅରବିନ୍ଦ ମହାରଣା, ଅଜୟ ଦାସ, ଅନିକେତ ସାହୁ, ତାପସ ଦାସ, ଆଶିଷ ସାହୁ, ପ୍ରଶାନ୍ତ ଦାସ ,କୃଷ୍ଣ ସାହୁ ସହଯୋଗ କରିଥିଲେ।

### ଆଠମଲ୍ଲିକ ଉପଖଣ୍ଡ ସଦର ମହକୁମା

**ଆଠମଲ୍ଲିକ:** ଆଠମଲ୍ଲିକ ଉପଖଣ୍ଡ ସଦର ମହକୁମାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆଠମଲ୍ଲିକ ଉପଜିଲ୍ଲାପାଳ ଡ଼ଃ ଜିତେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାଧାନ ଶିକ୍ଷା ନିକେତନ, ସରସ୍ୱତୀ ଶିଶୁ ମନ୍ଦିର ଆଠମଲ୍ଲିକ, ଓିଜଡମ ଇଣ୍ଟର ନେସନାଲ ସ୍କୁଲ, କିଆକଟା ୟୁପି ସ୍କୁଲରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଆଠମଲ୍ଲିକ ଓକିଲ ସଙ୍ଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସ୍ୱେଚ୍ଛାସେବୀ ସଂଗଠନ ସମାଧାନର ସମ୍ପାଦକ ତଥା ଆଠମଲ୍ଲିକର ସମାଜସେବୀ ବିନୟ କୁମାର ପଟ୍ଟନାୟକ, ଆଠମଲ୍ଲିକ ଏସିଏସଓ ଶିବାଶିଷ ଜେନା, ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଆଇଆଇସି ଚିତ୍ତରଞ୍ଜନ ବେହେରା, ଆଠମଲ୍ଲିକ ମହାବିଦ୍ୟାଳୟ ର ଏନସିସି ଅଫିସର ଲେଫ୍ଟନାଣ୍ଟ ଶୁଭାଶିଷ ରଞ୍ଜନ ଦାଶ, ନର୍ସିଂ ଅଫିସର ସ୍ନିଗ୍ଧାରାଣୀ ସିଂ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଅଶୋକ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉପଖଣ୍ଡ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା।

### ନାଲକୋ ନଗର

**ନାଲକୋ ନଗର:** ନାଲକୋ ନଗରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣରାଜ୍ୟ ଦିବସ ପାଳିତ ହୋଇଯାଇଛି। ନାଲକୋ ନଗର ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ସ୍ୱାଧୀନତା ଦିବସ ସମାରୋହ ପାଳନ ଉତ୍ସବରେ ନାଲକୋ (ଏସ ଆଣ୍ଡ ପି) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମୀୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଡିପିଏସ, ଏସଭିଏମ ସ୍କୁଲ ଏନ ସି ସି, ସ୍କାଉଟ, ଗାଇଡ଼, ଜୁନିୟର ରେଡ଼କ୍ରସ ପ୍ଲାଟୁନ ସମେତ ସିଆଇଏସଏଫ, ଠିକା ସୁରକ୍ଷା କର୍ମଚାରୀମାନେ ପରେଡରେ ଅଂଶ ଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଚିତାକର୍ଷକ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। ନାଲକୋ ନଗର ରେ ନାଲକୋ ଏମ୍ପ୍ଲଇଜ ସଂଘ ସଭାପତି ନିର୍ମଳ ସାମଲ, ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ସଭାପତି ସନ୍ତୋଷ ରାଉତ, ନାଲକୋ ପ୍ରୋଗ୍ରେସିଭ ଏମ୍ପ୍ଲଇଜ ୟୁନିୟନ ସାଧାରଣ ସମ୍ପାଦକ ବୈରାଗି ସେଠ, ନାଲକୋ ଅଫିସର୍ସ ଆସୋସିଏସନ ସଭାପତି ବନମାଳୀ ସେଠୀ, ସିପିପି ଏନ.ଏନ.ଇ.ୟୁ ଶ୍ରମିକ ସଂଘଠନ କାର୍ଯ୍ୟକାରୀ ସଭାପତି ଚନ୍ଦ୍ରମଣି ବିଶ୍ୱାଳ, ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ଼ଃ ଶତ୍ରୁଘନ ବେହେରା ପ୍ରମୁଖ ନିଜ ନିଜ କାର୍ଯ୍ୟାଳୟ ରେ ପତାକା ଉତ୍ତୋଳନ କରିଥିଲେ। କୁଲାଡ଼ ଟ୍ରକ ମାଲିକ କଲ୍ୟାଣ ସଂଘ, ନାଲକୋ ହସ୍ପିଟାଲ, ଦିକ୍ୟୁରୀଟି କାର୍ଯ୍ୟାଳୟ ସମେତ ଅଂଚଳର ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ୟୁନିୟନ, ଆସୋସିଏସନ ପ୍ରଭୃତି କାର୍ଯ୍ୟଳୟ, ବଳରାମ ପ୍ରସାଦ, କୁଲାଡ଼, ଗିରାଙ୍ଗ, କାଣ୍ଡସର ପ୍ରଭୃତି ଗ୍ରାମର ସ୍କୁଲ, ପଂଚାୟତ କାର୍ଯ୍ୟାଳୟ ମାନଙ୍କରେ କର୍ମକର୍ତ୍ତା, କର୍ମଚାରୀ, ଅଧିକାରୀ, ଛାତ୍ରଛାତ୍ରୀମାନେ ଉତ୍ସବ ପାଳନ ରେ ସାମିଲ ହୋଇ ଦେଶ ମାତୃକାର ମହାପୁରୁଷ, ବୀର ପୁରୁଷ, ସହୀଦ, ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ବଳିଦାନ ଓ ଆଦର୍ଶ କୁ ଅତିଥିଗଣ ପୁନରାବୃତ୍ତି କରିଥିଲେ।

### କିଶୋରନଗର

**କିଶୋରନଗର:** ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ କିଶୋର ନଗର ବରପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ବିହାରୀ ବେହେରା ପତାକା ଉତ୍ତୋଳନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନ କିଶୋର ନଗର ପ୍ରଥମ, ଧଉରାପାଲ୍ଲୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଦ୍ୱିତୀୟ ଓ ବଣିଆ ଦୋହଲି ଆଶ୍ରମ ଓ ପ୍ରଭୁଜି ସ୍କୁଲ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଳନା କରିଥିଲେ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ। ପରେଡରେ ଜଜ୍ ଭାବେ ପୁଲିସ ଏଏସଆଇ ସଂଜୀବ ଜାଲ, ଅବସର ସୈନିକ ପ୍ରଶାନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଜ୍ ଭାବେ ପର୍ଶୁରାମ ଛନ୍ଦ, ଶ୍ରୀପତି ପ୍ରଧାନ ଓ ସନ୍ତୋଷ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ।

### କଣିହାଁ

କଣିହାଁ: କଣିହା ବ୍ଲକସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇଥିଲେ। ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ୟାରେଡ ଉତ୍ସବ ଓ ଜାତୀୟ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦାଶରଥି ଜେନା ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମହେଶ୍ୱର ସାମଲ, ସହକାରୀ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ପ୍ରଶାନ୍ତ କୁମାର ବେହେରା ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ର ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରୋସିନ୍ଧୁ ସେଠୀ, ବିଜେଡି ନେତା ନିର୍ମଳ ସାହୁ, ଗୋପବନ୍ଧୁ ଅନ୍ଧ କଲ୍ୟାଣ ସମିତିର ସଭାପତି ସୁଧାକର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଭୂପେନ ଗଡ଼ନାୟକ, ରଞ୍ଜନ କୁମାର ମିଶ୍ର, ମହେଶ୍ୱର ନାଏକ, ଅବନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ପଞ୍ଚଧାର ସାହିତ୍ୟ ସଂସଦ

**ଆଠମଲ୍ଲିକ:** ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପଞ୍ଚଧାର ସାହିତ୍ୟ ସଂସଦର ଉପସଭାପତି ତଥା ପଇଁଅକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ମହାନ୍ତି ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଯୋଗଦେଇଥିଲେ। ପଞ୍ଚଧାର ସାହିତ୍ୟ ସଂସଦର ସମ୍ପାଦକ ଇଂ. ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବରିଷ୍ଠ ସାମ୍ବାଦିକ ଉଦୀପ୍ତ ପୁରୋହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ମନ୍ମଥ ଭୁରଭୁରି, ଭୁବନ ମୋହନ ତ୍ରିପାଠୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିବା ବେଳେ କବି ପରମେଶ୍ୱର ପାତ୍ର ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିଳ୍ପୀ ରଣଜିତ୍ ରଣା, ମାନସ କର୍ଣ୍ଣ ଓ ଅଭିଳାଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିବା ବେଳେ ଚିତ୍ରଶିଳ୍ପୀ ଟୁକୁନୁ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର

**ଅନୁଗୋଳ:** ଅନୁଗୋଳ ଠାରେ ଅବସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସର୍ବବୃହତ ଷ୍ଟିଲ ପ୍ଲାଣ୍ଟ ପରିସରରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଜିନ୍ଦଲ ନଗର ସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜେଏସପି ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ପଙ୍କଜ ମଲହାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ମଧ୍ୟ ଯୋଗଦାନ କରିଥିଲେ। ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷା ଡଃ ସୋନାଲୀ ବସୁ, ଓପି ଜିନ୍ଦଲ ସ୍କୁଲ ଛାତ୍ରଛାତ୍ରୀ ଏବଂ କିଛି ଚୟନିତ ନିରାପତ୍ତା କର୍ମଚାରୀଙ୍କୁ କମ୍ପାନୀ ନିମନ୍ତେ ଉଲ୍ଲେଖନୀୟ ଅବଦାନ ଏବଂ ବ୍ୟକ୍ତିଗତ ସ୍ତରରେ ଉପଲବ୍ଧି ନିମନ୍ତେ ଶ୍ରୀମଲହାନ ସମ୍ବର୍ଦ୍ଧିତ କରିଥିଲେ।



### ଏନଟିପିସି.ତାଳଚେର ଥର୍ମାଲ

**ଥର୍ମାଲ:** ତାଳଚେର ଥର୍ମାଲ ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଜାତୀୟ ପତାକା ଉତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଗରୀକା ମହିଳା କ୍ଲବର ସଦସ୍ୟା, ଓ ସିଆଇଏସଏଫ, ବିଦ୍ୟାଳୟର ଅଧ୍ୟକ୍ଷ, ଭେଲ କର୍ମକର୍ତା, ସମସ୍ତ ଅଫିସର, କର୍ମଚାରୀ, ସ୍କୁଲ ପିଲାମାନେ, ବାଳିକା ସଶକ୍ତିକରଣ ଗ୍ରୁପ, କର୍ମଚାରୀ ସଂଗଠନ ଓ ଅନେକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ସ୍ଥାନୀୟ ଡିଏଭି ସ୍କୁଲ, ବାଳ ଭବନ ପିଲାମାନେ ଓ ବାଳିକା ସଶକ୍ତିକରଣ ଛାତ୍ରୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାପରେ ବିଭିନ୍ନ ବିଭାଗରେ ନିଷ୍ଠାର ସହ କାମ କରିଥିବା କର୍ମଚାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଏମ୍‌ସିଏଲ

**ତାଳଚେର:** ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡର ଆନନ୍ଦ ବିହାର ସ୍ଥିତ ପରେଡ୍ ଗ୍ରାଉଣ୍ଡରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାୱଲେ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ନିର୍ଦ୍ଦେଶକ(ପର୍ସନାଲ)କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଭି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ/ଅପରେସନ୍)ଜ.କେ ବୋରା ଏବଂ ନିର୍ଦ୍ଦେଶକ (ବୈଷୟିକ/ପ୍ରକଳ୍ପ ଏବଂ ଯୋଜନା) ଏ.କେ. ବାପତ୍ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ନିର୍ଦ୍ଦେଶକ (ପର୍ସନାଲ) ଶ୍ରୀ କେଶବ ରାଓ କର୍ପୋରେଟ୍ ଅଫିସ୍ ଠାରେ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଣ୍ଟ ଲ୍ୟୁକ୍ସ ସ୍କୁଲ(ବୁର୍ଲା), ସେଣ୍ଟ ଜନ୍ସ ସ୍କୁଲ (ବୁର୍ଲା), ଡିଏଭି ପବ୍ଲିକ୍ ସ୍କୁଲ୍ (ବୁର୍ଲା), ସରକାରୀ ହାଇସ୍କୁଲ୍ (ବୁର୍ଲା) ଏବଂ ସେଣ୍ଟ ଜୋସେଫ୍ କନଭେଣ୍ଟ ହାଇସ୍କୁଲ (ସମ୍ବଲପୁର)ର ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ଦେଶଭକ୍ତି କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଜାଗୃତି ମହିଳା ମଣ୍ଡଳର ଅଧ୍ୟକ୍ଷା ସୁବର୍ଣ୍ଣା କାଓଲେ, ଉପରାଷ୍ଟ୍ରପତି ଅଳ୍ପନା ଶୁକ୍ଲା ରାଓ, ରଶ୍ମୀ ବେହୁରା ଏବଂ ଅଞ୍ଜଳି ବାପତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ।

### ଜିଲ୍ଲା ସଦର ମହକୁମା

**ଢେଙ୍କାନାଳ:** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଷ୍ଟାଡିୟମଠାରେ ୭୫ ତମ ଜନରାଜ୍ୟ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାପୁରୁଷଙ୍କ ସ୍ମୃତିଚାରଣ କହିଥିଲେ। ଜିଲ୍ଲା ମୁଖ୍ୟ ଷ୍ଟାଡିୟମଠାରେ ରିଜର୍ଭ ଇନ୍ସପେକ୍ଟର ଟୁନୁ ସାହୁଙ୍କ ନେତୃତ୍ୱରେ ପୁଲିସ ବାହିନ ଓଏସଏପି ପ୍ରଥମ ବାଟାଲିୟନ, ବିଭିନ୍ନ ଶିକ୍ଷାନୁଷ୍ଠାନ ପରେଡରେ ଅଂଶଗ୍ରହଣ କରିବା ସହିତ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ଚାମ୍ବର ଅଫ କମର୍ସ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନାମୀ ପକ୍ଷରୁ ଜିଲ୍ଲା କାରାଗାରରେ ଫଳବଣ୍ଟନ, ରୋଟାରୀ କ୍ଲବ ତରଫରୁ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ରୟାଲ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ, ସେଣ୍ଟ ଜାଭିୟର୍ସ ସ୍କୁଲ, ଆନନ୍ଦ ମାର୍ଗ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆରୋଗ୍ୟମ ଯୋଗ ଏବଂ ୱେଲଫେୟାର ଆସୋସିଏସନ ଏବଂ ମହିମା ଯୋଗ ଆଣ୍ଡ ୱେଲନେସ ଟ୍ରଷ୍ଟ ପକ୍ଷରୁ ଯୋଗାଭ୍ୟାସ ପ୍ରଦର୍ଶନ କରାଯାଇଥିଲା। ଶ୍ରେଷ୍ଠ ଏନସିସି ଭାବରେ ବିବି ହାଇସ୍କୁଲକ କନିଷ୍ଠ ବାଳିକା ଦଳକୁ ସିନିୟର ଡିଭିଜନକୁ ମୁଖ୍ୟମନ୍ତ୍ରୀଙ୍କ ରନିଂ ସିଲ ପ୍ରଦାନ କରାଯାଇଥିବା ବେଳେ ଆନନ୍ଦମାର୍ଗ ସ୍କୁଲକୁ ଶ୍ରେଷ୍ଠ ବେସାମରିକ ଜିଲ୍ଲା ପ୍ରଶାସନ ରନିଂ ସିଲ୍ଡ, ମଣ୍ଟଫର୍ଟ ସ୍କୁଲକୁ ଶ୍ରେଷ୍ଠ ବେସାମରିକ ବାଳକ ଦଳକୁ ବୈଜ୍ଞାନିକ ଡକ୍ଟର ଦାଶରଥୀ ମିଶ୍ର ରନିଂଗ ସିଲ୍ଡ ଏବଂ ସେଣ୍ଟ ଜାଭିୟର ସ୍କୁଲର ବାଳିକା ଗାଇଡ ଦଳକୁ ଶ୍ରୀ ରୁଦ୍ରନାରାୟଣ ସ୍ମାରକୀ ରନିଂ ଟ୍ରଫି ପ୍ରଦାନ କରାଯାଇଥିଲା। ଶିଶୁ ମନ୍ଦିରର ବାଳିକା ଗାଇଡ୍ ଦଳକୁ ରୁଦ୍ରନାରାୟଣ ସ୍ମାରକୀ ରନିଂ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବରେ ଜିଲ୍ଲାପାଳଙ୍କ ସହିତ ଆରକ୍ଷୀ ଅଧିକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ଡିଏଫ୍‌ଓ ସୁମିତ୍ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ସାହୁ, ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅପରାହ୍ନରେ ଗଣମାଧ୍ୟମ ପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନିକ ତରଫରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

### ବଅଁରପାଳ

ବଅଁରପାଳ: ବଅଁରପାଳ ଅଞ୍ଚଳରେ ୭୫ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ ହୋଇଯାଇଛି । ପିଏସଏସଜେ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ, ଉଚ୍ଚ ମଧ୍ୟାମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଦିବ୍ୟଦର୍ଶନ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ଅନୁପମା ସାହୁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପ୍ରଧାନ ଆଚାର୍ଯ୍ୟା ସୁଷମା ସାହୁ, ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାତ୍ରଙ୍କ ଉପସ୍ଥିତିରେ ପରିଚାଳନା କମିଟି ସଭାପତି ଗୋପାଳ ଦାସ , ଆଲକେମୀ ଇଂଲିଶ ମିଡିୟମ ସ୍କୁଲରେ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିଶ୍ୱନାଥପୁର ୟୁପି ସ୍କୁଲରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁମୁଦ ବିହାରୀ ସିଂହ, ଗୋତମରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କୁସୁମାଞ୍ଜଳି ଜେନା, ନୂଆହତା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କମଳକାନ୍ତ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟର ପରେଡ ଉତ୍ସବରେ ପ୍ରଧାନ ଶିକ୍ଷକ ପବିତ୍ରମୋହନ ପ୍ରଧାନ ଅଭିବାଦନ ଗ୍ରହଣ କରିଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟିର ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଅକ୍ଷୟ ସେନାପତି, ସହ ସମ୍ପାଦକ ସୁମନ୍ତ ସାମଲ, ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁଙ୍କ ଉପସ୍ଥିତିରେ ସଭାପତି ସତ୍ୟବାନ ବରାହ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ଗଁଦିଆ

**ଗଁଦିଆ :** ଗଁଦିଆ ବ୍ଲକରେ ୭୫ତମ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ମିନି ଷ୍ଟାଡିୟମରେ ମୁଖ୍ୟ ଅତିଥି ଭାବରେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଜେଏମଏଫସି କୋର୍ଟ ପରିସରରେ ବିଚାରପତି ସୌରଭ ସାଗର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲରେ ତହସିଲଦାର ସୁରଥ ଚନ୍ଦ୍ର ରାଉତ, ଗଁଦିଆ ଥାନାରେ ନିହଳପ୍ରସାଦ ଥାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦମକଳ କେନ୍ଦ୍ର, ଡାକଘର, ବିଭିନ୍ନ ବ୍ୟାଙ୍କିଙ୍ଗ ସଂସ୍ଥା, ଗଁଦିଆ ଓ ପୋରୁହଖୋଜ ଗ୍ରାମପଞ୍ଚାୟତ, କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗଁଦିଆ ଉଚ୍ଚ ବିଦ୍ୟାଳୟ, ସହଦେବ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯୁବକ ସଙ୍ଘ ଆଦିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

### କଙ୍କଡ଼ାହାଡ଼

**କଙ୍କଡାହାଡ:** କଙ୍କଡାହାଡ଼ ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପରଜଙ୍ଗ ବିଧାୟକ ଡ଼. ନୃସିଂହଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରେଡରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ ଆମ୍ବ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, କରଗୋଳା ସରପଞ୍ଚ ତାପସ ପାଣି ଓ ଯୁବ ସଂଗଠକ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ହିନ୍ଦୋଳ ଉପଖଣ୍ଡ

**ହିନ୍ଦୋଳ:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସଦର ମହକୁମାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହିନ୍ଦୋଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ହିନ୍ଦୋଳର ବିଧାୟିକା ସୀମାରାଣୀ ନାୟକ ରାସୋଳ କୁମାର କ୍ଲବ ତରଫରୁ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

### ପାରିମାଳ ଅବସରପ୍ରାପ୍ତ କର୍ମଚାରୀ ସଂଘ

ପଣ୍ଡୁଆ, ୨୭ା୧(ସମିସ): କାମାକ୍ଷା ଉପଖଣ୍ଡ ପଣ୍ଡୁଆଠାରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ସଂଘ ସଭାପତି ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ପ୍ରମୋଦ ନନ୍ଦ, ସମ୍ପାଦକ ନିର୍ମଳ ମହାପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ଉପସଭାପତି ଛାୟାକାନ୍ତ ନାୟକ, ସ୍ୱେତନାଥ ସାହୁ, ମାହୁଲିଆ ପାଣି, ବସନ୍ତ ସାହୁ, ରସାନନ୍ଦ ହୋତା, ରମେଶ ଚନ୍ଦ୍ର ସାହୁ ଓ ବୈଜୟନ୍ତୀ ମାହାଭୋଇ ଉପସ୍ଥିତ ରହି ଏହି ଗଣତନ୍ତ୍ର ଦିବସ ପାଳନ କରିଥିଲେ।

### ବରିଷ୍ଠ ନାଗରିକ ଜନସ୍ୱାସ୍ଥ୍ୟ ସୁରକ୍ଷା ଟ୍ରଷ୍ଟ

**ଭୁବନ:** ବରିଷ୍ଠ ନାଗରିକ ଜନସ୍ୱାର୍ଥ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ପାଲାମଣ୍ଡପଠାରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ କରାଯାଇଥିଲା। ଟ୍ରଷ୍ଟ ସଭାପତି ବ୍ରଜ ରାଉତ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ପରିଚାଳକ ରଥ ସେଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଦୁର୍ଗା ପ୍ରସାଦ ପୃଷ୍ଟି, ଚିନ୍ତାମଣି ଦାସ, ଗୋଲକ ବିହାରୀ ନାୟକ, କପିଳେଶ୍ୱର ବେହେରା, ନରୋତ୍ତମ ସେନ, ପଣ୍ଡିତ ଗୁରୁ, ପ୍ରଶାନ୍ତ ମହାରଣା, ବିଦ୍ୟାଧର ପୋଥାଳ, ସାଧୁଚରଣ ନାୟକ, ଶ୍ରୀକାନ୍ତ ସାହୁ, ଶରତ ବେହେରା, ଚକ୍ରଧର ସାହୁ, ଚନ୍ଦ୍ରମଣି ନାଥ, ଖଗେଶ୍ୱର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃଷକ ବିକାଶ ପରିଷଦର କାର୍ଯ୍ୟାଳୟଠାରେ ସମ୍ପାଦକ ରଥ ସେଠୀ ପତାକା ଉତ୍ତୋଳନ କରିଥିଲେ। ସହସମ୍ପାଦକ ବସନ୍ତ ରଣା, କ୍ଷେତ୍ରବାସୀ ପୃଷ୍ଟି, ଦିଲ୍ଲୀପ ବେହେରା, ଅଲେଖ ସାହୁ, ବାବୁରାମ ଗୁରୁ, ସନାତନ ଗୁରୁ, କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତା ଓ କୋଠାବାଡ଼ି ବିଭାଗ ଉପନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

**ଢେଙ୍କାନାଳ:** ଢେଙ୍କାନାଳ ରାସ୍ତା ଓ କୋଠାବାଡ଼ି ବିଭାଗ ଉପନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ୭୫ ତମ ସାଧାରତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପନିର୍ବାହି ଯନ୍ତ୍ରୀ ପ୍ରଦୀପ କୁମାର ଚୌଧୁରୀ ପତାକା ଉତୋଳନ କରିଥିଲେ। ଏଥିରେ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପରିଡ଼ା, ରାକେଶ କୁମାର ବେହେରା, ଚକ୍ରଧର ପ୍ରଧାନ, ଅମୂଲ୍ୟ ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତି ଥିଲେ।










## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ‘ସମୃଦ୍ଧ ଓ ସଶକ୍ତ ଗଣତନ୍ତ୍ରରେ ସମସ୍ତେ ଅଂଶୀଦାର’





କେନ୍ଦ୍ରାପଡ଼ା, ୨୭।୧(ସମିସ): ସେ ଅଙ୍ଗନବାଡି ଦିଦି ହୁଅନ୍ତୁ ଅବା ଆଶାକର୍ମୀ। ମଣିଷ ଗଢୁଥିବା ଶିକ୍ଷକ ହୁଅନ୍ତୁ ଅବା ରାଜନେତା। ସମୃଦ୍ଧ ଓ ସଶକ୍ତ ଗଣତନ୍ତ୍ରରେ ସମସ୍ତେ ଜଣେ ଜଣେ ଅଂଶୀଦାର। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନକୁ ଶକ୍ତିଶାଳୀ କରିବାକୁ ପ୍ରତ୍ୟେକ ନାଗରିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ୭୫ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି। ଜିଲ୍ଲାପାଳ ଏହି ଅବସରରେ ଜାତୀୟ ପତାକା ଉତୋଳନ ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।

ପ୍ରାତଃ ୪.୩୦ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପ୍ରଚାର କରାଯାଇଥିଲା। ସକାଳ ୭ଟା ସମୟରେ ସହରର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ୍ କଲେଜ୍‌ରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେଡ୍‌ରେ ସର୍ବମୋଟ୍ ୨୬ଟି ଦଳ ଭାଗ ନେଇଥିବା ବେଳେ ରିଜର୍ଭ ଇନ୍ସପେକ୍ଟର୍ ପି. କେ. ରଣସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରେଡ୍ ସମ୍ପାଦିତ ହୋଇଥିଲା। ଜିଲ୍ଲାସ୍ତରୀୟ ପରେଡ୍‌ରେ ଏନ୍‌ସିସି ବିଭାଗରେ କେନ୍ଦ୍ରାପଡ଼ା କଲେଜ୍‌ର ସିନିୟର ଡିଭିଜନ୍ ଏନ୍‌ସିସି(ବାଳିକା) ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ସିନିଅର ଡିଭିଜନ୍ ଏନ୍‌ସିସି (ବାଳକ) ଦ୍ୱିତୀୟ ଓ କେନ୍ଦ୍ରାପଡ଼ା ହାଇସ୍କୁଲ୍‌ର ଜୁନିଅର୍ ଡିଭିଜନ୍ ଏନ୍‌ସିସି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିଅର ସିଭିଲିଆନ୍ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଲେଜ୍ କଲୋନୀ ଏମ୍ଇ ସ୍କୁଲ୍ ଦ୍ୱିତୀୟ ଓ ତୁଳସୀ ବିଦ୍ୟାମନ୍ଦିର ତୃତୀୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସିନିୟର୍ ସିଭିଲିଆନ୍‌ରେ କେନ୍ଦ୍ରାପଡ଼ା ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଥମ, କେନ୍ଦ୍ରାପଡ଼ା ସେଣ୍ଟ ଜାଭିଅର୍ ହାଇସ୍କୁଲ୍ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ତୃତୀୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାର ୨୮ ଜଣ କୃତୀ ପ୍ରତିଯୋଗୀ ଏବଂ ୧୧ଜଣ ବିଏଲ୍‌ଓଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

ଜିଲ୍ଲାସ୍ତରୀୟ ଉତ୍ସବରେ ସ୍ୱାସ୍ଥ୍ୟ ବିଭାଗ, ସମଗ୍ର ଶିକ୍ଷା, ଜିଲ୍ଲା ସଡକ ସୁରକ୍ଷା ସମିତି, ଶିଶୁ ସୁରକ୍ଷା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା। କୃତୀ ପରେଡ୍ ଦଳ ଓ କୃତୀ ପ୍ରତିଯୋଗୀଙ୍କ ପୁରସ୍କାରକୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ବରୋଦା, ୟୁନିୟନ୍ ବ୍ୟାଙ୍କ୍ ଓ କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କ ପ୍ରାୟୋଜିତ କରିଥିଲେ। ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀ ରୋଗୀମାନଙ୍କୁ ମୁଖ୍ୟ ଅତିଥି ଫଳ ବଣ୍ଟନ କରିଥିବା ବେଳେ ଜେଲ୍‌ଠାରେ ଅନ୍ତେବାସୀ କଏଦୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଜାତୀୟ ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପଦ ମଦକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୨୭।୧(ସମିସ): ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପଟ୍ଟାମୁଣ୍ଡାଇ ବିକାଶର ମଡେଲ ହେବାକୁ ଯାଉଛି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ



ପଟ୍ଟାମୁଣ୍ଡାଇ ପରେଡ ପଡ଼ିଆ ଠାରେ ପତାକା ଉତ୍ତୋଳନ କରି କହିଛନ୍ତି। ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇ ପ୍ରକାଶ କରିଛନ୍ତି ଓ ଜାତୀୟ ଦିବସ ପାଳନ କମିଟି ସଭାପତି ତହସିଲଦାର ପଞ୍ଚାନନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଧାୟକ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିଥିଲେ। କୋଟି କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ଗୃହ ନିର୍ମାଣ, କଷଣଅଣ୍ଡା କ୍ରିଟିକାଲ କେୟାର ହସ୍ପିଟାଲ, ଅତ୍ୟାଧୁନିକ ବସଷ୍ଟାଣ୍ଡ, ପଟ୍ଟାମୁଣ୍ଡାଇ ରିଙ୍ଗ ରୋଡ୍, ସ୍ମାର୍ଟ ପାର୍କ, ସ୍ମାର୍ଟ ସ୍ମଶାନ, ଟିଂରୋଡ୍, ଜୀବନ୍ତ କିମ୍ବଦନ୍ତୀ କଟେରୀ ପୋଖରୀ ପୁନରୁଦ୍ଧାର, ଭେଣ୍ଡିଂଜୋନ୍ ପ୍ରତିଷ୍ଠା, ନବନିର୍ମିତ ସଦର ଥାନା, ମେଗା ପାନୀୟ ଜଳପ୍ରକଳ୍ପ ଆଦି ବିକାଶର ମଡେଲ ହେବାକୁ ଯାଉଛି ବୋଲି ବିଧାୟକ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ଓ ଏମ୍‌ଏନ୍ ହାଇସ୍କୁଲ ଏନ୍‌ସିସି ଶିକ୍ଷକ ସରୋଜ ସ୍ୱାଇଁ ମିଳିତ ପାରେଡ ପରିଚାଳନା କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧକ୍ଷ ହେମନ୍ତ ସାହୁ, ଏସ୍‌ଡିପି ଓ କ୍ଷମାସାଗର ପଣ୍ଡା, ଆଇଆଇସି ରଞ୍ଜିତ ମହାନ୍ତି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ପଟ୍ଟାମୁଣ୍ଡାଇ ବ୍ଲକରେ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ କାର୍ଯ୍ୟାଳୟରେ ପୌର ଅଧକ୍ଷ ହେମନ୍ତ ସାହୁ ପଟ୍ଟାମୁଣ୍ଡାଇ କଲେଜରେ ଅଧକ୍ଷା ପ୍ରଫେସର ଡ଼ ପ୍ରେମଲତା ରାଉତ, ଏସଡିପିଓ ଅଫିସରେ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନାରେ ଆଇଆଇସି ରଞ୍ଜିତ ମହାନ୍ତି ଓ ଗ୍ରାମାଞ୍ଚଳ ଥାନାରେ ଆଇଆଇସି ପଦ୍ମାଳୟା ପ୍ରଧାନ, ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ମୁଖ୍ୟଚିକିତ୍ସାଧିକାରୀ ଡା ନିରାକାର ପରିଡ଼ା ପତାକା ଉତ୍ତୋଳନ କରିଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ମୁଖ୍ୟାଳୟରେ ବିଡିଓ ରଶ୍ମିରେଖା ମଲ୍ଲିକ ପତାକା ଉତ୍ତୋଳନ କରିଥିବାବେଳେ ତହସିଲ କାର୍ଯ୍ୟାଳୟରେ ଶ୍ରୀକାନ୍ତ ପରିଜା, ଉପନିବନ୍ଧକ କାର୍ଯ୍ୟାଳୟର ଅଧିକାରୀ ମନୋଜ କୁମାର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟରେ ପ୍ରଣୟ କୁମାର ପରିଜା, କରିଲୋପାଟଣା ମହାବିଦ୍ୟାଳୟ, ଅନ୍ତେଇ ବିଜୁପଟ୍ଟନାୟକ ମହାବିଦ୍ୟାଳୟ, ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିନିୟରିଂ ଅଧକ୍ଷ ଜ୍ଞାନରଞ୍ଜନ ନାୟକ, ମାର୍ଶାଘାଇ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅମରେଶ ମହାରାଜ, ଆଖୁଆ-ଓଡଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଧୁମିତା ମହାପାତ୍ର, ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାରଣା ପତାକା ଉତ୍ତୋଳନ କରିଥିଲେ।

**ରାଜନଗର:** ରାଜନଗର ବ୍ଲକରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ବିଡ଼ିଓ ନିଶାନ ମିଶ୍ର ପ୍ରମୁଖ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ତହସିଲରେ ତହସିଲଦାର ଅଜୟ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ସକାଳୁ ବଣିକ ସଂଘ ପକ୍ଷରୁ



ରାମଧୂନ୍ ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲା। ରାଜନଗର ଗ୍ରାମ୍ୟ ନ୍ୟାୟଳୟରେ ନ୍ୟାୟାଧୀଶ ଜ୍ୟୋତିର୍ମୟୀ ଷଡଙ୍ଗୀ ପତାକା ଉତ୍ତୋଳନ କରିଥିବା ବେଳେ ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ସଭାପତି ନିରଞ୍ଜନ ରାଉତ ପତାକା ଉତ୍ତୋଳନ କରିଥିଲେ। ଥାନାରେ ଆଇଆଇସି ଅଜୟ କୁମାର ଜେନା, ତାଲଚୁଆ ମେରାଇନ ଥାନାରେ ଆଇଆଇସି ସସ୍ମିତା ସାହୁ, କଂଗ୍ରେସ କାର୍ଯ୍ୟାଳୟରେ ଦେବେନ୍ଦ୍ର ଜେନା, ବଣିକ ସଙ୍ଘରେ ସଭାପତି ଶଙ୍କର ମିଶ୍ର, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ରଶ୍ମିରଞ୍ଜନ ମହାନ୍ତି, ମହାବିଦ୍ୟାଳୟରେ ଅଧକ୍ଷ ଅତୁଳ ବଳ ପତାକା ଉତ୍ତୋଳନ କରିଥିଲେ।

**ରାଜକନିକା:** ରାଜକନିକା ବ୍ଲକ, ତହସିଲ, ଥାନା, ଗ୍ରାମ୍ୟନିର୍ମାଣ, ପାନୀୟ ଜଳ, ଏସ୍‌ଏନ କଲେଜ, ଓଳାଭର କଲେଜ, କପିଳେଶ୍ୱର କଲେଜ, ସମସ୍ତ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ସରକାରୀ ଅଫିସ, ବେସରକାରୀ ଅନୁଷ୍ଠାନ ଆଦିର ମୁଖ୍ୟମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହିକ୍ରମରେ କନିକା ସହିଦ ସ୍ମୃତି ସଂସଦ ପରିସରରେ ଆୟୋଜିତ ଉତ୍ସବରେ ସଂସଦର ସଭାପତି ଦାମୋଦର ଧଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂସଦର କୋଷାଧକ୍ଷ



ନବକିଶୋର ସୁତାର, ସଦସ୍ୟ କାଳିପ୍ରସାଦ ନାୟକ, ହରେକୃଷ୍ଣ ନାୟକ, ଗଙ୍ଗାଧର ମଲ୍ଲିକ, ଶରତ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ବିଜେଡି କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ମହାକାଳପଡ଼ା ଥାନାରେ ଥାନା ଅଧିକାରୀ ବିମଳ କୁମାର ମଲିକ, ବାୟାବାବା ମହାବିଦ୍ୟାଳୟରେ ପ୍ରିନ୍ସିପାଲ ସୁଲୋଚନା ଦାସ, ତାରିଣୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷ ଉମାକାନ୍ତ ଦାସ, ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରତାପ କୁମାର ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହାକାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରତିକାନ୍ତ ପଣ୍ଡା, ବଡ଼କୂଳ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରଜ୍ଞା ପରମିତା କର, ରାମନଗର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମିଳନ ଦେବନାଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କେନ୍ଦ୍ରାପଡ଼ା:** ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ନିକଟରେ ବଳଦେବ ସେନା ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ପୁପୁନ କୁମାର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟରେ ସମ୍ପାଦକ ଅମର କୁମାର ବାରିକ, ଉପସଭାପତି ନିରଞ୍ଜନ ସୁଆର, ଉପାଦେଷ୍ଟା ନିରଞ୍ଜନ ମେକପ, ସଦସ୍ୟ ଜ୍ୟୋତିରଞ୍ଜନ ପାତ୍ରୀ, ଶଶୀକାନ୍ତ ସୁଆର, ଆଶୁତୋଷ ପଣ୍ଡା, ଆଶିଷ ପ୍ରଧାନ, ହିମାଂଶୁ ରାଉତ, ଦିଲୀପ ପ୍ରଧାନ, ନୀଳମାଧବ ବେହେରା, ଅନୁପ କର୍ମାକର, କିଶୋର



ଲେଙ୍କା, ଦିଲୀପ ମହାନ୍ତି ଯୋଗଦେଇ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ।

**ଆଳି:** ଆଳି ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ପତାକା ଉତ୍ତୋଳନ କରିଥିବା ବେଳେ ବିଡ଼ିଓ ମିନତୀ ଜଗଦ୍ଦେବ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଥାନାରେ ଆଇଆଇସି ସବ୍ୟସାଚି ଶତପଥି, ତଟବନ୍ଧ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ଦାସ, ଆଳି କୋର୍ଟରେ ଜଜ ଦୀପ୍ତି ରଞ୍ଜନ ଦାଶ ପତାକା ଉତ୍ତୋଳନ କରିଥିଲେ। ସେହିପରି ଶରତ କୁମାର ଦେବ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରମୋଦ ମଲିକ, ମେଣ୍ଢପୁର ହାଇସ୍କୁଲ ଓ ହଁସିମୁଦ୍ଦିନ ସ୍କୁଲରେ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଡଭୋକେଟ ଶରତ କୁମାର ମହାନ୍ତି, ଆଳି ମହାବିଦ୍ୟାଳୟରେ ଅଧକ୍ଷ ଦୁର୍ଯ୍ୟଧନ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ।

**ଗରଦପୁର:** ଗରଦପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକ ପତାକା ଉତ୍ତୋଳନ କରିଥିବାବେଳେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ମିଶନ ଶକ୍ତି ଅଧିକାରୀ ଅଖିଳ ଆଚାର୍ଯ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତଥିଲେ। ଗରଦପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାର ନମିତା ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପାଟକୁରା ଥାନାରେ ଭାରାପ୍ରାପ୍ତ ଅଧିକାରୀ ବିଶ୍ୱଜିତ ଭୋଇ, କୁଦାନଗରୀ ଥାନାରେ ଅମ୍ବିକା ଦାସ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ।



ପାଟକୁରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ. ହିମାଂଶୁ ଭୂଷଣ ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥଲେ। ସେହିପରି ଲୋକନାଥ ମହାବିଦ୍ୟାଳୟରେ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ ପତାକା ଉତ୍ତୋଳନ କରିଥିବା ବେଳେ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡ଼ିଓ ଦାସରଥି ଜେନା, ଏବିଡ଼ିଓ ଭଞ୍ଜ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡେରାବିଶ ତହସିଲ କାର୍ଯ୍ୟାଳୟରେ ତହସିଲଦାର ପ୍ରଜ୍ଞାପରିମିତା ପୃଷ୍ଟି, ଡେରାବିଶ ଥାନାରେ ଥାନାଧିକାରୀ କିଶୋର ଚନ୍ଦ୍ର ତରାଇ ପତାକା ଉତ୍ତୋଳନ କରିଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଛତାସ୍ଥିତ କୃଷକ ଭବନରେ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ପତାକା ଉତୋଳନ କରିଥିବା ବେଳେ ଡେରାବିଶ ମହାବିଦ୍ୟାଳୟରେ ଅଧକ୍ଷ ଚନ୍ଦ୍ରଶେଖର ନାୟକ, ଚାନ୍ଦୋଳ ମହାବିଦ୍ୟାଳୟରେ ଅଧକ୍ଷ ଡକ୍ଟର ଲକ୍ଷ୍ମଣ କୁମାର ଦାଶ ପତାକା ଉତ୍ତୋଳନ କରିଥିଲେ।

## ଆଦର୍ଶ ଶିକ୍ଷକ ଦୈତାରୀ ନାୟକଙ୍କ ଜୟନ୍ତୀ

# ‘ଗ୍ରାମାଞ୍ଚଳରେ ଜ୍ଞାନର ମହାଜ୍ୟୋତି ପ୍ରଜ୍ୱଳନ କରିଥିଲେ ଦୈତାରୀ’

ପଟ୍ଟାମୁଣ୍ଡାଇ, ୨୭।୧(ସମିସ): ଆଦର୍ଶ ଶିକ୍ଷକ ସ୍ୱର୍ଗତ ଦୈତାରୀ ନାୟକଙ୍କ ୯୩ ତମ ଜୟନ୍ତୀ କେନ୍ଦ୍ରାପଡ଼ା ବଲୁରିଆଠାରେ ପାଳିତ ହୋଇଯାଇଛି। ଏକ ସମୃଦ୍ଧ ସାମାଜ ଗଠନରେ ଜଣେ ଆଦର୍ଶ ଶିକ୍ଷକର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ଆଦର୍ଶ ଶିକ୍ଷକ ସ୍ୱର୍ଗତ ଦୈତାରୀ ନାୟକଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ଦୈତାରୀ ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ‘ସକାଳ’ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ ଯୋଗଦେଇ ସ୍ୱର୍ଗତ ଦୈତାରୀ ନାୟକଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ଅବହେଳିତ ଧୋୟା ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଦୈତାରୀ ଜୀବନବ୍ୟାପି ସଂଗ୍ରାମ କରିଥିଲେ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା କରି ଶହ ଶହ ଆଦର୍ଶ ଛାତ୍ର ସୃଷ୍ଟିକରି ସମାଜ ପାଇଁ ବଳିଷ୍ଠ ଅବଦାନ ଛାଡିଯାଇଛନ୍ତି, ଯାହାକି ତାଙ୍କ ଆବର୍ତ୍ତମାନରେ ଚିରସ୍ମରଣୀୟ ହୋଇ ରହିବ ବୋଲି ଏହି ଜୟନ୍ତୀ ଉତ୍ସବରେ ଅତିଥିମାନେ କହିଥିଲେ। ଟ୍ରଷ୍ଟ ସଭାପତି ଭଗବାନ ରାଉତଙ୍କ ପୌରୋହିତ୍ୟ ଓ କବି ସଚିତ୍ର ବେହୁରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା।

ମୁଖ୍ୟ ଅତିଥି ରାଜ୍ୟ ସୂଚନା କମିଶନର ସୁଶାନ୍ତ ମହାନ୍ତି କହିଥିଲେ ଯେ, ଦୈତାରୀ ନାୟକ କେବଳ ଆଦର୍ଶ ଶିକ୍ଷକ ନଥିଲେ ଏକ ଗାନ୍ଧୀବାଦୀ ବଳିଷ୍ଠ ବ୍ୟକ୍ତିତ୍ୱ ଥିଲେ। ଏଭଳି ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଅବକ୍ଷୟମୁଖୀ ସମାଜରେ ପରିବର୍ତ୍ତନ ଆସିପାରିବ।

ମୁଖ୍ୟବକ୍ତା ଦୈନିକ ସକାଳ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ ଦୈତାରୀ ନାୟକଙ୍କୁ ଜଣେ ମହାନବ୍ୟକ୍ତିତ୍ୱ ବୋଲି ଅଭିହିତ କରିବା ସହ ସେ ଅଜ୍ଞାନର ଅନ୍ଧକାରକୁ ଦୂରେଇ ଦେଇ ଗ୍ରାମାଞ୍ଚଳରେ ଜ୍ଞାନର ମହାଜ୍ୟୋତି ପ୍ରଜ୍ୱଳନ କରିଥିଲେ ବୋଲି କହିଥିଲେ। ଏହାଛଡ଼ା ଦୈତାରୀ ନାୟକ ଏକ ବ୍ୟକ୍ତି ନୁହେଁ ଅନୁଷ୍ଠାନ ବୋଲି ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। ଦୈନିକ ପ୍ରମେୟ ବ୍ୟୁରୋ ମୁଖ୍ୟ ଦେବେନ୍ଦ୍ର ସୁଆର, ବିଶିଷ୍ଟ କଥାକାର ପ୍ରଦୀପ ନାୟକ ଓ ବ୍ରାହ୍ମଣୀ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ପାର୍ଥସାରଥୀ ଦାଶ ସ୍ୱାଗତ ଭାଷଣ ଓ କବୟିତ୍ରୀ ଆରାଧନା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟ ସମ୍ପାଦକ ରଞ୍ଜିତ ରାଉତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଦୈତାରୀ ନାୟକଙ୍କ ଛାତ୍ର ରତ୍ନାକର ସେଠୀ କବିତା ପାଠ କରିଥିଲେ।

ଉତ୍ସବରେ ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳ, ଅଧାପକ ଦିଲ୍ଲୀପ ଭୂୟାଁ, ଅଧାପକ ଦିଲ୍ଲୀପ ମଲ୍ଲିକ, କବି ନାରାୟଣ ରାଉଳ, ଶିକ୍ଷାବିତ ନିରଞ୍ଜନ ସୁନ୍ଦରରାୟ, ପୂର୍ବତନ ସରପଞ୍ଚ କୂଳମଣି ଆନନ୍ଦ ମହାପାତ୍ର, ନିମାଇଁ ଚରଣ ମଲ୍ଲିକ, ବସନ୍ତ କୁମାର ମଲ୍ଲିକ, ପ୍ରଧାନ ଶିକ୍ଷକ ଦାମୋଦର ସାହୁ, ନାରାୟଣ ବିଶ୍ୱାଳ, କ୍ଷମାନିଧି ସାମଲ, ସବ୍ୟସାଚୀ ବିଶ୍ୱାଳ, ଭାରତ ଭୂଷଣ ନାୟକ, ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକ, ଦୈତାରୀ ଦାସ, ଗୁରୁଚରଣ ଦାସ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ସୁତାର ପ୍ରମୁଖ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ଓ ସଙ୍ଗୀତଜ୍ଞ ସୁଧାଂଶୁ ଦାସ ଗୁରୁ ବନ୍ଦନା ଓ ଗୁଣୁପୁର ସରସ୍ୱତୀ ସେବା ସଂଗଠନ କଳାକାରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ନୟନ ରାଉତ, ବସନ୍ତ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷାବିତ ସନାତନ ତରାଇ ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ମାରାଥନ ଶିଳାନ୍ୟାସ

# ଦୁଇ ଦିନରେ ୫୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ



ରାଜନଗର, ୨୭।୧(ସମିସ): ରାଜନଗର ବ୍ଲକରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ ଜାରି ରହିଛି। ଦୁଇ ଦିନରେ ଏକ ଡଜନରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଚକିବାଙ୍କ ସନ୍ଥପଡ଼ା ରାସ୍ତାର କାଣୀ କ୍ରିକ ଉପରେ ପୋଲ ୮ କୋଟି ୨୨ ଲକ୍ଷ ୬୩ ହଜାର, ଗୋବିନ୍ଦପୁର ଟାଙ୍ଗଣତୈଲା ରାସ୍ତାରେ କାଣୀ ନଦୀ ଉପରେ ୬କୋଟି ୨୧ ଲକ୍ଷ ୭ ହଜାର ବ୍ୟୟରେ ପୋଲ, ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ବେଲପାଳ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ବସୁଳେଇ ରାସ୍ତା ୫ କୋଟି ୬ଲକ୍ଷ ବ୍ୟୟରେ, ବଡ଼ ଓଲରାରୁ ଭଗବାନପୁର ରାସ୍ତା ୫ କୋଟି ୬ ଲକ୍ଷ ବ୍ୟୟରେ, ଦକ୍ଷିଣଭେଡା ରାସ୍ତାର ବଦନାଳ ଉପରେ ୬ କୋଟି ୬୪ ଲକ୍ଷ ୨୩ ହଜାର ବ୍ୟୟରେ ଉଚ୍ଚ ସେତୁ, ସାକୀ ଯୋଜନାରେ ୭କୋଟି ୩୬ଲକ୍ଷ ୩୭ ହଜାର ବ୍ୟୟରେ ରାସ୍ତା ନିର୍ମାଣ, ହଂସିଣାରୁ ଚକାମନପୁର ରାସ୍ତା ୧ କୋଟି ୯ ଲକ୍ଷ ବ୍ୟୟରେ ନିର୍ମାଣ ହେବ। ସମସ୍ତ ପ୍ରକଳ୍ପ ସହିତ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଓ ଦୁଧିଖିଆ ନାଳର ପୁନଃ ଉଦ୍ଧାର ପାଇଁ ଶିଳାନ୍ୟାସ କରାଯାଇଛି। ବିଧାୟକଙ୍କ ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ ଓ ଅନ୍ୟ ସରକାରୀ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ବେହେରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ବ ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ବିଜେଡି କେନ୍ଦ୍ରାପଡ଼ା ଜିଲ୍ଲା ମିଡ଼ିଆ ସେଲର ଅଧକ୍ଷ ବିଜୟ ନାୟକ, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ଅଶୋକ କୁମାର ମହାନ୍ତି, ସମିତି ସଭ୍ୟା ସସ୍ମିତା ସ୍ୱାଇଁ, କଣ୍ଡିରା ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଚକ୍ରବ୍ୟୂହ

ମୂଳ ଅହମିୟା: ଫୁଲ ଗୋସ୍ୱାମୀ
ରୂପାନ୍ତର: ଜୟନ୍ତୀ ରଥ



ମୁଁ ବୁଣି ଚାଲିଛି । ଉଲ୍‌ବୁଣା କଣ୍ଟା ମୋ ହାତରେ ଏପାଖସେପାଖ ହେଉଛି । ରାସ୍ତାରେ ସ୍ୱାମୀ-ସ୍ତ୍ରୀ ଦୁହେଁ ଯାଉଛନ୍ତି । ପୁରୁଷ ଲୋକଟି ବର୍ଷକର ଛୁଆଟିଏ ଧରିଛି । ପରେ ପରେ ସ୍ତ୍ରୀ ଲୋକଟି ତିନିବର୍ଷର ପିଲାଟିକୁ ଘୋଷାରି ଘୋଷାରି ନେଉଚି । ସେମାନଙ୍କ ପଛରେ, ଓଜନିଆ ବ୍ୟାଗଟିଏ ଧରି କଷ୍ଟେମଷ୍ଟେ ଚାଲୁଚି ବୁଢ଼ାଟିଏ, ଧୀରେ ଧୀରେ ପାହୁଣ୍ଡ ପକାଇ । ପରେ ପରେ ଆଉ ଏକ ଦମ୍ପତି । ଏଇ ତ ନିତିଦିନର ଦୃଶ୍ୟ । କିଛି ନୂତନତା ନାହିଁ । ବଡ଼ ବିରକ୍ତିକର । ମୋତେ ଅସ୍ଥିର ଲାଗୁଚି । ବାନ୍ତି ଲାଗୁଚି ।

ସ୍ୱାମୀ- ସ୍ତ୍ରୀ ଏକାଠି ସନ୍ଧ୍ୟାରେ ବୁଲିବାକୁ ଯିବା, ସିନେମା ଦେଖି ଯିବା ଏଗୁଡ଼ା ତ ରୁନିଟ୍ ବନ୍ଧା କାମ । ହାତ ଧୋଇବା ପରି, ଗୋଧୋଇବା ପରି, ସବୁ ପରିଚିତ ଦୃଶ୍ୟର ପ୍ରତିଫଳନ । ପରିଚିତ ଶବ୍ଦର ପ୍ରତିଧ୍ୱନି । ସବା ପଛରେ ଯେଉଁ ଦମ୍ପତି ଅଛନ୍ତି, ସେମାନେ ଦି ବର୍ଷ ହେଲା ବାହା ହୋଇଛନ୍ତି ।

ସନ୍ଧ୍ୟାବେଳେ ସେମାନେ ଏକାଠି ବୁଲିବାକୁ ଯାଉଛନ୍ତି । ଏଇଟା ତ ଗୋଟେ ଫ୍ୟାସନ୍ ଆଜିକାଲିର । ବିବାହିତା ପତ୍ନୀକୁ ସାଙ୍ଗରେ ଧରି ବୁଲିବାକୁ ଯିବା । ଏଇ ଲୋକଦେଖାଣିଆ ରୀତିଟା ଅନ୍ୟପ୍ରାଣୀଙ୍କ ଭିତରେ ଅଛି କି, ପ୍ରାଣୀବିଜ୍ଞାନୀଙ୍କଠାରୁ ବୁଝିବାକୁ ପଡ଼ିବ ।

ଦୀପୁ ମାମୁଙ୍କୁ ବି ଦିନେ ଏଇ ବାହାଘର ନିଶା ଘାରିଥିଲା । ଅନୁରାଧାକୁ ବାହା ନ ହେଲେ ମୁଁ ମରିଯିବି ବୋଲି କହୁଥିଲେ । ତାଙ୍କୁ ହିଁ ବାହାହେଲେ । ତା'ପରେ ଚାଲିଲା ସାନ୍ଧ୍ୟଭ୍ରମଣ, ସିନେମା ଦେଖା, ହନିମୁନ୍‌ରେ ଯିବା, ଯାହା ସଚରାଚର ହୁଏ ।

ମୁଁ କେତେ ଛୋଟ ଥିଲି ସେତେବେଳେ । ମୋର ଉପସ୍ଥିତିକୁ ଧ୍ୟାନ ନ ଦେଇ ମାମୁ ଓ ଅନୁ ମାଇଁ ନିର୍ଲଜ୍ଜ ଭାବରେ ଦେହଖେଳରେ ମାତିଯାଉଥିଲେ । କୁଆଡ଼େ ଗଲା ସେ ଉତ୍ତାଳ ପ୍ରେମ । ମାଇଁ ମାଆ ହେବା ପରେ ଆସ୍ତେ ଆସ୍ତେ ଫିକା ପଡ଼ିଗଲା ସେଇ ପ୍ରେମର ରଙ୍ଗ । ...ତମେ ଅତୁଳନୀୟା । ତମେ ଅନନ୍ୟା । ଓଃ କି ଭାଷା ଦୀପୁ ମାମୁଙ୍କର! କି ରୋମାଞ୍ଚଭରା ଆଲିଙ୍ଗନ । କୁଆଡ଼େ ଗଲା ସେ ସବୁ । ଜିତା ମାଉସୀଙ୍କ ବାହାଘର ପରଠୁ ତ ଆଉ ବିଲକୁଲ ସେଭଳି ଦୃଶ୍ୟ ଦେଖିନି । ମାମୁଙ୍କର ଶିରା ଧମନୀ ବ୍ୟବଚ୍ଛେଦ କରି ଖୋଜିବାକୁ ଇଚ୍ଛା ହୁଏ, ସେସବୁ ପ୍ରେମାଳାପର ସତ୍ତା । ଲୋକଟା ସତରେ ଭଲ ପାଉଥିଲା ନା ଭଲ ପାଇବାର ଛଳନା କରୁଥିଲା । ଭଲ ପାଇବାର ଯେତେ ସବୁ ମିଥ୍ୟାଚାର । ବାକ୍ ଚାତୁରୀ ।

ରୋମା ରୋଲା'ଙ୍କ 'ଜି କ୍ରିଷ୍ଟୋଭ୍' ଉପନ୍ୟାସର ସେଇ ଛୋଟ ପିଲାଟା ଯେମିତି ଭାବୁଥିଲା ମେଘଖଣ୍ଡ ସବୁ ତା' ଇଚ୍ଛାରେ ଭାସୁଛନ୍ତି । ଦୀପୁ ମାମୁ ବୋଧେ ସେମିତି ଭାବୁଥିଲେ ସେତେବେଳେ । ଭାବୁଥିଲେ ସଂସାରର ସବୁଠାରୁ ସୁଖୀ ଦମ୍ପତି ସେମାନେ । ବିବାହର ରଜ୍ଜୁ ଶକ୍ତ କରିବାକୁ ଏଭଳି ପାଗଳପଣ ଅବଶ୍ୟ ଜରୁରି । ଏଇ ବିଭୋରପଣ ନ ଥିଲେ ସେ କ'ଣ ସମ୍ଭାଳି ପାରିଥାନ୍ତେ ଯେଉଁ ଧକ୍କା ଆସିଲା ତାଙ୍କ ଜୀବନରେ ।

ରାଜେନ୍‌ରେ ପ୍ରେମରେ ମତୁଆଲା ହୋଇ ଗାୟତ୍ରୀ ହଷ୍ଟେଲରୁ ଲୁଚି କାମାକ୍ଷା ପଳେଇ ଆସିଥିଲା । କ'ଣ ପାଇଲା? ସେ କ'ଣ ସ୍ୱପ୍ନରେ ସୁଦ୍ଧା ଭାବିଥିଲା ତା'ର ପ୍ରେମର ପାତ୍ର ବିଷରେ ଭରିଯିବ? ଏକା କ'ଣ ଗାୟତ୍ରୀ ? ଆହୁରି ବହୁତ ଜଣ । ସେମାନେ ନିଜ ନିଜ ନୋଟ୍ ଖାତାକୁ, ହଷ୍ଟେଲର କାନ୍ଥକୁ ଭରିଦେଇଥିଲେ ଇଂରାଜୀ, ବଙ୍ଗାଳୀ, ଉର୍ଦ୍ଦୁ ଭାଷାର ପ୍ରେମ କବିତାରେ । ଭାଗ୍ୟର ନିଷ୍ଠୁର ହାତ ପୋଛି ନେଇଥିଲା ସେମାନଙ୍କ ପ୍ରେମକୁ । ରାଜେନ୍‌ର ଗାୟତ୍ରୀ ପାଇଁ ଭଲ ପାଇବା ଅତୁଟ ରହି ନଥିଲା । ସେ ମିସେସ୍ ଶର୍ମାଙ୍କ ଆଡ଼କୁ ଢଳିଥିଲା ଓ ତାଙ୍କ ସହ ଯୋଡ଼ି ହୋଇଯାଇଥିଲା । ସେ ଦୁହିଁଙ୍କର ସଂପର୍କ ଏତେ ନିବିଡ଼ ହେବାର ସୁରାକ ବୋଧେ ପାଇ ନ ଥିଲା ଗାୟତ୍ରୀ । କିଏ ଜାଣେ ସେ ସବୁ ଜାଣି ନ ଜାଣିବାର ଛଳନା କରୁଥିଲା ।

ଅହଂକାର ଓ ସାମାଜିକ ପ୍ରତିଷ୍ଠା ଲୁଣ୍ଠିତ ହେବାର ଆଶଙ୍କାରେ ସେ ପ୍ରତିବାଦର ସ୍ୱର ଟେକି ନ ଥିଲା । ବୋଧହୁଏ ଏହି ଅହଂମନ୍ୟତା ଯୋଗୁଁ ମୋତେ ସବୁକିଛି ଅସ୍ପଷ୍ଟ ଦିଶୁଚି । ମୋ ଚାରିପାଖେ ଘେରିଥିବା ଗଛଲତା, ପାହାଡ଼, ମଥା ଉପରର ଆକାଶ, ପାଦ ତଳର ପୃଥିବୀ....ସବୁ କିଛି ହିଁ ଅସ୍ପଷ୍ଟ ଦିଶୁଚି । ଅବରୁଦ୍ଧ ବାତାବରଣ ମଧ୍ୟରେ ବିତିଗଲା ଶୈଶବ । ଏବେ ପରିଣତ ବୟସ । ତଥାପି ଜାରି ରହିଛି ଦୌଡ଼ । ଆଗକୁ କ'ଣ ଘଟିବ, ତାହା ଜାଣିବାର ଇଚ୍ଛା ଅଦମନୀୟ । କାହିଁକି ଏମିତି ହେଉଛି ? କାହାକୁ ପଚାରିବି? କେଉଁ ଅଧ୍ୟାପକ/ଅଧ୍ୟାପିକାଙ୍କୁ?

ଉଲ୍‌ରେ ନୂଆ ଡିଜାଇନ୍‌ଟା ଉଠି ଗଲାଣି । ଯେମିତି ଗାୟତ୍ରୀ ପ୍ରେମିକାରୁ ମାଆ ପାଲଟିଗଲା, ମାମୁ ପ୍ରେମିକରୁ ସ୍ୱାମୀ, ସ୍ୱାମୀରୁ ପିତା ପାଲଟି ଗଲେ, ସେମିତି । ସମସ୍ତେ ବୋଧେ ଏମିତି ଧୀରେ ଧୀରେ ମାୟାଜାଲରୁ ମୁକୁଳି ଯାଆନ୍ତି ।

ଯେତେବେଳେ 'ଆଜି', 'ଆସନ୍ତାକାଲି' ହୋଇଯାଏ ସେତେବେଳେ ବିଗତ ବର୍ଷର ସତ୍ୟ ବି ମୂଲ୍ୟହୀନ ମନେହୁଏ ।

ଗାୟତ୍ରୀ ଅତୀତର ଭାବାବେଗକୁ ନେଇ ସନ୍ତୁଳିତ, ସନ୍ତାପିତ ହେଉ ନ ଥିବ? ପ୍ରେମହୀନ ସଂସାର ଭିତରେ ସେ ବଞ୍ଚିଛି । କ'ଣ କରିବ ଆଉ? ବଞ୍ଚିବା ପାଇଁ ତ ଗୋଟେ ଅବଲମ୍ବନ ଦରକାର । ପ୍ରେମ ସଫଳ ହେଲା ନାହିଁ ବୋଲି କ'ଣ ଜୀବନ ମୂର୍ଚ୍ଛି ଦେବ?

ମୋତେ ଏବେ ଆଉ ଥରେ ବାନ୍ତି ଲାଗୁଚି ।

ଗାୟତ୍ରୀ ନିଜର ଅନ୍ତର୍ଦାହ ପ୍ରକାଶ କରିବାକୁ ସଙ୍କୋଚବୋଧ କରୁଚି । ମୋର ଅନ୍ତଃସ୍ଥଳ କ'ଣ ସତତ ଆନ୍ଦୋଳିତ ହେଉ ନାହିଁ?

ସମ୍ଭବତଃ ତାହା ହିଁ ପ୍ରଭାବିତ କରୁଛି ମୋର ଦେହକୁ । ବାରମ୍ବାର ବାନ୍ତି ଲାଗୁଚି ।

ଅବିନାଶ ସହ ମନୀଷାର ସଂପର୍କ ଗଢ଼ି ଉଠିବା ବିଷୟରେ ଜାଣିବା ପରେ ମୁଁ ତ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲି । କେବଳ ସମୟ ହିଁ ମୋତେ ଶକ୍ତି ଦେଇଛି ସେଇ ପ୍ରଚଣ୍ଡ ଆଘାତକୁ ସହ୍ୟ କରିବା ପାଇଁ । ମୋ ଭିତରେ ଭଲ ପାଇବାର ଭିତ୍ତି ଉଜୁଡ଼ି ଗଲା । ହଜିଗଲା କୋମଳ ଭାବ । ମୁଁ ରୁକ୍ଷ ହୋଇ ଉଠିଲି । କଠୋର ବାସ୍ତବକୁ ଆଦରି ନେଲି । ଅବିନାଶକୁ ଦୋଷ ଦେବାରୁ ନିବୃତ୍ତ ହେଲି । ଜୀବନ ଯେଉଁଠି ଅଳୀକ, ସେଠି ପ୍ରେମର ଭଙ୍ଗୁରତା ପାଇଁ ଏତେ ବ୍ୟାକୁଳତା କାହିଁକି । ମୁଁ ନିଜକୁ ବୁଝେଇ ଦେଲି ।

ଅବିନାଶ ଅନାୟାସରେ ପ୍ରେମର ଅମୃତ ସ୍ୱାଦ ପାଇଥିଲା । ତେଣୁ ସେ ତା'ର ମୂଲ୍ୟ ବୁଝିଲାନି । ନୀତି ବିରୁଦ୍ଧ, ନିଷିଦ୍ଧ ପଥରେ ଯାଇ ପ୍ରେମକୁ ଉପଭୋଗ କରିବାକୁ ଶ୍ରେୟସ୍କର ମଣିଲା । ହୁଏତ ମୋ ପାଖରେ ତା'ର ଉଦଗ୍ର କାମନା ଚରିତାର୍ଥ ହୋଇ ନ ଥିଲା । ମନୀଷାର ରୂପ, ବାହ୍ୟ ଚାକଚକ୍ୟ, ଆଡ଼ମ୍ବରପୂର୍ଣ୍ଣ ପରିପାଟୀ ତା'କୁ ପ୍ରଲୁବ୍ଧ କଲା । ସେ ବିଚାରଭ୍ରଷ୍ଟ ହେଲା, ମନୀଷାକୁ ବିବାହ କରିବା ପରେ ଅବିନାଶ ସହିତ ମୋର ଦୁଇଥର ଦେଖାହୋଇଛି । ମୋ ପାଖରେ ଲଜ୍ଜାରେ ସେ ନତମୁଖ ରୁହେ । ମନୀଷାକୁ ବି ଦୋଷୀଭାବ ଆଚ୍ଛନ୍ନ କରି ରଖୁଚି, ମୁଁ ସେ ଦୁହିଁଙ୍କୁ କ୍ଷମା କରି ଦେଇଛି । ମୁଁ ଚେଷ୍ଟା କରୁଚି ମନୀଷା ମନରୁ ଦୋଷୀଭାବ ଦୂରେଇ ଦେବା ପାଇଁ ।

ଅବିନାଶ ମୋତେ ଧୋକା ଦେଲା, ନିଷ୍ଠୁର ଭାବେ, ପ୍ରତି ମଣିଷ ଭିତରେ ନିଷ୍ଠୁର ଭାବ ଅଛି ଊଣା ଅଧିକେ । ଅବିନାଶ କ'ଣ ମଣିଷ ନୁହେଁ?

ନିଷିଦ୍ଧ ଫଳର ଆକର୍ଷଣ ସବୁବେଳେ ଦୁର୍ବାର । ସେଇ ଆକର୍ଷଣକୁ ଏଡ଼େଇବାର ଶକ୍ତି ନ ଥିଲା ଅବିନାଶର । ନା । ଅବିନାଶକୁ ଅମଣିଷ କହି ହେବ ନାହିଁ । ସେ ଭୀରୁ । ସେ ଦୁର୍ବଳ ।

ଅସିଦ୍ଧ ପ୍ରେମକୁ ସେ ଜୀବନଠୁ ବଡ଼ ଭାବିଲା । ଏଇ ତା'ର ଭୁଲ । ଏଇ ତା'ର ଭ୍ରାନ୍ତି । ମଣିଷ ମାତ୍ରେ ହିଁ ତ କିଛି ଭ୍ରାନ୍ତି, କିଛି ଭୁଲର ସମାହାର ।

ନେପାଳ ରେଡିଓ ଷ୍ଟେସନ୍‌ରୁ ଭାସି ଆସୁଚି ହିନ୍ଦୀ ସିନେମାର ଗୀତ - "କଭି କଭି ମେରେ ଦିଲ୍ ମେ....", ଦିଲ୍, ପ୍ରେମ, ହୃଦୟ, ପ୍ୟାର୍ ଏ ସବୁ ଶବ୍ଦ ମୋ ପାଇଁ ନିରର୍ଥକ ।

ମୋତେ ପୁଣି ବାନ୍ତି ଲାଗୁଚି ।

କାମବାଲୀକୁ ମୁଁ ରେଡିଓ ସୁଇଚ୍ ଅଫ୍ କରିବାକୁ କହିଲି ।

ସାଙ୍ଗେ ସାଙ୍ଗେ ତା' କଥା ଭାବି ମୋତେ ଖରାପ ଲାଗିଲା । ବିଚାରୀ! ସେ କ'ଣ ଜାଣେ । କେତେ ଖୁସି ମନରେ ସେ ଗୀତଟି ଶୁଣୁଥିଲା । ହୁଏତ କେହି ପ୍ରେମିକ ଆସିବ ତା' ଜୀବନକୁ । ପ୍ରେମର ମାୟାମଧୁର ପାଶରେ ଛନ୍ଦି ଦେବ ତା'କୁ । ତା'ପରେ ସବୁକିଛି ଶୋଷିନେବ ଯା'ଠୁ ।

ତା'ପରେ କାମାଗ୍ନିରେ ଜଳିପୋଡ଼ି ଛାରଖାର ହୋଇଯିବ ଯା'ର ଜୀବନ । ଇଏ ପାଲଟିଯିବ ଛୁଆ ଜନ୍ମ କରିବାର ଗୋଟେ ମେସିନ୍ । ତା'ପରେ ହୋଇଯିବ ଭାରବାହୀ ଗଧ । ଏବେ ବୁଝି ପାରୁନି । ପ୍ରେମଗୀତ ଶୁଣି ମନ ଛନଛନ ହେଉଚି । ମିଛ ପ୍ରେମର କରୁଣ ପରିଣତି ବିଷୟରେ ସେ ଚିନ୍ତା କରି ପାରୁ ନାହିଁ ।

ହୁଁ, ବେଳେ ବେଳେ ମିଛ ବି ବଡ଼ ମଧୁର ଲାଗେ । ଅଠର ବର୍ଷର ଯୁବତୀ । ତା'ପାଖରୁ ବିରାଗ ଭାବ ଆଶା କରିବା ବୃଥା । ସୁଖ ପାଇବାର ଆଶା ତା'ର ରହିବନି କେମିତି? ଏତେ ସବୁ ପ୍ରେମ ଗୀତ ତାହେଲେ ଶୁଣିବ କିଏ?

ନିକଟ ଭବିଷ୍ୟତରେ ଗୌତମ ମୋତେ ବିବାହ ପ୍ରସ୍ତାବ ଦେବ । ମୋ ପାଇଁ ଲୋକଙ୍କ ଆଖିରେ ଘନୀଭୂତ ଦୟା, ଅନୁକମ୍ପା ଉଭେଇ ଯିବ । ବାପା, ମା' ଆଶ୍ୱସ୍ତ ହେବେ । ମୋତେ ସାମାଜିକ ସ୍ୱୀକୃତି ମିଳିବ । ନିରାପତ୍ତା ବି । ମୁଁ ଏବେ ସବୁ ଗିଗରୁ ନିଶ୍ଚିନ୍ତ । ଅନ୍ତତଃ ଗାୟତ୍ରୀଠାରୁ କାହିଁ କେତେ ଗୁଣରେ ଅଧିକ ସ୍ୱଚ୍ଛନ୍ଦ, ମୁକ୍ତ ମୁଁ? ଏବେ ମୋ ଭିତରେ ପ୍ରତାରଣାର ଆଶଙ୍କା ନାହିଁ । ଗୌତମଠାରୁ ନିଃସର୍ତ୍ତ ପ୍ରେମ ମୁଁ ଆଶା କରିବି ନାହିଁ । ଗୌତମ ବି ଦିନେ ଅବିନାଶ ପାଲଟି ଯିବାର ସମ୍ଭାବନା ଅଛି । ସେଇ ମାନସିକ ପ୍ରସ୍ତୁତି ନେଇ ମୁଁ ଯିବି । ମୋ ପାଖରେ ପ୍ରାପ୍ତିର ଅଭିଳାଷ ନାହିଁ କି ହରେଇବାର ଭୟ ମଧ୍ୟ ନାହିଁ ।

ସ୍ୱାମୀର ସୋହାଗ ପାଇଁ ବ୍ୟାକୁଳତା, ସନ୍ତାନ ପାଇଁ ଅନ୍ଧ ମୋହ, ସମାଜର କଟୁ ଆକ୍ଷେପ ଏସବୁର ଚକ୍ରବ୍ୟୂହ ଭିତରେ ଗାୟତ୍ରୀ ଅଭିମନ୍ୟୁର ଦଶା ଭୋଗିଲା । ମୋର ସେଇ ଚକ୍ରବ୍ୟୂହ ଭିତରେ ପଶିବାର ନାହିଁ । ଅବିନାଶକୁ ଭଲପାଇବା ବେଳେ ମୁଁ ଅନ୍ଧ ଥିଲି । ହିତାହିତ ବିଚାର କରି ନ ଥିଲି । ଗୌତମକୁ ସହଯାତ୍ରୀ ଭାବେ ଆଦରିଲା ବେଳେ ମୋ ଭିତରେ ଆଉ ସେ ଉନ୍ମାଦନା ନାହିଁ । ରଙ୍ଗିନ ସ୍ୱପ୍ନରେ ମୁଁ ଉଚ୍ଚାଟିତ ହେଉ ନାହିଁ । ଆଉ ଅନ୍ଧାର ନାହିଁ । ଏବେ ସବୁଠି ସୂର୍ଯ୍ୟାଲୋକ । ଅନ୍ଧାର ଆସିପାରେ ହୁଏତ, ମାତ୍ର ସେଥିରେ ପ୍ରହେଳିକା ନ ଥିବ ।

ରେଣୁର ବାପା ଚାଲିଗଲେ । କେତେ ଫୂର୍ତ୍ତି, କେତେ ଚଞ୍ଚଳ ଥିଲେ । ବୟସ ଓ ରୋଗର ଦାଉରେ ଶେଷ ଆଡ଼କୁ ନଇଁ ଯାଉଥିଲା ତାଙ୍କର ଦୀର୍ଘ ଦେହ । କେଉଁ ଅଜ୍ଞାତ ଲୋକ ସହ ଘର ଛାଡ଼ି ଚାଲିଗଲା । କ'ଣ ଦରକାର ଥିଲା ତା'ର ଏମିତି ଘରୁ ଲୁଚି ପଳେଇ ଯିବା? ପୁଣି ପ୍ରେମ ଲାଗି? ଆଉ କିଛି କାରଣ ଥାଆନ୍ତା ହେଲେ? ପ୍ରେମର ଆଉ ଏକ ନାଁ କାମନା । ବୋଧହୁଏ ଉଦଗ୍ର କାମନାର ତାଡ଼ନା ତା'କୁ ଅତିଷ୍ଠ କଲା । ବଡ଼ ମଣିଷଙ୍କ ପ୍ରେମ ପିଲାଖେଳ ପରି । କ୍ଷଣିକ । ମୋହ । ମୋହ । ଏ ମୋହ ତୁଟି ଯାଏ ।

ମୁଁ ରେଣୁକୁ ବୁଝାଇବାକୁ ଚାହିଁ ଥିଲି । ପାରିଲିନି । କାଳେ ମୋ କଥା ଅଗ୍ରାହ୍ୟ କରିଥାନ୍ତା ସେ । କାଳେ ସେ ଭାବିଥାନ୍ତା ମୁଁ କିଛି ଜାଣେ ନାହିଁ । ଅଯଥା କଥା ଭାବୁଚି ।

ହୁଁ, କିଏ ବା ନିଜ ଅଜ୍ଞତା ବିଷୟରେ ଜାଣେ?

ବାବା କାଶୁଛନ୍ତି ।

ମତେ ଦେଖିବାକୁ ହେବ ।

ସାଇସୁଧା
୩୬୫/୩୦୨୫, ଶିଶୁ ବିହାର
କିଟ୍, ପଟିଆ, ଭୁବନେଶ୍ୱର- ୨୪
ମୋ: ୮୮୯୫୬୧୭୯୫୬

ମୂଳ ପର୍ତ୍ତୁଗୀଜ୍: ଶୋଫିଆ ଡି ମେଲୋ ବ୍ରେନର୍
ଅନୁବାଦ: ମନୋଜ କୁମାର ଦାଶ



## ବେଳାଭୂମି



ଯେତେବେଳେ ପବନ ବହେ
ପାଇନ୍ ଗଛମାନେ
ଅସ୍ପଷ୍ଟ ଭାବରେ କିଛି କହନ୍ତି
ଖରାର ତୀବ୍ର ତେଜରେ
ପଥରମାନେ ତାତି ଉଠନ୍ତି ।

ଅଦ୍ଭୁତ ସାମୁଦ୍ରିକ ଦେବତାମାନେ
ପୃଥିବୀର ଖଣିରେ
ଭ୍ରମଣ କରନ୍ତି,
ତାଙ୍କ ଦେହରେ
ପ୍ରସ୍ତ ପ୍ରସ୍ତ ଲୁଣ ଲାଗିଥାଏ
ଆଉ ମାଛ ପରି ସେମାନେ
ଝଟକି ଉଠନ୍ତି ।

ହଠାତ୍ ଶିକାରୀ ପକ୍ଷୀମାନେ
ପଥର ପରି ଆଲୋକ ଆଡ଼କୁ
ଫିଙ୍ଗି ହୁଅନ୍ତି
ଠିକ୍ ଫିଙ୍ଗିଲା ପଥର ପରି
ଆଉ ସେମାନେ ସିଧା ସଳଖ
ମରିଯାଆନ୍ତି
ତାଙ୍କର ମର ଶରୀର ସବୁକୁ
ଶୂନ୍ୟତା ଆବୋରି ବସେ ।।

ଢେଉମାନେ ଉଠନ୍ତି
ଏପରିକି ଯେ ସେମାନେ
ଆଲୋକକୁ ଛିନ୍ନ ବିଚ୍ଛିନ୍ନ କରି ଦେବେ
ସେମାନଙ୍କ ଭୂଲତା ସବୁ
ସ୍ତମ୍ଭମାନଙ୍କରେ ସଜ୍ଜା ହୋଇଥାଏ ।।

ଏବଂ ଏକ ପ୍ରାଚୀନ ସ୍ମୃତି
ପାଇନ୍ ଗଛମାନଙ୍କରେ
ଦୋହଲି ଯାଉଥାଏ ।।

## ସମୁଦ୍ରର ଦିନଟିଏ

ଆକାଶରେ ସମୁଦ୍ରର ଦିନଟିଏ
ତିଆରି ହୋଇଥାଏ
ଛାଇମାନଙ୍କରୁ, ଘୋଡ଼ା ଆଉ
ପକ୍ଷୀମାନଙ୍କର ଡେଣାମାନଙ୍କରୁ । ।

ସମୁଦ୍ରର ଦିନଟିଏ
ମୋ କୋଠରିର ବର୍ଗକ୍ଷେତ୍ରରୁ
ଯେଉଁଠାରୁ କି ବିନିଦ୍ର ଗତିମାନେ
ଖସଡ଼ି ଯାଆନ୍ତି, ପଶୁ ଆଉ ଫୁଲମାନଙ୍କ ମଝିରେ
ଯେପରିକି ମେଡୁସାମାନଙ୍କର ମୁଣ୍ଡରୁ ।

ସମୁଦ୍ରରେ ସମୁଦ୍ରର ଦିନଟିଏ
ଉଚ୍ଚ ଦିନଟିଏ
ଯେଉଁଠି କି ମୋର ମୁଦ୍ରା ସବୁ
ସମୁଦ୍ରିକ ଚଢ଼େଇମାନଙ୍କ ପରି
ମେଘମାଳାରେ ହଜି ଯାଆନ୍ତି
ଠିକ୍ ଯେପରି କି ଫେଣ ସବୁ
ଫେନୀଳ ଯେଉଁମାନଙ୍କ ଉପରୁ ।।

ମୋ: ୯୭୭୭୪୨୫୭୦୩

# ହେରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ'ର ସନ୍ଦେଶ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ହେରମାନ୍ ହେସ୍ ହେଉଛନ୍ତି ଜର୍ମାନୀର ସୁପ୍ରସିଦ୍ଧ କବି, କଥାଶିଳ୍ପୀ, ଚିତ୍ରଶିଳ୍ପୀ ଓ ଦାର୍ଶନିକ । ତାଙ୍କ ଜୀବନ ବୃତ୍ତାନ୍ତ ଉପରେ ଦୃଷ୍ଟି ନିକ୍ଷେପ କଲେ ଚକିତ ହେବାକୁ ପଡ଼ିଥାଏ ଯେ, ଓଡ଼ିଶାର ସ୍ୱଭାବ କବି ଗଙ୍ଗାଧର ମେହେର ଯେଉଁଦିନ ଜନ୍ମଗ୍ରହଣ କରିଥିଲେ ଠିକ୍ ସେହିଦିନରେ ଶହେ ବର୍ଷ ପରେ ହେରମାନ୍ ହେସ୍‌ଙ୍କର ଘଟିଥିଲା ଦେହାବସାନ । ଅର୍ଥାତ୍ ୯ ଅଗଷ୍ଟ ୧୯୬୨ । ଜନ୍ମ ତାଙ୍କର ହେଉଛି ୨ ଜୁଲାଇ ୧୮୭୭ରେ । ଏହି ଜର୍ମାନ-ସ୍ୱିସ୍ କବି ଓ ସାହିତ୍ୟଶିଳ୍ପୀ ତାଙ୍କ ରଚିତ 'ଡେମିଆନ୍', 'ଦି ଗ୍ଲାସ୍ ବିଡ୍ ଗେମ୍', 'ଷ୍ଟେପେନ୍‌ୱଲ୍ଫ', 'ନାରସିସସ୍ ଆଣ୍ଡ ଗୋଲ୍‌ଡମୁଣ୍ଡ' ନିମନ୍ତେ ସୁପରିଚିତ ହୋଇପାରିଥିଲେ ଦରଦୀ ପାଠକମାନଙ୍କ ନିକଟରେ । କିନ୍ତୁ ୧୯୪୬ ମସିହାରେ ଯେତେବେଳେ ସେ ଲାଭ କଲେ ନୋବେଲ୍ ପୁରସ୍କାର, ସେତେବେଳେ ୧୯୨୨ ମସିହାରେ ଲିଖିତ ତାଙ୍କର 'ସିଦ୍ଧାର୍ଥ' ଉପନ୍ୟାସ ପାଇଁ ହୋଇଗଲେ ବିଶ୍ୱବିଖ୍ୟାତ । ତାଙ୍କର ଜନ୍ମସ୍ଥାନ ଜର୍ମାନର ବ୍ଲାକ୍ ଫରେଷ୍ଟ ସହରରେ । ଭାରତ ସହିତ ତାଙ୍କ ପରିବାରର ସମ୍ପର୍କ ରହିଥିଲା ଧର୍ମପ୍ରଚାର ସମ୍ପର୍କିତ କାର୍ଯ୍ୟକ୍ରମ ଦ୍ୱାରା । ହେରମାନ୍ ହେସ୍ ଏପରି ଜଣେ ପିଲା ଥିଲେ, ଯିଏ କେବେ ଖୁସି ଅନୁଭବ କରୁନଥିଲେ । ତାଙ୍କର ଏହି ଔଦାସ୍ୟ ହେଉଛି ବାସ୍ତବରେ ଆତ୍ମାନୁସନ୍ଧାନର ଅନ୍ତର୍ଗତ ପ୍ରୟାସ । ଏହା କିଏ ଅବା ଜାଣିବାର ଶକ୍ତି ଥିଲା? ଲେଖାଲେଖି କରିବା ଦ୍ୱାରା ତାଙ୍କ ଅନ୍ତର୍ବେଦନା ଫୁଟି ଉଠିଥିଲା ସ୍ୱତଃସ୍ଫୂର୍ତ୍ତ ଭାବରେ । ବାସ୍ତବରେ ତାଙ୍କ ଜୀବନ ଥିଲା ବହୁ ପ୍ରକାର ଘଟଣା ଓ ଅନୁଭୂତିରେ ପରିପୂର୍ଣ୍ଣ । ନିଜ ଅନ୍ତଃସତ୍ତାରେ ଯେଉଁ ସବୁ ଦ୍ୱନ୍ଦ୍ୱ ଅନୁଭବ କରୁଥିଲେ ସେ, ତାହାର ପ୍ରଭାବ ଦେଖିବାକୁ ମିଳେ ତାଙ୍କ ଜୀବନରେ, ସାହିତ୍ୟରେ । ତାଙ୍କ ବୈବାହିକ ଜୀବନ ମଧ୍ୟ ନାନା ଭାବରେ ରହିଥିଲା ହତାଶାଯୁକ୍ତ । ସେ ନିଜ ଭିତରେ ଭିତରେ ଅନ୍ୱେଷଣ କରୁଥିଲେ ଏକ ଆଧ୍ୟାତ୍ମିକ ପଥ । ଏହି 'ସିଦ୍ଧାର୍ଥ' ଉପନ୍ୟାସଟି ତାଙ୍କ ଆତ୍ମଜୀବନୀ-ଭିତ୍ତିକ ଉପନ୍ୟାସ ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ । କ୍ଷୁଦ୍ରଗଳ୍ପ, କବିତା, ଆତ୍ମକଥା – ଏ ସବୁ ରଚନା କରି ପାଠକମାନଙ୍କ ନିକଟବର୍ତ୍ତୀ ହୋଇପାରିଥିଲେ ସେ । ତେବେ ଯେଉଁ 'ସିଦ୍ଧାର୍ଥ' ଉପନ୍ୟାସ ନିମନ୍ତେ ହୋଇଛନ୍ତି ସେ ବିଖ୍ୟାତ, ତାହାର ସନ୍ଦେଶ ବାସ୍ତବରେ ଥିଲା କ'ଣ, ତାହା ପୁନଃପୁନଃ ଅନୁଧ୍ୟାନ କରିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇନପାରେ ।

ଅନେକଙ୍କର ଧାରଣା ଯେ, ଉପନ୍ୟାସଟି ଭାରତୀୟ ଦର୍ଶନ ଓ ବୌଦ୍ଧ ଧର୍ମକୁ କେନ୍ଦ୍ର କରି ରଚିତ ହୋଇଛି । ସିଦ୍ଧାର୍ଥ, ନାମଟି ମଧ୍ୟ ହେଉଛି ବୁଦ୍ଧଦେବଙ୍କର । ମାତ୍ର ଉପନ୍ୟାସଟିକୁ ତନ୍ନତନ୍ନ କରି ଅଧ୍ୟୟନ କଲେ ଜଣାପଡ଼େ ଯେ ତାଙ୍କ ଚିତ୍ରିତ ସିଦ୍ଧାର୍ଥ ନୁହଁନ୍ତି ବୁଦ୍ଧଦେବ । ତେବେ ଗୋଟିଏ ବିଷୟରେ ବୁଦ୍ଧଦେବଙ୍କ ସହିତ ସିଦ୍ଧାର୍ଥର ସଂପର୍କ ଅନୁଭବ ହୁଏ । ତାହା ହେଲା ସତ୍ୟାନ୍ୱେଷଣ । ଜୀବନର ପ୍ରକୃତ ଲକ୍ଷ୍ୟ ସନ୍ଧାନରେ ସିଦ୍ଧାର୍ଥ ପରିବାର ପରିତ୍ୟାଗ କରି ପଳାୟନ କରିଛି ଅସନ୍ତୋଷର ଅସଂଖ୍ୟ ତରଙ୍ଗ ମଧ୍ୟରେ ଭାସିଯାଇ । ହେରମାନ୍ ହେସ୍ ଏଠାରେ ଦର୍ଶାଇ ଦେଇଛନ୍ତି ଯେ, ସିଦ୍ଧାର୍ଥ ବୁଦ୍ଧଦେବଙ୍କ ଆଶ୍ରମରେ ରହିଥିଲେ ମଧ୍ୟ ବୌଦ୍ଧଧର୍ମର ନୀତି ଓ ଆଦର୍ଶକୁ ଗ୍ରହଣ କରିପାରିନାହାନ୍ତି । ଯେଉଁ ଯୁବକ ବାହାରିଥିଲା ସତ୍ୟପ୍ରାପ୍ତିର ଜିଜ୍ଞାସା ନେଇ, ସେ ପ୍ରେମାସକ୍ତ ହୋଇଛି ଜଣେ ନର୍ତ୍ତକୀ ପ୍ରତି । ଏହି ବିଳାସବ୍ୟସନ ମଧ୍ୟରେ ଦିନଯାପନ କରି ପୁଣି ତା'ର ସଂସାର ପ୍ରତି ସୃଷ୍ଟି ହୋଇଛି ଅନାସକ୍ତି । ସିଦ୍ଧାର୍ଥ ଜଣେ ସାଧାରଣ ନାଉରୀର ଜୀବନଶୈଳୀରେ ଉଦ୍‌ବୁଦ୍ଧ ହୁଏ, ଆଉ ନଦୀ ସ୍ରୋତର ସଙ୍ଗୀତରୁ ଆବିଷ୍କାର କରେ ଜୀବନ ବଞ୍ଚିବାର ଗଭୀରତର ପ୍ରେରଣା । ତାହା ହିଁ ତାକୁ ଦେଇଛି ପରମ ଶାନ୍ତି । ହେର୍‌ମାନ୍ ହେସ୍‌ଙ୍କର ଦୃଷ୍ଟିରେ କୌଣସି ମଣିଷ କାହାରି ଦ୍ୱାରା ପ୍ରଭାବିତ ହୋଇ କୌଣସି ଜୀବନଦର୍ଶନକୁ ଗ୍ରହଣ କରିବା ସମ୍ଭବ ହୋଇନପାରେ । ଏ ପୃଥିବୀରେ ପ୍ରତ୍ୟେକଟି ମଣିଷ ତା' ନିଜ ଜୀବନ ସକାଶେ ନିଜେ ହିଁ ଆବିଷ୍କାର କରିଥାଏ ସତ୍ୟକୁ ଓ ପଥକୁ । ଭଲମନ୍ଦ ଭାବରେ ମଣିଷକୁ ସେ ଭାଗ ଭାଗ କରିଦେଇ ପାରିନାହାନ୍ତି । ସେ ଅନୁଭବ କରିଛନ୍ତି ଯେ, ସୈତାନ ଭିତରେ ମଧ୍ୟ ସଂଗୁପ୍ତ ହୋଇ ରହିଥାଏ ବୁଦ୍ଧତ୍ୱ । ସିଦ୍ଧାର୍ଥ ଏହି କଥା ଉପଲବ୍ଧି କରିପାରିବାର ଯେଉଁ ବାସ୍ତବବାଦୀ ଚିତ୍ରାଙ୍କନ କରିପାରିଛନ୍ତି ଲେଖକ, ତାହା ହିଁ ବିଶ୍ୱ-ମାନବ ପାଇଁ ତାଙ୍କର ଶ୍ରେଷ୍ଠ ବାର୍ତ୍ତା । ଏହି ପରିସମାପ୍ତି ମଧ୍ୟରେ ଫୁଟି ଉଠିଛି ଯେଉଁ ବୌଦ୍ଧ-ସତ୍ୟ, ତାହା ବୁଦ୍ଧଦେବଙ୍କର ପ୍ରଭାବରୁ ମୁକ୍ତ । ନିଜସ୍ୱ ଆତ୍ମାନୁସନ୍ଧାନର ତାହା ହେଲା ପ୍ରକୃତ ନିର୍ଯ୍ୟାସ । ଜଣେ ମଣିଷ କାହିଁକି ଅବା ଅନ୍ୟ କାହାପରି ହେବ? ନିଜ ଜୀବନର ଦ୍ୱନ୍ଦ୍ୱ ଓ ସଙ୍କଟ ସମାଧାନର ମାର୍ଗ ଖୋଜିବା ତା' ନିଜସ୍ୱ ଦାୟିତ୍ୱ । ଏ କ୍ଷେତ୍ରରେ ଯେତେ ଅନ୍ତରଙ୍ଗ ବନ୍ଧୁ, ପରିବାର, ସ୍ୱଜନ ହେଲେ ମଧ୍ୟ କେହି ବି ମଣିଷକୁ ଦେଖାଇଦେଇ ପାରିବେ ନାହିଁ ତା' ପାଇଁ ନିର୍ଦ୍ଧାରିତ ହୋଇଥିବା ଜୀବନ-ସରଣୀ । ତେଣୁ 'ସିଦ୍ଧାର୍ଥ' ଉପନ୍ୟାସର ସନ୍ଦେଶ ହେଉଛି ଅନ୍ତର୍ମୁଖୀନତା ମଧ୍ୟରେ ଆପଣା ପାଇଁ ଉପଯୁକ୍ତ ପଥ ସନ୍ଧାନ କରିବାର ସର୍ବୋତ୍ତମ ପ୍ରେରଣା । ଏ ଦୃଷ୍ଟିରୁ 'ସିଦ୍ଧାର୍ଥ' ଉପନ୍ୟାସଟି ଯେ, ପ୍ରତ୍ୟେକ ସତ୍ୟାନ୍ୱେଷୀ ପାଠକ ପାଠିକାଙ୍କ ନିମିତ୍ତ ଏକ ସ୍ୱଚ୍ଛ ଆଲୋକରେଖା, ଏଥିରେ ସନ୍ଦେହ ନାହିଁ ।

ଭିଜିଟିଙ୍ଗ୍ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

## ପୁସ୍ତକ ପରିଚୟ

### ଏ ଜୀବନ ମାନେ ନୁହଁ ଆହା...

ସୁଶୀଲ କୁମାର ପାଣିଗ୍ରାହୀ

"ଆଗ ଯୁଦ୍ଧଂ ଦେହି ଡାକରା/ ଦିଅନ୍ତି ହୃଦୟହୀନ/ ମଣିଷ ହିଁ/ ପଥରମାନେ ଯୁଦ୍ଧ କରନ୍ତି/ ହଁ, ମଣିଷ/ ପଥର ହେଲା ପରେ ଯାଇ/ ଧରେ ଅସ୍ତ୍ର/ ଆଉ ଦେଖିପାରେନି ମଣିଷ/ ଦେଖେ କେବଳ ରକ୍ତନଇ ।" କବି ସୁଶୀଲ କୁମାର ପାଣିଗ୍ରାହୀଙ୍କ 'ଯୁଦ୍ଧ ଓ ପଥର' କବିତାର ଏଇ ପଙ୍‌କ୍ତି ଜଣାଇ ଦିଏ ମଣିଷର ଅମାନବିକତାକୁ । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ପ୍ରକାଶିତ 'ଏ ଜୀବନ ମାନେ ନୁହଁ ଆହା...' କବିତା ପୁସ୍ତକର ଅନେକ କବିତାର ସ୍ୱର ଅତ୍ୟନ୍ତ ମର୍ମଭେଦୀ । ବିବେକହୀନ ମଣିଷ ହିଁ ଯୁଦ୍ଧ କରିବାରେ, ମଣିଷ ଭିତରେ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିପାରେ । ବିବେକବାନ ମଣିଷ ସର୍ବଦା ଜଗତର ମଙ୍ଗଳ ପାଇଁ କାମନା କରେ, ମଣିଷକୁ ପ୍ରାଣଦେଇ ଭଲ ପାଇପାରେ । ଏହି ପୁସ୍ତକର ଅନେକ କବିତାରେ ମାନବବାଦ ପ୍ରତିଫଳିତ ହୋଇଛି ଅତି ମାର୍ମିକ ଭାବରେ । 'ଫଟା କପାଳିଆ', 'ମଣିଷ', 'ଶତ୍ରୁ', 'ନିଜକୁ ଖୋଜୁନି ଆଉ', 'କହରେ ଜୀବନ! ଜୀବନ ଜିନ୍ଦାବାଦ୍', 'ମାଆ', 'ବାରୁଦ ଗଦାରେ ଫୁଲ', 'ଦୁଃଖ', 'ଅଦ୍ରୋହୀ', 'କଳା ବାଦଲର ଛାଇ', 'ଅନ୍ତିମ ବିନ୍ଦୁ' ଆଦି କବିତା ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ସାମାଜିକ ବାସ୍ତବତାର ଚିତ୍ର ଅତି ନିଖୁଣ ଭାବେ ଚିତ୍ରିତ ହୋଇଛି । କବି ଅଳ୍ପ ଶବ୍ଦରେ ଅନେକ କଥା କହିଯାଇଛନ୍ତି । ଜୀବନ ପ୍ରତି ମୌଳିକ ଦୃଷ୍ଟିଭଙ୍ଗୀ, ମଣିଷ ପ୍ରତି ସମ୍ବେଦନଶୀଳତା, ଅନୁପମ ଶବ୍ଦ ଓ ଚିତ୍ରକଳ୍ପର ପ୍ରୟୋଗ କବିତାଗୁଡ଼ିକୁ ଅଧିକ ମାର୍ମିକ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।




ପଶ୍ଚିମା ପବ୍ଲିକେଶନ୍‌ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୧୨୯/-

### କୁଆ ଖୁମ୍ପିଦେଲା କୁନାକୁ

ସୁଧାଂଶୁ ଶେଖର ଦ୍ୱିବେଦୀ

ଶିଶୁ ସାହିତ୍ୟିକ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ରଚିତ 'କୁଆ ଖୁମ୍ପିଦେଲା କୁନାକୁ' ଗପ ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ସଂକଳିତ ଗପଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ । 'ସତ୍ୟର ଜୟ', 'ଶିକ୍ଷକ ଦିବସରେ ରିମାର ଉପହାର', 'ସ୍ୱାଧୀନତାର ମହତ୍ତ୍ୱ', 'ଭଲ ପିଲା ହେବି', 'କର୍ତ୍ତବ୍ୟ', 'ପ୍ରକୃତି ଓ ମଣିଷ', 'ଈଶ୍ୱର ଅଛନ୍ତି', 'ଚରିତ୍ର ଚୟନ', 'ଅମୂଲ ମୂଲ୍ୟ', 'ଗୁଣ ଆଦର ପାଏ', 'ମନ ବଦଳିଲା', 'ଅପରାଜେୟ', 'ଚାରୋଟି ପ୍ରଶ୍ନ', 'ସୁଖ ଅଣ୍ଡାଳୁଥିବା ରାଜା', 'ସ୍ୱାସ୍ଥ୍ୟ ହିଁ ସମ୍ପଦ', 'ଆନନ୍ଦର ମାର୍ଗ', 'କୁହୁକ ଟୋପି', 'ଯେମିତି କର୍ମ ସେମିତି ଭାଗ୍ୟ'ୟ' ଆଦି ଗପ ଶିକ୍ଷଣୀୟ ହୋଇଛି । ମଣିଷ ପ୍ରତି ମୁହୂର୍ତ୍ତରେ ଅନ୍ୟଠାରୁ କିଛି ନା କିଛି ଶିଖିବାର ଅଛି । ସମାଜର ଅନେକ ସାଧାରଣ ଘଟଣାକୁ ଗାଳ୍ପିକ କାହାଣୀ ଭାବେ ଉପସ୍ଥାପନ କରିଛନ୍ତି । ଯାହା କିଶୋରମାନଙ୍କୁ ସଚ୍ଚୋଟ, ଭଦ୍ର ଓ ନମ୍ର ଭାବେ ଜୀବନ ବଞ୍ଚିବା ପାଇଁ ଏହା ପ୍ରେରଣା ଦେବ । ମଜାଳିଆ ଗପ ଭିତରେ ଅନେକ ଶିକ୍ଷଣୀୟ କଥା ରହିଛି । ସରଳ ଭାଷା, କଥନୀୟ ଶୈଳୀ, ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ରଚିତ ଗପଗୁଡ଼ିକ କିଶୋରମାନଙ୍କ ବୌଦ୍ଧିକ ବିକାଶ ନିମନ୍ତେ ପ୍ରେରଣାଦେବ ନିଶ୍ଚୟ । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।




ପ୍ରଥମ ବହି
ଗୋବିନ୍ଦପୁର, କଟକ
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୧୬୫/-



# ଆଶା ସଞ୍ଚାରୁଛି 'ଆଶା ସାଗର'

ପ୍ରାୟ ଦୁଇ ଦଶନ୍ଧି ଭିତରେ ଭବାନୀପାଟଣାର ସର୍ବବୃହତ ପୁଷ୍କରିଣୀ 'ଆଶା ସାଗର'ର ଭାଗ୍ୟ ଓ ଭବିଷ୍ୟତ ଅନ୍ଧାରୀ ଇଲାକାରେ ପରିଣତ ହେବାକୁ ଯାଉଥିଲା। କିନ୍ତୁ ଏ କ୍ଷେତ୍ରରେ ସଦୁପଯୋଗ ଓ ସୁପରିଚାଳନାକୁ ନିଜର ପରମ କର୍ତ୍ତବ୍ୟ ଭାବିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟ ସରକାରଙ୍କ ଶୁଭ ଦୃଷ୍ଟି ପଡ଼ିବାପରେ ଆଶା ସାଗର ଏବେ ପୁନଃ ଜୀବନ ପାଇବାକୁ ଯାଉଛି।







ଭବାନୀପାଟଣା ସହରବାସୀଙ୍କ ପାଇଁ ଜୀବନରେଖା କୁହାଯାଉଥିବା ସର୍ବବୃହତ ପୁଷ୍କରିଣୀ 'ଆଶା ସାଗର' ହେବ ପୁନରୁଦ୍ଧାର। ସାଗରର ପ୍ରାୟ ୬୦ ଏକରରେ ଜଳପୂର୍ଣ୍ଣ ହୋଇ ରହିବ। ଚତୁଃପାର୍ଶ୍ୱରେ ହେବ ସୌନ୍ଦର୍ଯ୍ୟକରଣ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ନଭେମ୍ବର ୨୧ତାରିଖ 'ଆଶା ସାଗର ପୁନରୁଦ୍ଧାର ପ୍ରକଳ୍ପ'ର ପ୍ରଶାସନିକ ଅନୁମୋଦନ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୦୨୩ ମସିହା ମେ ୨୦ ତାରିଖରେ ଭବାନୀ ପାଟଣା ଗସ୍ତ କରି 'ଆଶା ସାଗର' ପୁନରୁଦ୍ଧାର ଓ ନବୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ନିକଟରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। କଳାହାଣ୍ଡିର ଐତିହ୍ୟ ସମ୍ପନ୍ନ 'ଆଶା ସାଗର' ପୁନରୁଦ୍ଧାର କାର୍ଯ୍ୟରେ ମୋଟ ୬ କୋଟି ୬୮ ଲକ୍ଷ ୬୧ହଜାର ଟଙ୍କା ବ୍ୟୟ ଅଟକଳକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସହରାଞ୍ଚଳ ଜଳାଶୟ ନବୀକରଣ କାର୍ଯ୍ୟକ୍ରମ ତଥା 'ଆମ ପୋଖରୀ' ଯୋଜନା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଆଶା ସାଗରର ନବୀକରଣ ପାଇଁ ଆସିଥିବା ଅର୍ଥ ବିନିମୟରେ ପ୍ରାଥମିକ ପର୍ଯ୍ୟାୟରେ ଜଳ ନିଷ୍କାସନ, ଘାସ ଦଳ ସଫା କରିବା, ପଙ୍କଉଦ୍ଧାର, ବନ୍ଧ ସୁଦୃଢ଼ୀକରଣ, ଗାବିଆନ ପ୍ରାଚୀର, ପ୍ରାକୃତିକ ସମାଧାନ ଜଳାଶୟରେ ଆର୍ଦ୍ରଭୂମି ପ୍ରସ୍ତୁତ ପରେ ଲେକ ମଡେଲ ନିର୍ମାଣ ପଦ୍ଧତି ପ୍ରତି ଗୁରୁତ୍ୱ ଦିଆଯିବ। ପରବର୍ତ୍ତୀ ସମୟରେ ଆଶା ସାଗରର ସୌନ୍ଦର୍ଯ୍ୟକରଣ ସମସ୍ତ ଦିଗ ଉପରେ ଧ୍ୟାନ ଦିଆଯିବ ବୋଲି ପୌର ପରିଷଦ ପକ୍ଷରୁ ସୂଚନ ମିଳିଛି। ତେବେ ଏହି ସମସ୍ତ କାର୍ଯ୍ୟର ସୁଗମ ଅଗ୍ରଗତି ପାଇଁ ମିଶନ ଶକ୍ତି ସହଯୋଗ କରିବେ। ଭବାନୀପାଟଣା ପୌରପାଳିକା ଅଧୀନରେ ମୋଟ ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଶା ସାଗର ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ବିଶେଷଜ୍ଞ ଟିମ୍ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ତାଲିମ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱରରୁ ଦୁଇଟି ପର୍ଯ୍ୟାୟରେ ବୈଷୟିକ ଟିମ୍ ସର୍ଭେ ପରେ ଆଶା ସାଗର ପୁନରୁଦ୍ଧାର ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା।

ସାଗରର ଜଳ ଧାରଣ କ୍ଷମତା ବୃଦ୍ଧି କରାଯିବା, ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ, ପାର୍କ ନିର୍ମାଣ, ମର୍ଣ୍ଣିଂ ୱାକ ଟ୍ରାକ୍ ଭଳି ଅନେକ ଯୋଜନା କରାଯିବାକୁ ପରିକଳ୍ପନା କରାଯାଇଛି। ପ୍ରକାଶ ଥାଉକି, ସିପାହୀ ବିଦ୍ରୋହ ବେଳେ କଳାହାଣ୍ଡିରର ତତ୍କାଳୀନ ମହାରାଜା ଉଦିତ ପ୍ରତାପ ଦେଓ ଲୋକଙ୍କ ସାମୁହିକ ସୁବିଧା ପାଇଁ 'ଆଶା ସାଗର' ଖନନ କରିଥିଲେ। ଐତିହାସିକ ଓ ଗବେଷକଙ୍କ ଅନୁଯାୟୀ ୧୮୫୭ ପରଠାରୁ ୧୮୭୩ ମସିହା ମଧ୍ୟରେ ଦୁଇ ଦୁଇ ଥର ଆଶା ସାଗର ଖନନ କରାଯାଇଥିଲା। ଏକର ଏକର ଚାଷ ଜମିରେ ଜଳସେଚନ ଓ ପାନୀୟ ଜଳର ସୁବିଧା ଯୋଗାଇବା ଆଶା ସାଗରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭବାନୀପାଟଣା ସହର ମଧ୍ୟଭାଗ କାଳୀ ମନ୍ଦିରଠାରୁ ଖନନ ହୋଇଥିଲା। ଦୀର୍ଘ ୧୭ ବର୍ଷ ଧରି ଶତାଧିକ ଶ୍ରମିକ କଠିନ ପରିଶ୍ରମ କରିଥିଲେ। ୯୯ ଏକର ପରିମିତ ଜଳାଶୟର ଗଭୀରତା ୪୦ ଫୁଟ୍ ଥିଲା। ମହାରାଜା ତାଙ୍କ ଧର୍ମପତ୍ନୀ ଆଶାକୁମାରୀ ଦେବୀଙ୍କ ସ୍ମୃତିକୁ ଜୀବନ୍ତ ରଖିବା ପାଇଁ 'ଆଶା ସାଗର' ନାମରେ ଏହାର ନାମକରଣ କରିଥିଲେ। ଦୁର୍ଭାଗ୍ୟର ବିଷୟ ଏହି କି ଯେ ୧୦୬ ଏକର ପରିମିତ ଜମିରେ ଯେଉଁ ଆଶା ସାଗର ନିର୍ମାଣ ହୋଇଥିଲା ତାହାକୁ ଚାରିପଟୁ ଜବରଦଖଲ କରାଯାଇଛି। ଏବେ କେହି ବି ନିଶ୍ଚିତ ହୋଇ ପାରୁ ନାହାନ୍ତି ଆଶା ସାଗର ବର୍ତ୍ତମାନ କେତେ ଏକର ଜମିରେ ଶ୍ରୀହୀନ ଅବସ୍ଥାରେ ପଡ଼ିରହିଛି। ପୌର ପରିଷଦ ତରଫରୁ ୬୨ ଏକର ଜମି ଥିବା କଥା ଆଉ କେହି କେହି ତାଠୁ ଯଥେଷ୍ଟ କମ୍ ଜମି ବର୍ତ୍ତମାନ ଅଛି ବୋଲି ପ୍ରକାଶ କରିଛନ୍ତି। ସେ ଯାହା ହେଉ, ଐତିହାସିକ ଗୁରୁତ୍ୱ ବହନ କରିଥିବା ଆଶା ସାଗର ପୁଣି ଜୀବନ ଫେରି ପାଇବ ତାହାକୁ ନେଇ ସମସ୍ତେ ଖୁସି। ୧୪୦ ହେକ୍ଟର ଜମିକୁ ଜଳସେଚିତ କରିପାରୁଥିବା ଏହି 'ଆଶା ସାଗର' ହରାଇଥିବା ଅସ୍ତିତ୍ୱକୁ ରାଜ୍ୟ ସରକାର ଉଚିତ ବିଚାର କରି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାର ସଠିକ୍ କାର୍ଯ୍ୟକାରିତାକୁ ନେଇ ଭବାନୀପାଟଣା ସହରବାସୀଙ୍କ ମଧ୍ୟରେ ଏବେ 'ଆଶା ସାଗର' ଆଶା ସଞ୍ଚାର କରିଛି। ■



'୫-ଟି'ଅଧ୍ୟକ୍ଷ ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୦୨୩ ମସିହା ମେ ୨୦ ତାରିଖ ଦିନ ଭବାନୀପାଟଣା ସହରସ୍ଥିତ ପ୍ରସ୍ତାବିତ ଆଶା ସାଗର ନବୀକରଣ ନିମନ୍ତେ ପରିଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ ଭବାନୀପାଟଣା ପୌରପାଳିକା ତାର ସମ୍ପୂର୍ଣ୍ଣ ବିବରଣୀ ସହ ବୈଷୟିକ ତଥ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କୁ ପ୍ରଦାନ କରିଥିଲେ। ବହୁ ଦିନରୁ ପଡ଼ିରହିଥିବା ଆବର୍ଜନା ପୂର୍ଣ୍ଣ ଆଶା ସାଗରକୁ ଏକ ସ୍ୱଚ୍ଛ, ସୁନ୍ଦର ଏବଂ ମନୋରମ ସ୍ଥଳି ରୂପରେ ପରିଣତ କରାଯିବାକୁ ପଦକ୍ଷେପ ନେଇଛନ୍ତି।

**ସଂଯୁକ୍ତା ବେହେରା,**
**ପୌରାଧ୍ୟକ୍ଷା, ଭବାନୀପାଟଣା (ଫ)**



'ଆଶା ସାଗର'ର ନବକଳେବର ହେଲେ ପାରିପାର୍ଶ୍ୱିକ ଅବସ୍ଥାରେ ପରିବର୍ତ୍ତନ ଆସିବ। ସାଗରର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ, ପାର୍କ ଦ୍ୱାରା ଅଞ୍ଚଳର ଅନେକ ବ୍ୟକ୍ତିଙ୍କୁ 'ଆଶା ସାଗର' ଆକୃଷ୍ଟ କରିବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ରୂପାନ୍ତରିତ ହେବ। ତେବେ ନିଶ୍ଚିତ ରୂପେ ଭବାନୀପାଟଣା ସୌନ୍ଦର୍ଯ୍ୟ ପୃଷ୍ଠାରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡ଼ି ହେବ। ବିଭିନ୍ନ ଅଞ୍ଚଳରୁ ଶହ ଶହ ଲୋକ ଓ ଯୁବ ସମ୍ପ୍ରଦାୟ ପାଇଁ ଆମୋଦ ପ୍ରମୋଦର କାରଣ ସାଜିବ। ଭବାନୀପାଟଣା ସହରବାସୀଙ୍କ ପାଇଁ 'ଆଶା ସାଗର' ଜୀବନରେଖା ପାଲଟିବ।

**ଆଶୁତୋଷ ପୁରୋହିତ,**
**ଯୁବ ସାହିତ୍ୟିକ**



ତତ୍କାଳୀନ ୨୮ତମ ନାଗବଂଶୀ ମହାରାଜା ଉଦିତ ପ୍ରତାପ ଦେଓ ଆଶାସାଗର ଖନନ କରିବା ପଛରେ ଅନେକ ଜନହିତକର ଉଦ୍ଦେଶ୍ୟ ରହିଥିଲା। ବିଶେଷଭାବେ ଚାଷ ପାଇଁ ଜଳସେଚନ ଓ ପାନୀୟ ଜଳ। କେବଳ ତାହା ନୁହଁ, ପ୍ରଚୁର ମାଛ ଆଶା ସାଗରରେ ମିଳୁଥିବା ଯୋଗୁଁ ମାଛ ଚାଷ ମଧ୍ୟ ପ୍ରମୁଖ ଭୂମିକା ନିଭେଇ ଆସୁଥିଲା। ସେ ସମୟରେ ସାଧାରଣତଃ ଘରେ କୂଅ କିମ୍ବା ପୋଖରୀ ଖୋଳା ଯାଉ ନ ଥିଲା। ଆଶା ସାଗର ହିଁ ସେଥିପାଇଁ ସମସ୍ତଙ୍କ ଆଶା ଓ ଭରସା ପାଲଟିଥିଲା।

**ଡଃ. ଉମେଶ ଚନ୍ଦ୍ର ଶତପଥୀ,**
**ଗବେଷକ ଓ ଶିକ୍ଷାବିତ୍**



ଆଶା ସାଗର ସହିତ ମୋର ୧୯୫୨/୫୩ ମସିହାରୁ ଯାହାକି ମୋର ସ୍କୁଲ ଜୀବନରୁ ଏକ ନିବିଡ଼ ସମ୍ପର୍କ ରହିଥିଲା। ସେ ସମୟର କଥା ନବମ, ଦଶମ ଓ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କ ପାଇଁ ଅତିରିକ୍ତ ପାଠ୍ୟକ୍ରମରେ କୃଷିକୁ ସ୍ଥାନିତ କରାଯାଇଥିଲା। ଆଶା ସାଗର ଦ୍ୱାରା ସେତେବେଳେ ପ୍ରାୟ ୧୦୦ ଏକରରୁ ଅଧିକ ଚାଷ ଜମି ପାଇଁ ଜଳସେଚନର ସୁବିଧା ଯୋଗାଇପାରୁଥିଲା। ତତ୍କାଳୀନ କୃଷି କେନ୍ଦ୍ର ତରଫରୁ ଜାପାନୀ ପ୍ରଣାଳୀର ଧାଡ଼ି ଚାଷ ଉପରେ ଶିକ୍ଷାଦାନ କରାଯାଉଥିଲା। ମୋ ହାଇସ୍କୁଲ ଜୀବନର ପାଠପଢ଼ା ପରବର୍ତ୍ତୀ ସମୟରେ ମୁଁ କୃଷି ମନ୍ତ୍ରୀ ହେବାପରେ ଅଧିକ ଅନୁପ୍ରାଣିତ କରିଥିଲା। ଆଶା ସାଗରର ଗୌରବମୟ ଇତିହାସକୁ ସହଜରେ ଭୁଲିଯିବା କଷ୍ଟ। ପୂର୍ବରୁ ଅନେକ ଅର୍ଥବ୍ୟୟ ସତ୍ତ୍ୱେ ବିକାଶ ଅଶାଜନକ ନଥିଲା ଏବେ ଯଦି ଅର୍ଥବରାଦ ହୋଇଛି ତାହାହେଲେ ଏକ ଶୁଭସଙ୍କେତ ବୋଲି କୁହାଯିବ। ଅର୍ଥର ଉଚିତ ବିନିଯୋଗ ହୋଇପାରିଲେ ଆଶା ସାଗରକୁ ଆଜି ପର୍ଯ୍ୟଟନ କ୍ଷେତ୍ରରେ ରୂପାନ୍ତରିତ କରିବା ସହଜ ହେବ।

**ରାସବିହାରୀ ବେହେରା,**
**ପୂର୍ବତନ କେନ୍ଦ୍ରମନ୍ତ୍ରୀ**



ଭବାନୀପାଟଣା ସହରରେ ଆଶା ସାଗର ସବୁଠାରୁ ବଡ଼ ଥିଲା। କାଳକ୍ରମେ ଉଭୟ କାଳୀ ମନ୍ଦିର ଏବଂ ଅର୍କାବାହେଲି ଆଡୁ ଅନଧିକାର ପ୍ରବେଶ ହେଇ ତାର ପରିସର କମି ଯାଇଛି ତଥା ଜଳ ଧାରଣ କ୍ଷମତା କମିଛି। ୨୦୦୬ରେ ତତ୍କାଳିନ ଜିଲ୍ଲାପାଳ ଏହାର ଇଣ୍ଟେକ ନାଳକୁ ଅଲଗା କରିବାରୁ ଜଳ ପ୍ରବେଶ କମିଗଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଓ '୫-ଟି'ଅଧ୍ୟକ୍ଷଙ୍କ ପରିଦର୍ଶନ ପରେ ଯେଉଁ ଅର୍ଥ ଆସିଛି ତାର ସଦବିନିଯୋଗ ପାଇଁ ସ୍ୱତନ୍ତ୍ର କମିଟି ହେଲେ କାର୍ଯ୍ୟ ସୁଚାରୁ ଭାବେ ହେବ ବୋଲି ମୁଁ ବିଶ୍ୱାସ କରେ। ସହରବାସୀ ଏହାକୁ ସ୍ୱାଗତ କରିବେ କାରଣ ଏହା ସହରର ମାନ ବୃଦ୍ଧି କରିବ।

**ଡଃ. ଅଜୟ ମିଶ୍ର, ଶିକ୍ଷାବିତ୍**

# ସମଲେଇ ପ୍ରକଳ୍ପ

# ଭବ୍ୟ ରୂପାନ୍ତରିତ ପୀଠରେ ମାଁ'ସମଲେଇ



ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ ଭାବାବେଗର ପ୍ରାଣକେନ୍ଦ୍ର ହେଉଛନ୍ତି ମା' ସମଲେଶ୍ୱରୀ। ପଶ୍ଚିମ ଓଡ଼ିଶାବାସୀ ସଦାସର୍ବଦା ମା'ସମଲେଶ୍ୱରୀଙ୍କ ପ୍ରତି ନିଜ ଭକ୍ତି ଓ ଶ୍ରଦ୍ଧାଭାବ ଅର୍ପଣ କରିଥାନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଆଧାରକୁ ନେଇ ସମଲେଇ ପ୍ରକଳ୍ପ ପରିକଳ୍ପନା ସହ ଆଜି ଲୋକାର୍ପଣ ମଧ୍ୟ କରିଯାଇଛନ୍ତି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅକ୍ଳାନ୍ତ ଉଦ୍ୟମ ବଳରେ ଏହି ବିଶ୍ୱସ୍ତରୀୟ ପ୍ରକଳ୍ପ ରୂପେ ଆଜି ପ୍ରତିଷ୍ଠିତ ହୋଇପାରିଛି। ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରୁ ଯଜ୍ଞ ଓ ଚଣ୍ଡୀପାଠ ବିଷୟରେ ବିଶିଷ୍ଟ ଭାବେ ଯୋଗ୍ୟତା ହାସଲ କରିଥିବା ବ୍ରାହ୍ମଣମାନେ ଆସି ଏହି ଆଧ୍ୟାତ୍ମିକ କାର୍ଯ୍ୟର ଅନୁଷ୍ଠାନ କରିଥିଲେ। ମୁଖ୍ୟମଣ୍ଡପ ଓ ଅନ୍ୟ ୪ଟି ମଣ୍ଡପରେ ହୋମର ଅନୁଷ୍ଠାନ ହୋଇଥିଲା। ମା'ଙ୍କ ଆରାଧନାରେ ସ୍ୱତନ୍ତ୍ର ଭାବେ ଚଣ୍ଡୀପାଠ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶର ଉନ୍ନତି, ବିଶ୍ୱଶାନ୍ତି, ମାନବ ଜାତିର କଲ୍ୟାଣ ପାଇଁ ମା' ସମଲେଶ୍ୱରୀଙ୍କ ବିଶେଷ ଆରାଧନା କରାଯାଇଥିଲା। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ସମଲେଇ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭାବାବେଗକୁ ବିଶେଷ ଭାବେ ଧ୍ୟାନ ଦିଆଯାଇ ସମଗ୍ର ପଶ୍ଚିମ ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କଠୁ ସିନ୍ଦୂର ଓ ଚୁନେରୀ ସଂଗୃହୀତ ହୋଇ ଗ୍ରାମ ଦେବତୀଙ୍କ ନିକଟରେ ଅର୍ପଣ କରାଯାଇଥିଲା। ଭକ୍ତମାନଙ୍କ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କ ଭକ୍ତି ନୈବେଦ୍ୟକୁ ସିଧାସଳଖ ମା'ଙ୍କଠାରେ ଲାଗି କରେଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଥିଲେ। ଯାହାକି ଆଜି ସଫଳ ହୋଇଛି। ଏହି ଦିବ୍ୟ ଯଜ୍ଞ ଓ ଚଣ୍ଡୀ ପାଠ ମା' ସମଲେଇଙ୍କ ପ୍ରାଙ୍ଗଣରେ ଏକ ଅଦ୍ଭୂତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମା'ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଞ୍ଜୟ ବାବୁଙ୍କ ନେତୃତ୍ୱରେ ବିଭିନ୍ନ ସଦସ୍ୟ ଓ ମା'ଙ୍କ ପୂଜକମାନେ ବିଭିନ୍ନ ଅଞ୍ଚଳକୁ କରି ସମଲେଇ ଲୋକାର୍ପଣ ଉତ୍ସବରେ ଯୋଗଦାନ ପାଇଁ ନିମନ୍ତ୍ରଣ କରିଥିଲେ। ଯାହାକି ଆଜି ସଫଳ ହୋଇଛି। ଆଜି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଅପୂର୍ବ ସମାଗମ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁପ୍ରକାର ପରିବର୍ତ୍ତନ ଏଠି ସମ୍ଭବ ହୋଇଛି ତାହା ମା' ସମଲେଶ୍ୱରୀଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ନଥିଲେ କଳ୍ପନା ବି ସୁଦ୍ଧା କରି ହେଇପାରି ନଥାନ୍ତା। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସମଲେଇ ପ୍ରକଳ୍ପ ଏକ ଆଧ୍ୟାତ୍ମିକ ବିସ୍ମୟର ପ୍ରତୀକ।





## ବାଧାମୁକ୍ତ ଦର୍ଶନ କଲେ ଭକ୍ତ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଚାରପତି, ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହାସତ୍ତ୍ୱେ ଭକ୍ତଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲ। ଲୋକାର୍ପଣର ଦର୍ଶନରେ କୌଣସି ପ୍ରକାର ବାଧା ଉପୁଜି ନଥିଲା। ଭିଡ଼ ଭିତରେ ଭଲ ଭାବେ ଦର୍ଶନ କରିଥିବାରୁ ଅନେକ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରଥମେ ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା କୀର୍ତ୍ତନ୍ୟ ଦଳ, ପଣ୍ଡିତ, ଅତିଥି ମାନେ ଦର୍ଶନ କରିଥିଲେ। ପରେ ସନ୍ଧ୍ୟାରେ ସାଧାରଣ ଦର୍ଶନ ହୋଇଥିଲା।

## ମନ୍ଦିରର କିମ୍ବଦନ୍ତୀ

ସମ୍ବଲପୁର ଚୌହାନ ବଂଶ ରାଜା ବଳରାମ ଦେବ ନିଜ ସୈନ୍ୟ ସାମନ୍ତଙ୍କ ସହ ତାଙ୍କ ପରିଭ୍ରମଣ ପାଇଁ ମହାନଦୀ କୂଳରେ ଶିବିର ସ୍ଥାପନ କରିଥିଲେ। ସେହି ସମୟରେ ଅଲୌକିକ ଘଟଣାକ୍ରମରେ ଏ ମାଟି ବୀର ମନ୍ଦିର ବୋଲି ସେ ଅନୁଭବ କରି ଏଠାରେ ଗଡ଼ ବା ଦୁର୍ଗ ସ୍ଥାପନ ପାଇଁ ମନସ୍ଥ କରିଥିଲେ। ସେହି ସମୟରେ ରାଜାଙ୍କୁ ମାଁ ସମଲେଶ୍ୱରୀଙ୍କ ସପ୍ନାଦେଶ ହେଲା। ଆଉ ମହାନଦୀର ମଧ୍ୟ ଭାଗରେ ସୁମଦରହ ନିମରେ ୪୯ କୃତ ବା ଦ୍ୱାପରେ ଶିମୁଳି (ସେମେଲ୍) ମାଁଙ୍କ ମୂଳ ଆସ୍ଥାନ ବୋଲି ରାଜା ପ୍ରଦେଶ ଆଧାରରେ ଠାବ କରିଥିଲେ। ଆଉ ବହୁ ବାଧାବିଘ୍ନ ଭିତରେ ମାଁଙ୍କ ମନ୍ଦିର ନିର୍ମାଣ ହୋଇଥିଲା। ମାଁଙ୍କ ସ୍ୱରୂପ କୌଣସି ବୈଦିକ ଦେବୀଙ୍କ ଅନୁଯାୟୀ ହୋଇନାହିଁ। ଏହା ଏକ ବୃହତ୍ ପ୍ରସ୍ତର ଖଣ୍ଡର ତଳ ଭାଗରେ ନିଜ ଭଳି ଏକ ଅଙ୍କୁରିତ ଅଂଶ ରହିଛି। କେହି ମାଁଙ୍କ ଗଠନ ଗୋମୃତ ତ ଆଉ କେହି କଛପ ସ୍ୱରୂପାତ ପୁଣି କେହି ନିଜ ଆକୃତିରେ ଦର୍ଶନ କରୁଛନ୍ତି।

## ଶୁଭଲଗ୍ନରେ ଲୋକାର୍ପଣ

ଶୁଭ ମାସ ମାଘ। ସମୟ ଅପରାହ୍ଣ ଗୋଟାଏ ୧୨ଟା ୩୦ ମିନିଟ୍‌ରୁ ସାଢ଼େ ଗୋଟାଏ। ସମଲେଇଙ୍କ ଭକ୍ତ ଅପେକ୍ଷା କରିଥିବା ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେଲା। ଶୁଭ ଲଗ୍ନରେ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ରାହ୍ମଣଙ୍କ ବେଦମନ୍ତ୍ର ସାଙ୍ଗକୁ ଭକ୍ତଙ୍କ ଜୟ ମାଁ ସମଲେଇଙ୍କ ଧ୍ୱନିରେ ପୂରା ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ସମ୍ବଲପୁର ସମଲେଇଙ୍କ ଇତିହାସରେ ଆଜି ଯୋଡ଼ି ହୋଇଥିବା ଏହି ନୂଆ ଅଧ୍ୟାୟକୁ ଆବାଳବୃଦ୍ଧବନିତା ଦେଖିବା ସହ ଭକ୍ତିରସରେ ଭିଜିଥିଲେ। ଭଜନ, କୀର୍ତ୍ତନରେ ପୂରା ପରିବେଶ ରହିଥିଲା। ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ଚଣ୍ଡୀପାଠ, ମନ୍ତ୍ର ଉଚ୍ଚାରଣରେ ପରିକ୍ରମା ପ୍ରକଳ୍ପ ଫଳକ ଏବଂ ପଥକୁ ଶୋଧ କରାଯାଇଥିଲା। ଦିନ ୧୨ଟାରେ ବେଦପାଠ ପୂର୍ବକ ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।

## ସାଧୁସନ୍ଥଙ୍କ ସମାଗମ

'ସମଲେଇ ପରିକ୍ରମା' ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ସମଗ୍ର ସମ୍ବଲପୁରରେ ପହଞ୍ଚିଥିଲେ ବିଭିନ୍ନ ଅଞ୍ଚଳର ସାଧୁସନ୍ଥ। ସେମାନଙ୍କ ସମାଗମରେ ସମଗ୍ର ଅଞ୍ଚଳରେ ଏକ ଦିବ୍ୟ ଅନୁଭବ ସୃଷ୍ଟି ହୋଇଥିଲା। ବିଭିନ୍ନ ସମ୍ପ୍ରଦାୟର ସାଧୁସନ୍ଥଙ୍କ ହରିବୋଲ ଧ୍ୱନି , ମଠମହନ୍ତ ଏବଂ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ ମନ୍ଦିର ପରିସରରେ ଭକ୍ତିପୂର୍ଣ୍ଣ ଭାବାବେଗ ମୁଖରତ ହୋଇଉଠିଥିଲା। ଅତିଥିମାନଙ୍କ ସହ ସମସ୍ତେ ମିଶି ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ। କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାର ପ୍ରମୁଖ ଦେବୀପୀଠର ପୂଜକ ଓ କର୍ମକର୍ତ୍ତା, ସାଧୁସନ୍ଥଙ୍କ ସମାଗମ ହୋଇଥିଲା।









# ସମଲେଇ ପ୍ରକଳ୍ପ





# ମୁଖ୍ୟମନ୍ତ୍ରୀଙ୍କ ନିଆରା ସ୍ୱାଗତ, ପଥରେ ଫୁଲର ବର୍ଷା, ରଙ୍ଗୋଲି





ସମଲେଶ୍ୱରୀ ମନ୍ଦିରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ଯୋଜନାର ପ୍ରକଳ୍ପକୁ ଶୁଭ ଉଦଘାଟନ କରିବା ପାଇଁ ଭୁବନେଶ୍ୱରରୁ ସମ୍ବଲପୁରକୁ ଆସିବା ସମୟରେ ଜାମଦାର ପାଲି ହେଲିପେଟ୍‌ରେ ଓହ୍ଲାଇବା ପରେ ମାଁ ସମଲେଶ୍ୱରୀ ମନ୍ଦିରକୁ ସଡ଼କ ପଥରେ ଯାଇଥିଲେ। ଗଲା ବାଟରେ ଗୌଡ଼ପାଲି ଓ ପିତାପାଲି ଛକରେ ରେଙ୍ଗାଲି ବ୍ଲକ ସରପଞ୍ଚ ସଙ୍ଘର ସଭାପତି ଚିତ୍ତ ରଞ୍ଜନ ବାଗଙ୍କ ନେତୃତ୍ୱ ଶତାଧିକ ମହିଳା ମାନେ ନିଆରା ସ୍ୱାଗତ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ରାସ୍ତାରେ ଝୁଟି, ରଙ୍ଗୋଲି ଆଙ୍କିବା ସହ ଫୁଲ ଦେଇ ସୁ ସଜ୍ଜିତ କରିଥିଲେ। ମହିଳା ସଙ୍ଗଠନଙ୍କ ସମେତ ମାନଭଞ୍ଜନ ପ୍ରସାୟତ, ବିଜୟ ସାହୁ, ପ୍ରସନ୍ନ ଭୋଇଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ପର୍ଯ୍ୟଟନ ହବ୍ ହେବ ସମ୍ବଲପୁର

ବଣପାହାଡ଼ ଘେରା ପଶ୍ଚିମ ଓଡ଼ିଶା। ଏହାର ପ୍ରତିଟି ଧୂଳିକଣାରେ ପ୍ରକୃତି ଜୀବନ୍ତ ରୂପ ନେଇଛି। ଆଉ ପ୍ରତିଟି ପ୍ରାକୃତିକ ସ୍ଥଳ ଏଠିକାର ଧାର୍ମିକ ସଂସ୍କୃତିକୁ ବି କେଉଁ ଆବାହମାନ କାଳରୁ ତୋଳି ଧରିଛି। ସେଥିପାଇଁ ପଶ୍ଚିମ ଓଡ଼ିଶା ପର୍ଯ୍ୟଟନର ଅଫୁରନ୍ତ ସୁଯୋଗ ସୃଷ୍ଟି କରିଛି। ଏଥିରେ ସମ୍ବଲପୁରର ମାଁ ସମଲେଶ୍ୱରୀଙ୍କ ଅନନ୍ୟ। ଓଡ଼ିଶାର ପର୍ଯ୍ୟଟନ କରିଡର୍ ପ୍ରବେଶ ପଥ ଭାବେ ବିବେଚିତ ହୋଇଛି। ୨ବର୍ଷ ତଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ସମଗ୍ର ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନର ବିକାଶ ନେଇ ଏକ ରୂପରେଖ ପ୍ରସ୍ତୁତ ହୋଇଥିଲା। ଏଥିରେ ହରିଶଙ୍କର, ନୃସିଂହନାଥରୁ ଆରମ୍ଭ କରି ସମ୍ବଲପୁର ଜିଲ୍ଲାର ମାଁ ସମଲେଶ୍ୱରୀଙ୍କ ପୀଠ ସମେତ ହୀରାକୁଦ ବନ୍ଧ, ହୁମା ବକ୍ର ମନ୍ଦିର, ଚିପିଲିମା ଘଣ୍ଟେଶ୍ୱରୀ ଆଦି ସମସ୍ତ ପର୍ଯ୍ୟଟନ ସ୍ଥଳୀ ସାମିଲ ହୋଇଛି। ଆଉ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ କରିଡର୍ ଗେଟ୍ ୱେ ବା ପ୍ରବେଶ ପଥ ଭାବେ ସମ୍ବଲପୁରକୁ ବିକଶିତ କରିବାକୁ ଯୋଜନା ହୋଇଛି। ପରବର୍ତ୍ତୀ ସମୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର ପର୍ଯ୍ୟଟନ ଏବଂ ଧାର୍ମିକ ପୀଠର ବିକାଶ ପାଇଁ ରୂପରେଖ ପ୍ରସ୍ତୁତ କରି କାର୍ଯ୍ୟକାରୀ ହେଉଛି। ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ଲୋକାର୍ପଣ ଆଜି ହୋଇଛି। ବର୍ତ୍ତମାନ ନୃସିଂହନାଥ, ହରିଶଙ୍କର ପୀଠ ଆରମ୍ଭ କରି ନୂଆପଡ଼ାର ପତ୍ରା ଡ୍ୟାମ୍, କଳାହାଣ୍ଡି ମାଣିକେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପର୍ଯ୍ୟନ୍ତ ସମସ୍ତ ପୀଠର ବିକାଶ କାମ ଅବ୍ୟାହତ ରହିଛି।



## ମୁଖ୍ୟମନ୍ତ୍ରୀଙ୍କ ଝଲକ ଟିକେ ପାଇଁ...

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ପରିକ୍ରମା ପ୍ରକଳ୍ପର ଚାରିପାର୍ଶ୍ୱ ବୁଲୁଥିଲେ। ହାତ ହଲାଇ ଲୋକଙ୍କ ଅଭିବାଦନ ସ୍ୱୀକାର କରୁଥିଲେ। ଲୋକେ ଦେଖିବା ପାଇଁ ପାଗଳପ୍ରାୟ ହେଉଥିଲେ। ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିକାଶ ପୁରୁଷ ଜିନ୍ଦାବାଦ ବୋଲି ଲୋକେ କହୁଥିଲେ। ସେ ହିଁ ଆଧୁନିକ ଓଡ଼ିଶାର ମଉଡ଼ମଣି। ଦର୍ଶନ ସହ ତାଙ୍କୁ ଦେଖିବା ପାଇଁ ଯେମିତି ଚାତକ ପରି ଚାହିଁବସିଥିଲେ। ବ୍ୟାରିକେଡ ବାହାରେ ଲୋକେ ରହି ତାଙ୍କୁ ପ୍ରଣାମ କରୁଥିବା ମଧ୍ୟ ନଜର ଆସିଥିଲେ।



## ପରିକ୍ରମା ପ୍ରକଳ୍ପର ବିନ୍ଧାଣୀ ପାଣ୍ଡିଆନ



ବହୁ ପ୍ରତୀକ୍ଷିତ ସମଲେଇ ପରିକ୍ରମା ପ୍ରକଳ୍ପକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏଥିପାଇଁ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା ଓ ଆଶୀର୍ବାଦ ଅଜାଡ଼ି ଦେଉଛନ୍ତି। ପ୍ରକଳ୍ପର ଶ୍ରେୟ '୫- ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ୍ୟ ଭକ୍ତମାନେ ଦେଉଥିଲେ। ୨୦୨୧ ମସିହାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ନୂଆଁ ବର୍ଷରେ ଲୋକାର୍ପଣ ହେବା ଲକ୍ଷ ନେଇ ୫-ଟି ଅଧ୍ୟକ୍ଷ ଗସ୍ତ କରି ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ପାଣ୍ଡିଆନ ଦିନରାତି ଏକ କରି ଦେଇଥିଲେ। ପରିକ୍ରମା ପରିକଳ୍ପନା ଠାରୁ ଭାର୍ଚୁଆଲ ମାଧ୍ୟମରେ ନିୟମିତ ସମୀକ୍ଷା କରୁଥିବା ବେଳେ ସମଲେଇ ମନ୍ଦିରକୁ ୪ ଥର ଗସ୍ତ କରି ସମୀକ୍ଷା କରିଥିଲେ। ତେଣୁକରି ପାଣ୍ଡିଆନଙ୍କୁ ପ୍ରକଳ୍ପର ବିନ୍ଧାଣୀ ବୋଲି ଲୋକେ କହୁଛନ୍ତି।







## ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି

ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଜି ବିଧିମତେ ସମ୍ପନ୍ନ ହୋଇଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା। ସହରର ଯେଉଁମାନେ ସମଲେଇ ମନ୍ଦିର ଦେଇ ଯିବାଆସିବା କରିବେ ସେମାଙ୍କୁ ଚାରିଚକିଆ ବଦଳରେ ଦୁଇଚକିଆ ଯାନରେ ଯିବାଆସିବା କରିବାକୁ ନିବେଦନ କରାଯାଇଥିଲା। ଜଣେ ଲେଖାଏଁ ଟ୍ରାଫିକ୍ ଇନ୍ସପେକ୍ଟର ଦାୟିତ୍ୱରେ ରହିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେବାକୁ ଆସୁଥିବା ଅତିଥିଙ୍କ ଗାଡ଼ିସବୁ ଏନ୍ଏଚ୍ ଦୁର୍ଗାପାଲି ଦେଇଆସୁଥିଲା। କାନିଜୁରୀ ପାଖରେ କରାଯାଇଥିବା ୩ଟି ପଡ଼ିଆରେ ପାର୍କିଂ ହୋଇଥିଲା। ସେଠାରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା କରାଯାଇଥିବା ସ୍ୱତନ୍ତ୍ର ଗାଡ଼ିରେ ମନ୍ଦିର ପରିସରକୁ ଅଣାଯାଉଥିଲା। ଏଥିସହ ସମ୍ବଲପୁର ଟାଉନରୁ ନିମନ୍ତ୍ରିତ ଅତିଥିଙ୍କୁ ସମଲେଇଶ୍ୱରୀ କଲେଜରେ ଗାଡ଼ି ପାର୍କିଂ ହୋଇଥିଲା। ଏଠାରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ପ୍ରତି ୫ ମିନିଟ୍‌ରେ ଏକ ବସ୍ ଯିବାଆସିବା କରୁଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସମ୍ପୂର୍ଣ୍ଣ ସହରକୁ ୬ଟି ସେକ୍ଟରରେ ଭାଗ କରାଯାଇଥିଲା। ପ୍ରତି ସେକ୍ଟରରେ ଯିବାଆସିବା କରିପାରିବେ। ଏହାବାଦ୍ ୧୦୦ଟି ଭିଆଇପି ପାର୍କିଂ ମନ୍ଦିର ପାଖରେ କରାଯିବ। ନେଲସନ୍ ମଣ୍ଡେଲା ଓ ଜେଲଛକ ଦେଇ ଚାରିଚକିଆ ଯିବାଆସିବା ଉପରେ ରୋକ୍ ଲଗାଯାଇଥିଲା। ରିଂ-ରୋଡ଼ ଦେଇ ଆସୁଥିବା ଲୋକଙ୍କୁ ଏକପ୍ରକାର ବାରଣ କରାଯାଇଥିଲା। ଏହି ରାସ୍ତାଦେଇ କେବଳ ଜରୁରୀ ସମୟରେ ଦୁଇଚକିଆରେ ଗାଡ଼ି ଯିବାଆସିବା କରୁଥିଲା। ଗାଡ଼ି ବାଲିବନ୍ଧା ପାଖରେ ହିଁ ରହୁଥିଲା। ଏଥିସହ ସହରର ବିଭିନ୍ନ ଗଳିଦେଇ ମନ୍ଦିରକୁ ଥିବା ରାସ୍ତାକୁ ବେରିଗେଟିଂ କରାଯାଇଥିଲା। ପୁଲିସର ବଡ଼ ଅଧିକାରୀମାନେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରୁଥିଲେ।

ରିପୋର୍ଟର



ଭୁବନେଶ୍ୱରରେ ଥିବା ମୟୂରଶିଳ୍ପ ଆଉଟଲେଟରେ ମଧ୍ୟ ଏହି ଆଚାର ବ୍ୟବସାୟ ହେଉଛି।

# ଏସ୍‌ଏଚ୍‌ଜିରୁ ଲଘୁ ଉଦ୍ୟୋଗ ଯାତ୍ରା

ନାରୀ ଆଉ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ନ ରହି ସ୍ୱାବଲମ୍ବୀ ହୋଇଛି। ନାରୀ ଓ ପୁରୁଷର ତାରତମ୍ୟକୁ ଦୂର କରି ସମାଜରେ ନାରୀ ସାଜିଛି ସବଳା। ଆଉ ଏହି ସ୍ୱାବଲମ୍ବୀ କରିବାର ମୁଖ୍ୟ ଭୂମିକା ଗ୍ରହଣ କରିଛି ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ମିଶନ ଶକ୍ତି। ମିଶନ ଶକ୍ତି ଜରିଆରେ ମାତୃଶକ୍ତିକୁ ସ୍ୱାବଲମ୍ବୀ କରି ସଶକ୍ତ ଓଡ଼ିଶା ଗଢିବାର ଏକ ଯୁଗାନ୍ତକାରୀ ଆନ୍ଦୋଳନରେ ସାମିଲ ହୋଇ ମହିଳାମାନେ ଏସ୍‌ଏଚ୍‌ଜିରୁ ଆରମ୍ଭ କରି ଆଜି ଲଘୁ ମଧ୍ୟମ ଉଦ୍ୟୋଗରେ ପରିଣତ ହୋଇଛନ୍ତି।





ବାରିପଦାର ୨୫ନଂ. ୱାର୍ଡର ମା' ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ ଆଚାର ପ୍ରସ୍ତୁତ ଉଦ୍ୟୋଗ କରି ୧୦ଟି ଜିଲ୍ଲାର ଆହାର କେନ୍ଦ୍ରକୁ ଆଚାର ଯୋଗାଇ ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି ଗ୍ରୁପ ସମଗ୍ର ରାଜ୍ୟର ମହିଳାଙ୍କ ପାଇଁ ଉଦାହରଣ ପାଲଟିଛି। ଗତ ୨୦୧୪ରେ ୧୦ ଜଣ ମହିଳାଙ୍କୁ ନେଇ ମୋନାଲିସା ଗାନ୍ଧୀ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଆରମ୍ଭ କରିଥିଲେ। ପରେ ରାଜ୍ୟ ସରକାରଙ୍କ ସହାୟତାରେ ୨୦୨୧ ମସିହାରେ ୱାର୍ଡ ନମ୍ବର ୨୫ ପାଲବଣିଠାରେ ଆଚାର ପ୍ରସ୍ତୁତି କେନ୍ଦ୍ର ଆରମ୍ଭ କରିଥିଲେ। ଏବେ ୩୦ଜଣ ମହିଳାଙ୍କୁ ସେ ସ୍ୱାବଲମ୍ବୀ କରିପାରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ବର୍ଷକୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଆଚାର ପ୍ରସ୍ତୁତ କରି ରାଜ୍ୟ ଏବଂ ରାଜ୍ୟ ବାହାରକୁ ପଠାଉଛନ୍ତି। ରାଜ୍ୟର ୧୦ଟି ଜିଲ୍ଲାର ଆହାର କେନ୍ଦ୍ରକୁ ପ୍ରତିଦିନ ଆଚାର ଯୋଗାଉଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଶକ୍ତି ଯୋଜନା ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ପ୍ରଥମେ ଏହି ଗୋଷ୍ଠୀ ଜିଲ୍ଲା ପ୍ରଶାସନ ସହାୟତାରେ ସବାଇ ଶିଳ୍ପ ଆରମ୍ଭ କରି ମହିଳାମାନେ ସ୍ୱାବଲମ୍ବୀ ହୋଇଥିଲେ। କରୋନା ରୋଜଗାର ଛଡାଇ ନେଇଥିବା ବେଳେ ରାଜ୍ୟ ସରକାର ମହିଳାଙ୍କୁ ନୂଆ ସୁଯୋଗ ଦେଇଥିଲେ। ରାଜ୍ୟର ୩ଟି ଜିଲ୍ଲା ମୟୂରଭଞ୍ଜ, ଢେଙ୍କାନାଳ ଓ ଗଞ୍ଜାମରେ ଆଚାର ଫ୍ୟାକ୍ଟ୍ରି ପାଇଁ ଦରଖାସ୍ତ ଆହ୍ୱାନ ହୋଇଥିଲା। ମା' ଦୁର୍ଗା ଏସଏଚ୍‌ଜି ଗ୍ରୁପକୁ ଏହି ସୁଯୋଗ ମିଳିଥିଲା। ମିଶନ ଶକ୍ତି ବିଭାଗ ପକ୍ଷରୁ ୪୭ ଲକ୍ଷ ଟଙ୍କାରେ ଖର୍ଚ୍ଚ କରାଯାଇ ସମସ୍ତ ଆନୁଷଙ୍ଗିକ ଗୃହ ପ୍ରସ୍ତୁତ କରାଯାଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ସରକାରଙ୍କ ସୁପାରିସରେ ବ୍ୟାଙ୍କ ପକ୍ଷରୁ ଏହି ଗ୍ରୁପକୁ ୩୦ ଲକ୍ଷ ଟଙ୍କାର ଋଣ ମଧ୍ୟ ପ୍ରଦାନ କରାଯାଇଥିଲା। ଯେଉଁ ଟଙ୍କାରେ ମହିଳାମାନେ ଆଚାର ପ୍ରସ୍ତୁତ ଆରମ୍ଭ କରିଥିଲେ। ଆଉ ଆଜି ମହିଳାମାନେ ରୋଜଗାରକ୍ଷମ ହୋଇପାରିଛନ୍ତି। ଏହିପରି ଏହି ଗ୍ରୁପ ମଧ୍ୟ ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇଛି ବୋଲି କାଉନସିଲର ଦେବାଶିଷ ପାତ୍ର କୁହନ୍ତି। ମାସକୁ ୯୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଆଚାର ଯାଜପୁର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, ଦେବଗଡ, ବରଗଡ ଆଦି ୧୦ଟି ଜିଲ୍ଲାକୁ ଯୋଗାଉଛନ୍ତି। ପ୍ରଶାସନର ସହାୟତାରେ ଓର୍‌ମାସ ମଧ୍ୟ ଏହି ଆଚାରର ମାର୍କେଟିଂ ବ୍ୟବସ୍ଥା କରିଛି। ପ୍ରଶାସନର ବାରିପଦା ଓ ମହିଳା ସଶକ୍ତିକରଣର ଏଭଳି ପ୍ରକଳ୍ପକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ଏବଂ ଆଗକୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏଭଳି ନିଆରା କାର୍ଯ୍ୟ ପାଇଁ ଗୋଷ୍ଠୀର ମୁଖ୍ୟ ମୋନାଲିସା ଗାନ୍ଧୀ ନିକଟରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛନ୍ତି। ଏହି ମିଶନ ଶକ୍ତି ଜରିଆରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ସ୍ୱାବଲମ୍ବୀ କରିଥିବାରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ସେ ଏକମାତ୍ର ଭାବେ ସ୍ୱତନ୍ତ୍ର ଆମନ୍ତ୍ରଣରେ ଯୋଗ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀକୁ ଲଘୁ ମାଧ୍ୟମ ଉଦ୍ୟୋଗରେ ପରିଣତ କରିପାରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଛି। ■



ବିଶ୍ୱଜିତ ଭୂୟାଁ



---

# ବାଦ୍ୟଯନ୍ତ୍ର ଦେଉଛି ରୋଜଗାର





ସନ୍ଦିପ୍ତ ରାୟ



ମଣିଷ ଅବସାଦରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ସଂଗୀତର ସାହାର ନିଏ। ସଂଗୀତ ପାଇଁ ବାଦ୍ୟ ଯନ୍ତ୍ରର ଆବଶ୍ୟକତା ରହିଛି। ମଣିଷ ଦିନକୁ ଦିନ ଯେତିକି ଆଧୁନିକ ହେଉଛି ସେହି ଅନୁଯାୟୀ ସଂଗୀତର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଉଛି। ସେଥିପାଇଁ ମୃଦଙ୍ଗ,ତବଲା,ଡିଗି,ଲାଲ,ଡମ୍ବରୁ ଭଳି ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ରର ଆବଶ୍ୟକତା ପଡୁଛି। ସେହି ସବୁ ବାଦ୍ୟଯନ୍ତ୍ର ମଣିଷ ନିଜ ହାତରେ ତିଆରି କରିଥାଏ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଆନ୍ଦୋଳା ଗାଁର କେଶବ ମୁଖି ଏବଂ ତାଙ୍କ ପରିବାର ପୁରୁଷ ପୁରୁଷ ଧରି ବାଦ୍ୟଯନ୍ତ୍ର ପ୍ରସ୍ତୁତି କରି ନିଜର ପରିବାର ଚଳାଉଛନ୍ତି। ଗାଁ ଠୁ ସହର ସବୁଠି ଗୀତ ଓ ସଂଗୀତର ଆସରରେ ବାଦ୍ୟଯନ୍ତ୍ରର ଚାହିଦା ଅଧିକ ରହିଛି। ବିଶେଷ କରି ସଂକିର୍ତ୍ତନ,ପାଲା,ଦାସକାଠିଆ ଭଳି କାର୍ଯ୍ୟକ୍ରମରେ ବ୍ୟବହୃତ ବାଦ୍ୟଯନ୍ତ୍ର ପ୍ରସ୍ତୁତି ପାଇଁ ଏବେ ନିର୍ଦ୍ଦିଷ୍ଟ କାରିଗରଙ୍କ ଆବଶ୍ୟକତା ରହିଛି। ଆଉ ଏହି କାରିଗର ମାନେ ବର୍ଷ ତମାମ ଏହି ବାଦ୍ୟଯନ୍ତ୍ର ପ୍ରସ୍ତୁତି କରି ବେଶ ଦି ପଇସା ରୋଜଗାର କରୁଛନ୍ତି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଆନ୍ଦୋଳା ଗାଁରେ ଏଭଳି କେତେକ ପରିବାର ଅଛନ୍ତି ଯେଉଁମାନେ ବର୍ଷ ତମାମ ବିଭିନ୍ନ ବାଦ୍ୟଯନ୍ତ୍ର ପ୍ରସ୍ତୁତି କରିଥାନ୍ତି। ଗାଁର କେଶବ ମୁଖି ଏବଂ ତାଙ୍କ ପରିବାର ପୁରୁଷ ପୁରୁଷ ଧରି ବାଦ୍ୟଯନ୍ତ୍ର ପ୍ରସ୍ତୁତ କରୁଛନ୍ତି। ଏହି ବାଦ୍ୟଯନ୍ତ୍ର ପ୍ରସ୍ତୁତିରେ ସପରିବାର ଲାଗିଥାନ୍ତି। ଏହି ସବୁ ବାଦ୍ୟଯନ୍ତ୍ର ପ୍ରସ୍ତୁତି ପାଇଁ ଗୋ ଚମଡା ଏବଂ ଛେଳି ଚମଡା ,ମାଟି ହାଣ୍ଡି,ଗାବ(କିରଣ) ଇତ୍ୟାଦିର ଆବଶ୍ୟକ ପଡେ। ଏହି ସବୁ କଞ୍ଚା ମାଲ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ସଂଗ୍ରହ କରି ଅଣାଯାଏ। ବାଦ୍ୟରେ ବ୍ୟବହୃତ ପାଇଁ ଚମଡା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଏ। ପ୍ରଥମେ ବିଭିନ୍ନ ସ୍ଥାନରୁ ଚମଡା ସଂଗ୍ରହ କରି ଆଣିବା ପରେ ମାଟି ହାଣ୍ଡି ଉପରେ ଚମଡାକୁ ଘୋଡାଯାଏ। ଏହାକୁ ଖରାରେ ରଖାଯାଇ ବାଦ୍ୟଯନ୍ତ୍ରରେ ଗାବ ବା କିରଣ ଦିଆଯାଏ। ଏହି ଗାଁରେ ବିଭିନ୍ନ ବାଦ୍ୟଯନ୍ତ୍ର ପ୍ରସ୍ତୁତି ହେଉଥିବାରୁ ଜିଲ୍ଲା ଓ ଜିଲା ବାହାରୁ ଅନେକ ଅର୍ଡର ଆସିଥାଏ। ମୃଦଙ୍ଗ ଏବଂ ତବଲା ଇତ୍ୟାଦି ବାଦ୍ୟଯନ୍ତ୍ର ପାଇଁ ୪ରୁ ୫ ହଜାର ଟଙ୍କା ପଡୁଛି। ଏବେ ରାଜ୍ୟରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୃଦ୍ଧି ପାଉଥିବାରୁ ବିଭିନ୍ନ ବାଦ୍ୟଯନ୍ତ୍ରର ଚାହିଦା ବୃଦ୍ଧି ପାଇଛି। ବାଦ୍ୟଯନ୍ତ୍ର କରି ଭଲ ଦି ପଇସା ରୋଜଗାର ହେଉଛି ବୋଲି ଅଭିମନ୍ୟୁ ମୁଖି କହିଛନ୍ତି। ବର୍ଷ ତମାମ ପୁରା ପରିବାର ଏହି ବାଦ୍ୟଯନ୍ତ୍ର ପ୍ରସ୍ତୁତିରେ ଲାଗିଥାନ୍ତି। ଏଥିରୁ ମିଳୁଥିବା ଅର୍ଥରେ ପିଲାମାନଙ୍କୁ ପାଠ ପଢ଼ା ସହିତ ଯାବତୀୟ ଖର୍ଚ୍ଚ ହୋଇ ପାରୁଛି। ପରିବାର ବାଦ୍ୟଯନ୍ତ୍ର ପ୍ରସ୍ତୁତ କରି ଓଡିଆ ପରମ୍ପରାକୁ ରକ୍ଷା କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୋତ୍ସାହନ ମିଳିଲେ ଏହି କାରିଗର ମାନେ ଅଧିକ ଉତ୍ସାହିତ ହୁଅନ୍ତେ ବୋଲି ପ୍ରଫୁଲ୍ଲ ମୁଖି ଏବଂ ସନାତନ ମୁଖି ମତ ଦେଇଛନ୍ତି। ■

**ମଣିଷ ଅବସାଦରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ସଂଗୀତର ସାହାର ନିଏ। ସଂଗୀତ ପାଇଁ ବାଦ୍ୟ ଯନ୍ତ୍ରର ଆବଶ୍ୟକତା ରହିଛି। ମଣିଷ ଦିନକୁ ଦିନ ଯେତିକି ଆଧୁନିକ ହେଉଛି ସେହି ଅନୁଯାୟୀ ସଂଗୀତର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଉଛି। ସେଥିପାଇଁ ମୃଦଙ୍ଗ, ତବଲା, ଡିଗି, ଲାଲ, ଡମ୍ବରୁ ଭଳି ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ରର ଆବଶ୍ୟକତା ପଡୁଛି। ସେହି ସବୁ ବାଦ୍ୟଯନ୍ତ୍ର ମଣିଷ ନିଜ ହାତରେ ତିଆରି କରିଥାଏ।**



---

# ଶୁଭୁନି ପର୍ଶୁରାମ ଡାକ, ଜାନୁ ଘଣ୍ଟିର ସ୍ୱର



୧୫ ବର୍ଷ ବୟସରେ ସେ ବାପା ରଘୁ ଦାସଙ୍କ ପ୍ରେରଣାରେ ପର୍ଶୁରାମ ବାର୍ତ୍ତା ପ୍ରଚାର ନିଷ୍ଠାର ସହ କରିବା ପାଇଁ ସଂକଳ୍ପ ନେଇଥିଲେ। ଏଥିଲାଗି ଦିର୍ଘଦିନ ନିଷ୍ଠା ସହକାରେ ତାଲିମ ନେବାପରେ ପ୍ରଚାର ଉଦେଶ୍ୟରେ ବାହାରିଥିଲେ। ପ୍ରଥମେ ବାପା ସହ ବିଭିନ୍ନ ସହର ଓ ଗ୍ରାମକୁ ଯାଇ ପ୍ରଭୁ ପର୍ଶୁରାମଙ୍କ ନାମଧରି ପ୍ରଚାର କରିଥିଲେ। ଏବେ ସେ ଏକା ନିଳରାମ, ବୁଧରାମ, ବଳରାମ, ପର୍ଶୁରାମଙ୍କ ନାମଧରି ପ୍ରଚାର ଜରି ରଖିଛନ୍ତି।



ଶଙ୍କର ପ୍ରସାଦ ପ୍ରଧାନ

ଖରା କି ବର୍ଷା କିମ୍ବା ଶୀତରେ ଗାଁ ଦାଣ୍ଡରେ ଘଣ୍ଟ ଧ୍ୱନି ସହିତ ପର୍ଶୁରାମଙ୍କ ବାର୍ତ୍ତା ପ୍ରଚାରର ପାରମ୍ପରିକ କଳା ଏବେ ଲୋପ ପାଇବାକୁ ବସିଛି। ଏଭଳି ପାରମ୍ପରିକ ଆଧ୍ୟାତ୍ମିକ କଳାର ପ୍ରଚାର କରି ପରିବାର ପ୍ରତିପୋଷଣ କରୁଥିବା କଳାକାର ଆଉ ଗାଁ ଦାଣ୍ଡରେ ପ୍ରାୟତଃ ଦେଖିବାକୁ ମିଳୁନାହାନ୍ତି। କାଁ ଭାଁ କେଉଁଠି କେମିତି ବଞ୍ଚି ରହିଛି ଏହି କଳା। କହିବାକୁ ଗଲେ ଏ ପ୍ରକାର କଳାକାରଙ୍କ ଗାଁ ଦାଣ୍ଡରେ ଚିତ୍କାର ଆଉ ଆଗଭଳି ଶୁଣାଯାଉନି। ହେଲେ ଦୀର୍ଘ ୩୩ ବର୍ଷ ହେଲା ପ୍ରଭୁ ପର୍ଶୁରାମଙ୍କ ବାର୍ତ୍ତା ରାଜ୍ୟର କୋଣ ଅନୁକୋଣରେ ପ୍ରଚାର ପ୍ରସାର କରି ଗୁଜୁରାଣ ମେଣ୍ଟାଉଥିବା କଳାକାର ମଧ୍ୟ ଆସ୍ତେ ଆସ୍ତେ ଜନ ମାନସରୁ ଉଭେଇ ଗଲେଣି। ହେଲେ ବି ଆଉ କିଛି କଳାକାର ଧର୍ମ, ସଂସ୍କୃତି ପରମ୍ପରା ଉଜ୍ଜିବୀତ ରଖିବା ଆଶା ସଞ୍ଚାରୁଛନ୍ତି ଶେରଗଡ ବ୍ଲକ କୁମାରପାଣି ଗ୍ରାମର କୃଷ୍ଣଚନ୍ଦ୍ର ଦାସ। ଏବେ ତାଙ୍କର ବୟସ ୪୮। ୧୫ ବର୍ଷ ବୟସରେ ସେ ବାପା ରଘୁ ଦାସଙ୍କ ପ୍ରେରଣାରେ ପର୍ଶୁରାମ ବାର୍ତ୍ତା ପ୍ରଚାର ନିଷ୍ଠାର ସହ କରିବା ପାଇଁ ସଂକଳ୍ପ ନେଇଥିଲେ। ପ୍ରଭୁ ପର୍ଶୁରାମଙ୍କ ବାର୍ତ୍ତା ଶବଣ କଲେ ଲୋକଙ୍କ ପାପ ଦୂର ହେବା ସହିତ କଳାକାର ଜଣଙ୍କ ଜଙ୍ଘରେ ପିନ୍ଧିଥିବା ଘଂଟଧୁଆ ପାଣି ପିଇଲେ ଖନାପିଲା କଥା କହିଥାଏ ବୋଲି ବିଶ୍ୱାସ ରହିଛି। ପୌରାଣିକ କାଳରୁ ଦୀର୍ଘବର୍ଷ ହେଲା ବଞ୍ଚାଇ ରଖିଥିବା କୃଷ୍ଣଙ୍କ ଜୀବନଶୈଳୀ ଅତ୍ୟନ୍ତ ନିଆରା। ପ୍ରତିଦିନ ସକାଳୁ ସେ ଶଯ୍ୟା ତ୍ୟାଗ କରିବା ପରେ ସ୍ନାନ ସାରି ପର୍ଶୁରାମଙ୍କୁ ସ୍ମରଣ କରି ଧ୍ୟାନରେ ବସନ୍ତି। ଏହାପରେ କପାଳ, ବାହୁ ଓ ଛାତିରେ ଚନ୍ଦନ ଓ ସିନ୍ଦୂର ଟିକା, ମୁହରେ ପଗଡି, ବେକରେ ରୁଦ୍ରାକ୍ଷ ଓ ତୁଳସୀ ମାଳି ପରିଧାନ କରନ୍ତି। ଏତିକିରେ ସାଜସଜ୍ଜା ସରି ନ ଥାଏ। ଏହାସହିତ ଅଣ୍ଟାରେ ଘଣ୍ଟି, ଡାହାଣ ହାତରେ ଟାଙ୍ଗିଆ ଏବଂ ବାମ ହାତରେ ଦଶ ଅବତାର ଚିତ୍ରିତ ମାଟି ହାଣ୍ଡି ଧରି ବାହାରକୁ ବାହାରିଥାନ୍ତି କୃଷ୍ଣ। ବିଭିନ୍ନ ଗ୍ରାମ ମୁହଁରେ ପହଞ୍ଚି ପ୍ରଥମେ ଜୟ ପର୍ଶୁରାମ ତିନି ଥର ଡାକ ଦେବାପରେ ଶୁଣ ଶୁଣ ମୋର ଉତର ଆହେ ପର୍ଶୁରାମ, ମହେନ୍ଦ୍ରଗିରି ପର୍ବତେ ଯାଇ ତପବାସ କରହେ ପର୍ଶୁଧର। ଆଦି ଡାକ ଶୁଣିବା ମାତ୍ରେ ପିଲାଠାରୁ ବୁଢା ଏପରିକି ନୂଆଁ ବୋହୂ ମଧ୍ୟ ଦୁଆର ଖୋଲି ବାହାରକୁ ଚାଲିଆସନ୍ତି। ଏଭଳି ଜଣେ ଆଧ୍ୟାତ୍ମିକ କଳାକାରଙ୍କ କଳାକୁ ସମ୍ମାନ ପାଇ ଗାଁ ଦୁଆରେ ରମଣୀମାନେ ଗୋବର ଲିପିବା ସହ ଚିତା ପକାଇ ପୂର୍ଣ୍ଣକୁମ୍ଭ ବାଢି ସ୍ୱାଗତ କରନ୍ତି। ଧୂପ ଦୀପ ନେଇ କଳାକାରଙ୍କ ପାଦ ଧୋଇଦେବାର ପରମ୍ପରା ରହିଛି। ଟାଙ୍ଗିଆ ଚିତ୍ରିତ ହାଣ୍ଡି ଏବଂ ଧନୁ ତୀରକୁ ଗାଁ ରମଣି ପୂଜା ମଧ୍ୟ କରନ୍ତି। ■

## ଗଣେଶ ବଜାର ପୂଜା କମିଟିର ସାଧାରଣ ପରିଷଦ ବୈଠକ

# ସଞ୍ଜୀବ ସଭାପତି, ରଫିକ୍ ସମ୍ପାଦକ

**ଢେଙ୍କାନାଳ, ୨୭।୧(ସମିସ) :**

ଢେଙ୍କାନାଳ ସହରର ଏକ ଅଗ୍ରଣୀ ପୂଜା ଅନୁଷ୍ଠାନ ହେଉଛି ଗଣେଶ ବଜାର। ଚଳିତ ବର୍ଷ ଲକ୍ଷ୍ମୀପୂଜାରେ ସମ୍ପାଦକ ଭାବେ ଏମ ଡି ରଫିକଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ମଧୁସୂଦନ ସଭାଗୃହ ଠାରେ ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ବିଶ୍ୱନାଥ ବେହେରା ଆୟ ବ୍ୟୟ ହିସାବ ଉପସ୍ଥିତ



ବଜାର ସଦସ୍ୟଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପରେ ନୂତନ କର୍ମକର୍ତ୍ତା ଚୟନ ଆରମ୍ଭ ହୋଇଥିଲା। ସର୍ବସମ୍ମତି କ୍ରମେ ଗଣେଶ ବଜାର ଯୁବ ପ୍ରତିଭା ସଞ୍ଜୀବ କୁମାର ବେହେରାଙ୍କୁ ସଭାପତି ଓ ଏମଡି ରଫିକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। କମିଟି ଅଧ୍ୟକ୍ଷ ଭାବେ ସେଖ ହୁସେନ, ମୁଖ୍ୟ ଉପଦେଷ୍ଟା ଭାବେ ବସନ୍ତ କୁମାର ସାହୁ ଓ ବିଶ୍ୱନାଥ ବେହେରାଙ୍କୁ ଦାୟିତ୍ୱ ଦେଇଛନ୍ତି। ଉପସଭାପତି ଶରତ କୁମାର ସାହୁ, ସହସମ୍ପାଦକ ମାନସ ସାହୁ, ଅଜୟ ସାହୁ ଓ ଯୁଗ୍ମ ସମ୍ପାଦକ କରୁଣାକର ସେଠୀ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ସେଠୀ, ଆଇନ ପରାମର୍ଶଦାତା ମନୋରଞ୍ଜନ ପଟ୍ଟନାୟକ, ସଂଯୋଜକ ସୁଶାନ୍ତ କୁମାର ନାୟକ ମନୋନୀତ ହୋଇଛନ୍ତି।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଢେଙ୍କାନାଳ, ୨୭।୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଇ ପଞ୍ଚାୟତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ତରଫରୁ 'ନୂଆ-ଓ' କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତାରିଣୀସେନ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟାପକ ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହାନତା ଓ ଓଡିଆ ଭାଷାର ବୈଶିଷ୍ଟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ାପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ , ବରିଷ୍ଠ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ



ମହାପାତ୍ର, ସିମିନଇ ସରପଞ୍ଚ ଅଜିତ କୁମାର ସିଂହ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ପୂର୍ବତନ ଅଧ୍ୟକ୍ଷ ତଥା ଓଡିଆ ବିଭାଗର ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପାଣି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥନିତୀ ଅଧ୍ୟାପକ ଅଶୋକ ମହାରଣା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ଦର୍ଶନ ବିଭାଗ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାଣୀବିଜ୍ଞାନ ଅଧ୍ୟାପକ ସୁବାଷ ଚନ୍ଦ୍ର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିରୁଳେଇ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ଯୋରନ୍ଦା, ୨୭ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାବରା ପଞ୍ଚାୟତ ଚିରୁଳେଇ ସୁଦର୍ଶନ ସରକାରୀ ବିଦ୍ୟାଭବନ ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସତ୍ୟବାଦୀ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ଲେଙ୍କା, ଶିକ୍ଷକ ମଦନମୋହନ ଦାସ, କୈଳାଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଯୁଗଳ କିଶୋର ରାଉତ, ରଜନୀକାନ୍ତ ଭୋଇ, ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ଦେହୁରୀ, ସରୋଜିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୁଥ୍ ଚଲୋ ଅଭିଯାନ

**ଢେଙ୍କାନାଳ, ୨୭।୧ (ସମିସ):** ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳସ୍ତରୀୟ ବିଜେପିର ବୁଥ୍ ଚଲୋ ଅଭିଯାନ କର୍ମଶାଳା ଆଜି ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ଉପ-ସଭାପତି ଗୋଲେକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ୨୭, ୨୮ ଓ ୨୯ ତାରିଖରେ ବିଜେପି କାର୍ଯ୍ୟକର୍ତ୍ତାମାନେ ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରକୁ ଯାଇ ପ୍ରତ୍ୟେକ ଘରେ ବିଜେପିର ଷ୍ଟିକର ମାରିବେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପାତ୍ର , ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର , ଜିଲ୍ଲା ସାଧାରଣ ସମ୍ପାଦକ ସୁନିଲ୍ ଶର୍ମା, ଜିଲ୍ଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଆଇଟି ସେଲ୍ଲ ପ୍ରଭାରୀ ସୁଚିତ୍ର ବେହେରା, ନିର୍ବାଚନ ସହସଂଯୋଜକ ଅମ୍ବିକା ମିଶ୍ର, ମଧୁସ୍ମିତା ପୁହାଣ, ନିର୍ବାଚନ ମଣ୍ଡଳୀ ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କା ଯୋଗଦେଇଥିଲେ।

## ପୁରସ୍ତମ ସାହୁଙ୍କ ସ୍ମୃତିଚାରଣ ସଭା

**ଗଁଦିଆ, ୨୭।୧ (ସମିସ) :** ଗଁଦିଆ ବ୍ଲକ ଅନ୍ତର୍ଗତ ପୋରୁହଖୋଜ ଗ୍ରାମ ପଞ୍ଚାୟତର ସାଦାପଶିପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ ପୁରସ୍ତମ ସାହୁଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଗଁଦିଆ ସ୍ମୃତି ସଂସଦ ତରଫରୁ ସଂସଦର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଗଁଦିଆ ସ୍ମୃତି ସଂସଦ ର ଉପଦେଷ୍ଟା ତଥା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସମୀର କୁମାର ସାହୁ, ଦଣ୍ଡଧର ସାହୁ, କାର୍ଯ୍ୟକାରୀ ସଭାପତି ଡମ୍ବରୁଧର ସେଠୀ, ପୋରୁହଖୋଜ ଗ୍ରାମ ପଞ୍ଚାୟତ ସରପଞ୍ଚ ରତିକାନ୍ତ ସାହୁ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ୍, ନୀଳାମ୍ବର ସାହୁ, ରାଜ୍ୟ ତୈଳିକ ସମାଜର ମୁଖ୍ୟ ସଂଯୋଜକ ବିଦ୍ୟାଧର ସାହୁ, ଶିକ୍ଷକ ରମାକାନ୍ତ ସାହୁ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଗଁଦିଆ ସ୍ମୃତି ସଂସଦର ସଞ୍ଚାଳକ ଚାରଣ ଅଭିମନ୍ୟୁ ଦାସ ଓ ପୂର୍ଣଚନ୍ଦ୍ର ସାହୁ ଭାଗବତ ପାଠ କରିଥିଲେ।

## ଅଗ୍ନିତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଭୁବନ,୨୭।୧(ସମିସ):** ପିଙ୍ଗୁଆ କଲ୍ୟାଣୀ ମଣ୍ଡପଠାରେ ସଭାପତି ସନାତନ ସାହୁଙ୍କ ଅଧ୍ୟକ୍ଷତାରେ ଅଗ୍ନି ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମର ସମସ୍ତ ୱାର୍ଡର ତୈଳିକ ସମାଜର ଯୁବକ ଓ ମୁରବୀତୁଲ୍ୟ ସଭ୍ୟମାନେ ଆସି ସଭାରେ ଯୋଗ ଦେଇଥିଲେ। ଆଗାମୀ ଉତ୍ସବ ପାଇଁ ତୈଳିକ ସମାଜରେ ଯଜ୍ଞ ଓ ଗ୍ରାମ୍ୟ ପରିକ୍ରମା, ଭୋଜି ପାଇଁ ଆଲୋଚନା ହୋଇଥିଲା। ସର୍ବସମତି କ୍ରମେ ଆଲୋଚନା ସଫଳ ହୋଇଥିଲା।


## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ରାସୋଳ, ୨୭।୧(ସମିସ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆଗାଁ, ଅସରଡ଼ା, ଦଣ୍ଡିରୀ ଓ କାରନ୍ଦା ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ସମସ୍ତ ୩୫ଗୋଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଜାରିରହିବ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଡିଓ, ଏବିଡିଓ, ହିନ୍ଦୋଳ ବିଧାୟିକା, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସରପଞ୍ଚଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି। ବିଦ୍ୟାଳୟ ଗୁଡିକର



ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କୁ ଆକୃଷ୍ଟ କରୁଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ କି ବିକାଶ ହୋଇଛି ଏବଂ କି ପଦକ୍ଷେପ ସରକାର ହାତକୁ ନେଇଛନ୍ତି,

## ଶନିଦେବଙ୍କ ବାର୍ଷିକ ଉତ୍ସବ



**ମାର୍ଥାପୁର, ୨୭।୧(ସମିସ) :** ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ପୂଜା ପାଉଥିବା ଗ୍ରହରାଜ ପ୍ରଭୁ ଶନିଦେବଙ୍କ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମାଘମାସ ସପ୍ତମୀ ତିଥିରେ ଦଶମ ଜନ୍ମବାର୍ଷିକୀ ରୀତି ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୁରୋଧା ବିଷ୍ଣୁଚରଣ ମିଶ୍ର, ଗତିକୃଷ୍ଣ ମିଶ୍ର ଓ ଜଗନ୍ନାଥ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ଏହା ସମ୍ପନ୍ନ ହୋଇଛି।

## ଜୁବୁଲି ଟାଉନ ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପୁରସ୍କୃତ

**ଢେଙ୍କାନାଳ, ୨୭।୧(ସମିସ):** ଢେଙ୍କାନାଳ ଜୁବୁଲି ଟାଉନ ୧ନଂ. ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନକୁ ଜିଲ୍ଲା ବନ ବିଭାଗ ପକ୍ଷରୁ ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ୨୦୨୩ ମସିହା ଗଜଲକ୍ଷ୍ମୀ ପୂଜାରେ ଏହି ପୂଜା ମଣ୍ଡପ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ଉପରେ ଏକ ଜନସଚେତନ ଝାଙ୍କି କରାଯାଇଥିଲା। ଏହି ଝାଙ୍କି ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମରେ ପୂଜା ପ୍ରତିଷ୍ଠାନର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ବିନୋଦ କୁମାର ମହାନ୍ତି ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ।



## ନୂତନ ଆରକ୍ଷୀ ଅଧୀକ୍ଷକଙ୍କ ଦାୟିତ୍ୱଗ୍ରହଣ

**ଢେଙ୍କାନାଳ, ୨୭।୧ (ସମିସ):** ଢେଙ୍କାନାଳ ଜିଲ୍ଲାରେ ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ମତ୍କର୍ ସନ୍ଦୀପ ସମ୍ପଦ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଅବସ୍ଥାପିତ ଏସ୍ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ସ୍ପେଶାଲ୍ ବ୍ରାଞ୍ଚ ଏସ୍ପି ଭାବେ ବଦଳି ହୋଇଛି। ନୂତନ ଏସ୍ପି ସନ୍ଦୀପ ସମ୍ପଦ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱ ତୁଲାଉଥିଲେ। ଏହି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାରେ ଆଇନ୍ ଶୃଙ୍ଖଳା, ଟ୍ରାଫିକ୍ ସମାସ୍ୟା ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଛନ୍ତି।



## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ଗଁଦିଆ, ୨୭।୧ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ ଡିଗ୍ରୀ କଲେଜର ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ 'ନୂଆ-ଓ' ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା କଲେଜ ପରିସରରେ ଉଦ୍ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରାମନାରାୟଣ ରାଉତ ଏବଂ ଓଡ଼ିଆ ବିଭାଗର ଅଧ୍ୟାପକ ବୈକୁଣ୍ଠନାଥ



ମିଶ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଗଁଦିଆ ଥିଙ୍କର୍ସ ଫୋରମ ସଭାପତି ତଥା ରୟାଲ ମୋଟର୍ସ ସତ୍ତ୍ୱାଧିକାରୀ, ସାହିତ୍ୟିକ ସୁବ୍ରତ କୁମାର ସାହୁ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କାମାକ୍ଷାନଗର ମହୋତ୍ସବରେ ନିଶାନିବାରଣ ସଚେତନତା



**କାମାକ୍ଷାନଗର, ୨୭।୧(ସମିସ):** କାମାକ୍ଷାନଗର ମହୋତ୍ସବର ସପ୍ତମ ଦିନରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରାଲି ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଳ୍ପନା କ୍ଲବଠାରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। ରାଲିରେ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ବିଦ୍ୟାଳୟ, ମହାବିଦ୍ୟାଳୟ ର ଛାତ୍ର, ଛାତ୍ରୀ ମାନେ ଯୋଗ ଦେଇ ପ୍ଲା-କାର୍ଡ ଧରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଐରା ସ୍ୱେଚ୍ଛାସେବୀ ସଂଗଠନର ସଂଯୋଜକ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ପ୍ରତିଯୋଗିତା ଓ ସମ୍ମାନ ଉଦ୍‌ଯାପିତ



**ଢେଙ୍କାନାଳ, ୨୭।୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ଥିବା ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସପ୍ତାହ ଧରି ଚାଲିଥିବା ଓଡିଆ ସାହିତ୍ୟ ପ୍ରତିଯୋଗିତା ଓ ସମ୍ମାନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ପ୍ରଥମ ଓଡ଼ିଆ ଭାଷା ବିଶ୍ୱ ସମ୍ମିଳନୀ ଅବସରରେ ନୂଆ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାକୁ ଆଧାର କରି ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସୃଜନାତ୍ମକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଅନ୍ତର୍ଯାମୀ ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଦିନେଶ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା.ଡଃ ପୁଷ୍ପଲତା ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ସମରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

**କାମାକ୍ଷାନଗର, ୨୭।୧(ସମିସ):** କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ବଡ଼ ସୁଆଁଳ ପଞ୍ଚାୟତ ଚକଲ ଗ୍ରାମର ଗଙ୍ଗାଧର ପ୍ରଧାନ ଲୋକନାଥପୁର ଶାସନ ଯାଇ ଫେରୁଥିବା ସମୟରେ ଶାସନ ଛକ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଛି। ଖବର ପାଇ ପରିବାର ଲୋକ ଗଙ୍ଗାଧରଙ୍କୁ ତୁରନ୍ତ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ଗଙ୍ଗାଧରଙ୍କୁ ମୃତ ଘୋଷଣା କରିଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନ,୨୭।୧(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆହାଟରେ ୮ ଦିନଧରି ୮୩ଜଣ ଛାତ୍ରୀଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରଶିକ୍ଷିକା ଲିଟିଲ୍ ରାଣୀ ଜେନା ଓ ପ୍ରୋଗ୍ରାମ ଅଫିସର କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଉଦଯାପନୀ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ରାଉତ, ଅମ୍ବୁଜ କୁମାର ଜେନା, ସନ୍ତୋଷ କୁମାର ସ୍ୱାଇଁ, ଅଧ୍ୟାପିକା ସ୍ୱର୍ଣ୍ଣଲତା ସ୍ୱାଇଁ, ନନ୍ଦିନୀ ବାରିକ ପ୍ରମୁଖ ଉଦବୋଧନ ଦେଇଥିଲେ। କର୍ମଚାରୀ ଗୋଲେଖ ଚନ୍ଦ୍ର ଖିଲାର, ମାନସ ରଞ୍ଜନ ନାୟକ, ରମେଶ ଚନ୍ଦ୍ର ନାୟକ, ହେମନ୍ତ କୁମାର ବରାଳ, ବିଷ୍ଣୁଚରଣ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଗଁଦିଆ, ୨୭।୧(ସମିସ):** ବାଲିକୁଦିଆ ପ୍ରାଥମିକ ବିଦ୍ୟାଳୟରେ ନବନିର୍ମିତ ବିଦ୍ୟାଳୟ ଫାଟକ ଉନ୍ମୋଚନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ୍ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ,ସମ୍ମାନିତ ଅତିଥି ତଥା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମିତା ମହାନ୍ତି ଓ ପଦ୍ମନାଭ ସେଠୀ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ପରାମର୍ଶ ଦେଇଥିଲେ। ଅନ୍ୟତମ




ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ମୋ ସ୍କୁଲ ଅଭିଯାନ ସଭାପତି ସନ୍ତୋଷ କୁମାର ଲେଙ୍କା, ପ୍ରାକ୍ତନ୍ ଶିକ୍ଷକ ଲଛମନ ବାରିକ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଅଶୋକ କୁମାର ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷୟିତ୍ରୀ ନନ୍ଦିନୀ ପ୍ରିୟଦର୍ଶିନୀ ସାହୁ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା।

# ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ

**ଢେଙ୍କାନାଳ, ୨୭।୧ (ସମିସ):**

ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାରର ଉଦ୍ଯାପନୀ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଭାତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶୈଳବାଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ. ସୁରେଖ ସୁନ୍ଦରୀ ସ୍ୱାଇଁ , ମୁଖ୍ୟବକ୍ତା ଭାବରେ ପୁରୀ ଜଗନ୍ନାଥ ସଂସ୍କୃତିର ଅନ୍ୟତମ ବିଶିଷ୍ଟ ଗବେଷକ ପଣ୍ଡିତ ରବିନାରାୟଣ ହୋତା, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ଉପସଭାପତି ବିଶିଷ୍ଟ ସାହିତ୍ୟିକ ସଞ୍ଜିତ୍ କୁମାର ପଟ୍ଟନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳର ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଯୋଗଦାନ



କରିଥିଲେ। ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ଯୁବ ସରପଞ୍ଚ ଅରୁଣ ପରିଡ଼ା ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ମମତା ନାୟକ , ଅଧ୍ୟାପକ ଗୁରୁଚରଣ ନାୟକ, ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅଧ୍ୟାପକ ସୁବ୍ରତ କୁମାର ଇନ୍ଦ୍ରଜିତ୍ ସିଂ, ଅଧ୍ୟାପିକା କସ୍ତୁରି ଜେଷ୍ଟି, ଗ୍ରନ୍ଥାଗାରିକ କୃଷ୍ଣଚନ୍ଦ୍ର ମିଶ୍ର ଓ କର୍ମଚାରୀ ଯୁଗଳ କିଶୋର ରାଉତ ଓ ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଘରୋଇ ନର୍ସିଂହୋମ୍‌ରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଗତସିଂହପୁର,୨୭।୧(ସମିସ)

ଜଗତ୍‌ସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ କିଓରୱେଲ ନର୍ସିଂହୋମରେ ଜଣେ ପ୍ରସୂତୀଙ୍କ ସ୍ୱାମୀର ଶୁକ୍ରବାର ବିଳମ୍ବିତ ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକ ବାଲିକୁଦା ଥାନା ମାଛଗାଁ ପଞ୍ଚାୟତ ବରଗୁଡିପଡିଆ ଗ୍ରାମର ଅରକ୍ଷିତ ବେହେରା (୩୪)। ମୁଣ୍ଡରେ ଗଭୀର କ୍ଷତ ଥିବାରୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ସହ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜଗତସିଂହପୁର ପୁଲିସ ମୃତଦେହ



- ସ୍ତ୍ରୀଙ୍କୁ ପ୍ରସବ ପାଇଁ ଆଣି ଆସିଥିଲେ
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ମୁଣ୍ଡରେ ରହିଛି ଗଭୀର ଆଘାତ

ଜବତ କରି ତଦନ୍ତ ଚଳାଇଛି। ମେଡିକାଲରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ ପୁଲିସ ଏନେଇ ଅଧିକ ସୂଚନା ଦେଇନାହିଁ।

ଅଭିଯୋଗ ଅନୁସାରେ, ବରଗୁଡ଼ି ପଡିଆର ଅରକ୍ଷିତ ବେହେରା ପତ୍ନୀ କସ୍ତୁରୀ ବେହେରାଙ୍କୁ ପ୍ରସବ ବେଦନା ହେବାରୁ ଜିଲ୍ଲା ହସ୍ପିଟାଲକୁ ଆଣିଥିଲେ। ତେବେ ଜିଲ୍ଲା ହସ୍ପିଟାଲରୁ କୋ୍ୟ‌ଣସି କାରଣରୁ ନିକଟସ୍ଥ ଘରୋଇ ନର୍ସିଂହୋମ୍‌କୁ ନେଇଆସିଥିଲେ। ଶୁକ୍ରବାର ରାତିରେ ସେଠାରେ କସ୍ତୁରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲା। ଶନିବାର ସକାଳେ ଆରକ୍ଷିତଙ୍କ ଭାଇ ଅବଧୂତ ବେହେରା ତାଙ୍କୁ ଭେଟିବାକୁ ଆସିଥିବା ସମୟରେ ଭାଇର ମୃତ୍ୟୁ ହୋଇଥିବା ଦେଖିଥିଲେ। ମୁଣ୍ଡରେ ଆଘାତ ଚିହ୍ନ ରହିଥିବା ଓ ମୋବାଇଲ ତଥା ପକେଟରେ ଟଙ୍କା ନଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଘରୋଇ ନର୍ସିଂହୋମ ପରିସରରେ ଗତ ରାତିରେ ଶୋଇଥିବା ସମୟରେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବା ସହ ଘଟଣାସ୍ଥଳରେ ପାଟିତୁଣ୍ଡ କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି।

## ନୀଳମଣି ସାମଲଙ୍କ ବିୟୋଗରେ ଶୋକ

**ଡେରାବିଶ,୨୭।୧(ସମିସ):** ବର୍ଷିଆନ୍ ସ୍ୱାଧୀନତା ସଂଗ୍ରାମୀ ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳର ନୀଳମଣି ସାମଲ (୧୦୧)ଙ୍କର ଶନିବାର କଟକ ବଡ଼ଡାକ୍ତରଖାନାରେ ପରଲୋକ ଘଟିଛି। ସ୍ୱର୍ଗତ ସାମଲଙ୍କ ବିୟୋଗ ଖବର କେନ୍ଦ୍ରାପଡ଼ା ଜିଲ୍ଲାରେ ପହଞ୍ଚିବାପରେ ସ୍ୱାଧୀନତା ସଂଗ୍ରାମୀ ଓ ସଂଗ୍ରାମୀଙ୍କ ଦାୟାଦ ପରିବାର ଏବଂ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନୀଳମଣିଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ବିମ୍ବାଧର ମୁଦୁଲି, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦର ଆବାହକ ରାଜେଶ ପଣ୍ଡା, ଗବେଷକ ବାସୁଦେବ ଦାସ, ଗାନ୍ଧିଆନ୍ ପ୍ରାଧ୍ୟାପକ ଅଜୟ ସାମଲ, ଅରବିନ୍ଦ ସ୍ୱାଇଁଙ୍କ ସମେତ ବହୁ ବୁଦ୍ଧିଜୀବୀ ଶୋକବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ରାପଡ଼ା ଅଞ୍ଚଳକୁ ଗାନ୍ଧୀଙ୍କ ପଦଯାତ୍ରା ସମୟରେ ସ୍ୱର୍ଗତ ନୀଳମଣି ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ପରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରି କାରାବରଣ କରିଥିଲେ। ସ୍ୱର୍ଗତ ନୀଳମଣିଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ସହ ସମ୍ପର୍କ ଅତି ନିବିଡ଼ ବୋଲି ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଶ୍ରୀ ମୁଦୁଲି କହିଛନ୍ତି।

## ବ୍ରହ୍ମଲୀନ ହେଲେ ଲାଲ ବାବା



**ଡେରାବିଶ,୨୭।୧(ସମିସ):** ଡେରାବିଶ ବ୍ଲକ ହରିଅଙ୍କ ଅନ୍ତର୍ଗତ ପାଣିଓଳା ସ୍ଥିତ ଲୁଣାନଦୀ ତଟରେ ଥିବା ପ୍ରସିଦ୍ଧ ବିଲ୍ୱମାଳ ମଠର ଅଧୀଶ ମହାତ୍ମା ଲାଲା ବାବା(୮୨)ଙ୍କର ଗତକାଲି ବିଳମ୍ବିତ ରାତିରେ ବ୍ରହ୍ମଲୀନ ହୋଇଛି। ଦୀର୍ଘ ଦ୍ୱାଦଶ ବର୍ଷ ପୂର୍ବେ ତତ୍କାଳୀନ ମଠାଧୀଶଙ୍କ ଅବର୍ତ୍ତମାନରେ ଆକସ୍ମିକ ଭାବରେ ସାଧୁ ଲାଲବାବାଙ୍କ ଆର୍ବିଭାବ ବିଲ୍ୱମାଳ ଠାରେ ଘଟିଥିଲା। ବାବାଙ୍କ ବ୍ରହ୍ମଲୀନ ଖବର ଶୁଣି ସ୍ଥାନୀୟ ଅଞ୍ଚଳରୁ ଶହଶହ ଭକ୍ତ ମଠ ପରିସରରେ ଆସି ରୁଣ୍ଡ ହୋଇଥିଲେ। ପରେ ହରିଅଙ୍କର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଓ ଦାନପୁରର ପୂର୍ବତନ ସରପଞ୍ଚ ବିଭୁଦେନ୍ଦୁଙ୍କ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉପସ୍ଥିତ ଭକ୍ତମାନେ ବାବାଙ୍କୁ ଏକ ଶୋଭାଯାତ୍ରାରେ ସଂକୀର୍ତ୍ତନ କରି ହରିଅଙ୍କ, ଦାନପୁର, ଚାନ୍ଦୋଳ ଓ ଯଅଁରାବାରିମୂଳ ପଞ୍ଚାୟତର ସମସ୍ତ ଗ୍ରାମରେ ପରିକ୍ରମା କରାଇ ମଠ ପରିସରରେ ସମାଧିସ୍ଥ କରାଯାଇଥିଲା। କାର୍ଯ୍ୟକ୍ରମରେ ତାରାକାନ୍ତ ରଥ, ସମାଜସେବୀ ମନିଷା ପଣ୍ଡା, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ ପ୍ରମୁଖଙ୍କ ସମେତ ଶହଶହ ଭକ୍ତ ଯୋଗ ଦେଇଥିଲେ।

## ଜାତୀୟ ମତଦାତା ଦିବସ ପାଳିତ



**ମାର୍ଶାଘାଇ, ୨୭।୧(ସମିସ):** ମାର୍ଶାଘାଇ ବାଘଡ଼ିଆ ଗୋଜବାୟାଣୀ ପୀଠ ନିକଟରେ ଗୁରୁବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଦିଲ୍ଲୀରୁ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ମତଦାତାଙ୍କ ସହିତ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଯୁବନେତା ଡଃ ଦୁର୍ଗାପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ରଶ୍ମୀରଞ୍ଜନ ରାଉତରାୟ, ତୋଫାନ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ଜାନକୀ ପ୍ରଧାନ, ସରୋଜ କାନ୍ତ ସାହୁ, ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ତ୍ରିଲୋଚନ ରାଉତ, ଶରତ ମହାନ୍ତି, ପ୍ରକାଶ ଦାସ, ପ୍ରକାଶ ପ୍ରଧାନ, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ, ସୌବଲ୍ୟ ବାହାଲିଆ, ଜୀବନ ସାହୁ, ସତ୍ୟଦେବ ଖଟୁଆ, ଚନ୍ଦ୍ରକାନ୍ତ ସ୍ୱାଇଁ, ତାପସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନୂତନ ଭୋଟରଙ୍କ ସହିତ ଆଲୋଚନା କରିଥିଲେ।

## କନ୍ୟା ସନ୍ତାନ ସୁରକ୍ଷା କାର୍ଯ୍ୟକ୍ରମ

**ରାଜନଗର,୨୭।୧(ସମିସ):** ରାଜନଗର ସ୍ଥିତ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ନୂଆ-ଓ ଆନୁକୂଲ୍ୟରେ ଯୁକ୍ତ ୨ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କନ୍ୟା ସନ୍ତାନ ସୁରକ୍ଷା କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, ଯୁକ୍ତ ୨ ନୋଡ଼ାଲ ଅଫିସର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଯୁକ୍ତ ଦୁଇର ସାମାଜିକ ବିଭାଗ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରା, ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ଅଧ୍ୟାପକ ଅଭିଜିତ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ କନ୍ୟା ସୁରକ୍ଷା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୨ର ରଞ୍ଜିତା ବିଶ୍ୱାଳ, ପୂଜାରଣୀ ଦାସ, ଅଦୁସ୍ମିତା ଲେଙ୍କା, ସ୍ୱପ୍ନାମୟୀ ସ୍ୱାଇଁ, ଅର୍ପିତା ରାଉତ ପ୍ରମୁଖ ଛାତ୍ରୀମାନେ କନ୍ୟା ସୁରକ୍ଷା ଉପରେ ଏକ ସୁନ୍ଦର ନାଟକ ପରିବେଷଣ କରି କନ୍ୟା ସନ୍ତାନ ସୁରକ୍ଷା ଯେ, ଅପରିହାର୍ଯ୍ୟ ତାହା ଛାତ୍ରୀମାନେ ନାଟକ ମାଧ୍ୟମରେ ଦର୍ଶାଇଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଆଳି/ମହୁ,୨୭।୧(ସମିସ):** ମହୁ-ଆଳି ରାସ୍ତାରେ କୋଚିଲା ନିକଟରେ ଶନିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ବନ୍ଧ କଡ଼ ନାଳକୁ ଖସି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ବାଳକାଟି ପଞ୍ଚାୟତ ବଡ଼ଆଙ୍କୋ ଗ୍ରାମର ମହେଶ୍ୱର ବେହୁରାଙ୍କ ପୁଅ ସୁନୀଲ ବେହୁରା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଳି ମେଡିକାଲକୁ ପଠାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ହାତରେ କାଚ ପଶି ଯାଇଥିବାରୁ ସେ ଚିକିତ୍ସା ପାଇଁ ଆଳି ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି।

## ମା' ଗଜଲକ୍ଷ୍ମୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଶଙ୍ଖେଶ୍ୱର ଚାମ୍ପିଅନ୍



**ତିର୍ତ୍ତୋଲ,୨୭।୧(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମହାନଦୀ-ପାଇକା ଦ୍ୱୀପାଞ୍ଚଳର ଶଙ୍ଖେଶ୍ୱର ହାଟପଡିଆଠାରେ ମା' ଗଜଲକ୍ଷ୍ମୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶଙ୍ଖେଶ୍ୱର ଟିମ୍ ତୁଳଙ୍ଗ ଟିମକୁ ୫୭ ରନରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ଶଙ୍ଖେଶ୍ୱର ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୦୨ରନ କରିଥିଲା। ଜବାବରେ ତୁଳଙ୍ଗ ଟିମ ସମସ୍ତ ୱିକେଟ ହରାଇ ୪୫ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡିର ଯୁବ ନେତା ଡ. ରମାକାନ୍ତ ଭୋଇ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାସ ବେହେରା, ଅତୃପ୍ତ ମହାପାତ୍ର, ସାରଦା ପ୍ରସନ୍ନ ଦାସ, ବିରଜା ମୋହନ ମହାପାତ୍ର, ତୋଫାନ ସାର, ନିରଞ୍ଜନ ଜେନା, ଟୁଟୁ ମହାପାତ୍ର, ଜ୍ୟୋତିଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ. ଭୋଇ ବିଜେତା ଶଙ୍ଖେଶ୍ୱର ଟିମକୁ ଚାମ୍ପିୟନ ଟ୍ରଫିସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଏବି ବଳରାମ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଲଗ୍ନଜିତ ପଣ୍ଡା ପୁରସ୍କୃତ ହୋଇଥିଲେ।

## ମାର୍ଶାଘାଇ ଶ୍ରୀରାମ କ୍ରିକେଟ; ପାରାଦୀପଗଡ଼ ଚାମ୍ପିଅନ

**ମାର୍ଶାଘାଇ,୨୭।୧(ସମିସ):** ମାର୍ଶାଘାଇ ଶ୍ରୀରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ପାରାଦୀପଗଡ କ୍ରିକେଟ ଟିମ ଚାମ୍ପିଅନ ହୋଇଛି। ପାରାଦୀପଗଡ ଏବଂ ହିନ୍ଦୁଳିଆ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ପାରାଦୀପଗଡ ବ୍ୟାଟିଂ କରି ୧୪୯ ରନ କରିଥିଲା। ହିନ୍ଦୁଳିଆ ଟିମ ଦ୍ୱିତୀୟରେ ବ୍ୟାଟିଂ କରି ୧୦୪ରନରେ ଅଲ୍‌ଆଉଟ ହୋଇଯାଇଥିଲା। ବିସ୍ଫୋରକ ୫୫ରନ କରିଥିବା ପାରାଦୀପଗଡ ଟିମର ଗିତୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଶୁଭକାନ୍ତ ଦଳାଇ, କେଶବ ରଥ ଅମ୍ପାୟାର ଏବଂ ସୁଶାନ୍ତ ଦାସ, ମନୋରଞ୍ଜନ ଦାସ ଘୋଷକ ଦାୟିତ୍ୱ ତୁଲାଇଥିଲେ। ପାରାଦ୍ୱୀପ ଟ୍ରକ ମାଲିକ ସଙ୍ଘ ଉପ ସଭାପତି ପ୍ରଦୀପ୍ତ କୁମାର ଗାହାଣ, ଯୁବନେତା ସୁବ୍ରତ ପ୍ରଧାନ, ସାମ୍ବାଦିକ ଶୁଭେନ୍ଦୁ ଚୌଧୁରୀ, ଶୁଭେନ୍ଦୁ ପ୍ରକାଶ ଦାସ, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ତନ୍ମୟ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ଡେରାବିଶ, ୨୭।୧ (ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ନୋଡ଼ାଲ ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଧନେଶ୍ୱର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷାର ମହତ୍ୱ ଓ ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ବିପିନ କୁମାର ଭଦ୍ର ଆୟୋଜିତ ଏହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଅତିଥି ଓ ଉପସ୍ଥିତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ମିଳିତ ଭାବେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ପୁସ୍ତକମେଳା ଓ ଅନ୍ୟାନ୍ୟ ସୃଜନଶୀଳ କାର୍ଯ୍ୟକ୍ରମ ଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଚିକିତ୍ସିତ ବ୍ୟକ୍ତିଙ୍କ ମୃତ୍ୟୁ

**ପାରାଦୀପ,୨୭।୧(ସମିସ):** ଗତ ମଙ୍ଗଳବାର ଦିନ ପାରାଦୀପ ଲକଥାନା ଅଞ୍ଚଳ ବିଶ୍ୱାଳି ଛକ ନିକଟରେ ଦୁର୍ଘଟଣା ଘଟିଥିବା ବେଳେ ବାଇକ ଆରୋହୀ ବିଶ୍ୱଜିତ୍ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଦେବଦୂତ ସଡକ ସୁରକ୍ଷା ବାହିନୀର ସଦସ୍ୟମାନେ ପ୍ରଥମେ ଅଠରବାଙ୍କୀ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଆଜି ସକାଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବିଜୟ ନଗର ଅଞ୍ଚଳରେ ବୋଲି ସୂଚନା ମିଳିଛି। ଦୀର୍ଘ ୫ ଦିନ ହେବ ଜୀବନ ସହ ସଂଘର୍ଷ କରି ଶେଷରେ ସେ ହାରିଯାଇଛନ୍ତି।

- ସମୀର ଓ ସୁଶୀଲ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସାଇ ଇଲେଭେନକୁ ହରାଇ ନିମପୁର ଚାମ୍ପିଅନ୍




**ପାରାଦୀପ,୨୭।୧(ସମିସ):** ବୁଢ଼ୀ ଜାଗୁଆଣି ଯୁବକ ସଂଘ ଜଗତୀ ଆନୁକୂଲ୍ୟରେ ଅନୁଷ୍ଠିତ ସମୀର ଓ ସୁଶୀଲ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ଫାଇନାଲ ମ୍ୟାଚ। ପ୍ରଥମେ ଟସ୍ ଜିତି ନିମପୁର କଟକ ବୋଲିଂ ନିଷ୍ପତ୍ତି ନେଇଥିଲେ। ସାଇ ଇଲେଭେଲ ଭୁବନେଶ୍ୱର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୭ ରନ୍ କରିଥିଲା। ଜବାବରେ ନିମପୁର କଟକ ୭ ଉଇକେଟ୍‌ରେ ଶେଷ ବଲରେ ଛକା ମାରି ବିଜୟ ଲାଭ କଲା। ମ୍ୟାନ ଅଫ ଦ ମ୍ୟାଚ ଭାବେ ବିକ୍ରମ ସାମଲ ୩୨ ବଲରେ ୮୨ ରନ୍ ସଂଗ୍ରହ କରିଥିଲା ବେଳେ ମ୍ୟାନ ଅଫ ଦ ସିରିଜି ଭାବେ ରାମଚନ୍ଦ୍ର ବେହେରାଙ୍କୁ ଘୋଷଣା କରାଯାଇଥିଲା। ଉଦଯାପନୀ ମ୍ୟାଚରେ ଅତିଥି ଭାବେ କଟକ ମୁନିସିପାଲଟିର ନଗର ଯନ୍ତ୍ରୀ ଅତନୁ ସାମନ୍ତ, ଗ୍ଲୋବାଲ ଇଞ୍ଜିନିୟରିଂର ପ୍ରୋପାଇଟର ସୌମେନ୍ଦ୍ର ସାମନ୍ତରାୟ, ଆରଏଲ ସିକ୍ୟୁରିଟିର ପ୍ରୋପାଇଟର ରାଜେନ୍ଦ୍ର ଦାଶ ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ଇଂ ସଞ୍ଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ସ୍ୱାଇଁ ଓ ଇଂ ପ୍ରଶାନ୍ତ ଚୌଧୁରୀ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

ଯଦୁନାଥ ପରିଡ଼ା କମଳ ପ୍ରତାପ ମେମୋରିଆଲ ଟ୍ରଫି

## ମଧୁଶାସନ ଟିମ୍ ଚାମ୍ପିଅନ

**ଡେରାବିଶ, ୨୭।୧(ସମିସ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ମୁକୁନ୍ଦପୁର ଖେଳ ପଡ଼ିଆରେ ଗତକାଲି ଯଦୁନାଥ ପରିଡ଼ା କମଳ ପ୍ରତାପ ମେମୋରିଆଲ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ କଟକର ମଧୁଶାସନ ଟିମ୍ ଓ ଅସୁରେଶ୍ୱରର ମଲ୍ଲିପୁର ଟିମ୍ ପରସ୍ପରକୁ ଭେଟିଥିଲେ। ପ୍ରଥମେ ମଲ୍ଲୀପୁର ଟିମ୍ ବ୍ୟାଟିଂ କରି ୧୩୬ ରନ୍ କରିଥିବା ବେଳେ ମଧୁଶାସନ ଟିମ୍ ୧୩୭ ରନ୍ କରି ବିଜୟୀ ହୋଇଥିଲା। ସରପଞ୍ଚ ମିତାରାଣୀ ମଲିକଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ଉଠାଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ, ମୁଖ୍ୟବକ୍ତା ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ, ରାଜ୍ୟ ବିଜେଡ଼ି ସମ୍ପାଦକ ଜ୍ୟୋତିରଞ୍ଜନ ଜେନା, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ସ୍ନେହାଶିଷ ଜେନା ଅତିଥିଭାବେ ଯୋଗଦେଇ ମଧୁଶାସନ ଟିମ୍‌କୁ ଚମ୍ପିଆନ୍ ଟ୍ରଫି ଓ ରନର୍ସଅପ୍ ମଲ୍ଲିପୁର ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ସମବାୟବିତ୍ ରଜତ ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଂଚାୟତର ନାଏବ ସରପଞ୍ଚ ବିଚିତ୍ରାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଭାଷା ସାହିତ୍ୟ କାର୍ଯ୍ୟକ୍ରମ




**ନାଉଗାଁ, ୨୭।୧(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥ ଶ୍ରୀଶ୍ରୀ ମଉଳାଭଣଜା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ବିଶ୍ୱ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଚାଇନା ପ୍ରଧାନ, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର ବିଚିତ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଅଧ୍ୟାପକ ପ୍ରତାପ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ବହୁମୂଲ୍ୟ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ଧୀରେନ କୁମାର ପତି, ହରିପ୍ରସାଦ ପତି, ଦୁର୍ଯ୍ୟୋଧନ ଜେନା, ଆଲୋକ କୁମାର ସାହୁ, ଅଧ୍ୟାପିକା ଲିପ୍ସାରାଣୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦ୍ରର କୃଷକମାରଣ ନୀତି ବିରୋଧରେ ଟ୍ରାକ୍ଟର ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୨୭।୧(ସମିସ)

କେନ୍ଦ୍ରର ମୋଦି ସରକାରଙ୍କ କର୍ପୋରେଟ୍ ପ୍ରୀତି ଓ ଜନବିରୋଧୀ ଆର୍ଥିକ ନୀତି ଫଳରେ ଦେଶରେ ଧନି ଓ ଦରିଦ୍ରଙ୍କ ମଧ୍ୟରେ ତାରତମ୍ୟ ରକେଟ ବେଗରେ ବଢି ଚାଲିଛି। ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ଧରଣର କର ମାଧ୍ୟମରେ ସେମାନଙ୍କ କ୍ରୟଶକ୍ତି ସଙ୍କୁଚିତ କରାଯାଉଥିବାବେଳେ ବିଦେଶରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣ କରି ବଡ ବଡ ପୁଞ୍ଜିପତିମାନଙ୍କୁ ଋଣ ମାଫ କରିଦିଆଯାଉଛି। ଯେଉଁଥିପାଇଁ ମୋଦିଙ୍କ ଏହି ୧୦ ବର୍ଷର ଶାସନ କାଳରେ ଦେଶର ଋଣଭାର ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଲାଣି। ଏଥିସହିତ ଦେଶରେ ଧର୍ମୀୟ ଆଧାରରେ ରାଜନୀତିକୁ ଧ୍ରୁବିକରଣ କରି ଶାସନକୁ ଦୀର୍ଘସ୍ଥାୟୀ କରିବାକୁ ଅହରହ ଯୋଜନା କରୁଥିବା ସରକାର ଦେଶର କୃଷିଜୀବି ଓ ଶ୍ରମଜୀବୀ ଜନତାଙ୍କ ଅଧିକାରକୁ ପୁଞ୍ଜିପତିଙ୍କ ସ୍ୱାର୍ଥରେ ପ୍ରତି ମୁହୂର୍ତ୍ତରେ ବଳି ଚଢାଇବାରେ ଲାଗିଛନ୍ତି। ଶ୍ରମ ସଂଶୋଧନ ଆଇନ ଆଣି ଦେଶର ଶ୍ରମିକମାନଙ୍କର ପ୍ରାପ୍ତ ଅଧିକାରକୁ ଛଡାଇ ନେଉଥିବା ବେଳେ ଗତ ୧୩ମାସର



ଐତିହାସିକ କୃଷକ ଆନ୍ଦୋଳନ କାଳରେ ଦେଶର କୃଷକମାନଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଗୋଟିଏ ହେଲେ ରକ୍ଷା କଲେନାହିଁ। କୃଷକମାନଙ୍କ ସବୁଠୁ ମୁଖ୍ୟ ଦାବି ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନିମନ୍ତେ ଆଇନ ହେଲାନାହିଁ କି ଆନ୍ଦୋଳନରତ କୃଷକମାନଙ୍କ ଉପରେ ଜିପ ଚଢାଇ ହତ୍ୟା କରିଥିବା ଆଶିଷ ମିଶ୍ରାର ପିତା ଅଜୟ ମିଶ୍ରା ଟେନିଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଗଲାନାହିଁ। ସରକାରଙ୍କ ଏପରି କୃଷକ ଓ ଶ୍ରମିକବିରୋଧୀ ନୀତି ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରୀୟ ଟ୍ରେଡ ୟୁନିଅନମାନଙ୍କ ମିଳିତମଞ୍ଚ ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ୭୫ତମ ଜନରାଜ୍ୟ ଦିବସ ଅବସରରେ ଦେଶବ୍ୟାପି ହୋଇଥିବା ଗଣ ପଟୁଆର ପରିପ୍ରେକ୍ଷୀରେ କେନ୍ଦ୍ରାପଡା ସହରରେ ଟ୍ରାକ୍ଟର ଓ ବାଇକ ଶୋଭାଯାତ୍ରା ହୋଇଯାଇଛି। ଅପରାହ୍ନରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ମଣ୍ଡଳୀ ସଦସ୍ୟ ଗୟାଧର ଧଳ, ଆଦିକନ୍ଦ ରାଉଳ ଓ ମୁକ୍ତାର ଖାଁଙ୍କ ନେତୃତ୍ୱରେ ସହରର ସାନ୍ତସାହିଠାରୁ ବାହାରିଥିବା ଏହି ଶୋଭାଯାତ୍ରା ସହର ପରିକ୍ରମା କରି ତିନିମୁହାଣି ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ଆପ୍ ସଭାପତି ସନ୍ଦୀପ୍ତ ଦାସ, ସିପିଏମ ନେତା ନରୋତ୍ତମ ପାର୍ଥସାରଥୀ, ଏସୟୁସିଆଇ ନେତ୍ରୀ ଏଲିନା ସାମନ୍ତରାୟ, ଶିକ୍ଷକ ନେତା ଅଜୟ ସାମଲ, ଶ୍ରମିକ ନେତା ଜଗତଜୀବନ ଦାଶ, ଚିତ୍ରସେନ ପରିଡା, ବିକାଶ ବେଉରା ପ୍ରମୁଖ ସରକାରଙ୍କ ଜନ ବିରୋଧୀ ନୀତିକୁ କଠୋର ସମାଲୋଚନା କରି ଏହା ବିରୋଧରେ ଆସନ୍ତା ଫେବୃଆରୀ ୧୬ରେ ହେବାକୁ ଥିବା ସର୍ବଭାରତୀୟ ଗ୍ରାମୀଣ ହରତାଳକୁ କେନ୍ଦ୍ରାପଡାରେ ସଫଳ କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ଦୁର୍ଘଟଣା ନେଲା ୧୫ ଜୀବନ

● ବୋରିଗୁମ୍ମାରେ ସିରିଜ୍ ଦୁର୍ଘଟଣା

## ସ୍କର୍ପିଓ-ଟ୍ରାକ୍ଟର୍-ଅଟୋ ଓ ୨ବାଇକ୍ ଧକ୍କା; ୩ ମୃତ, ୧୩ ଆହତ

**ବୋରିଗୁମ୍ମା, ୨୭ ।୧(ସମିସ):** କୋରାପୁଟ ଜିଲ୍ଲା ଦେଇ ଯାଇଥିବା ୬୩ ନମ୍ବର ଜାତୀୟ ରାଜପଥର ବୋରିଗୁମ୍ମା ଥାନା ଅନ୍ତର୍ଗତ ବିଜାପୁର ଛକ ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ସିରିଜ୍ ଦୁର୍ଘଟଣା ୩ ଜଣଙ୍କ ଜୀବନ ନେଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି । ଟ୍ରାକ୍ଟର୍, ଅଟୋ, ସ୍କର୍ପିଓ ସହ ୨ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି । ମୃତକମାନେ ହେଲେ, ଧୁତ୍ରୁସା



ପାଲାର ପଦ୍ମନି ଭୁମିଆ, ବନ୍ଧଗୁଡ଼ାର ପଦ୍ମା ଭତ୍ରା ଏବଂ ବତାସନାର କୃଷ୍ଣ ପଟ୍ଟନାୟକ । ଗୁରୁତରମାନଙ୍କୁ ପ୍ରଥମେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଜିଲ୍ଲା ଏସ୍ଏଲ୍ଏନ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାରେ ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

### ମୃତକଙ୍କ ପରିବାରକୁ ୩ ଲକ୍ଷ ଲେଖାଏଁ ସହାୟତା ଘୋଷଣା

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ମୃତକମାନଙ୍କ ନିକଟତମ ଆତ୍ମୀୟଙ୍କ ଲାଗି ୩ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ସେହିପରି କୋରାପୁଟ ଏସ୍ଏଲଏନ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଦୁର୍ଘଟଣାଗ୍ରସ୍ତ ୫ଟି ଗାଡ଼ିକୁ ଜବତ କରିଛି ।

ସୂଚନାନୁଯାୟୀ, କୋଟପାଡ଼ ପଟୁ ବୋରିଗୁମ୍ମା ଅଭିମୁଖେ ଏକ ସ୍କର୍ପିଓ ବିପରୀତ ଦୁଗରୁ ଆସୁଥିବା ଗୋଟିଏ ପରେ ଗୋଟିଏ ୨ବାଇକ୍, ଟ୍ରାକ୍ଟର୍‌କୁ ଧକ୍କା ଦେବା ପରେ ଅଟକି ଯାଇଥିଲା । ଏହି ସମୟରେ ସ୍କର୍ପିଓ ପଛପଟୁ ଆସୁଥିବା ଅଟୋଟି ସ୍କର୍ପିଓକୁ ପଛରୁ ଧକ୍କା ଦେଇଥିଲା । ଏଥିରେ ଅଟୋରେ ଥିବା ୨ ମହିଳା ଓ ବାଇକ୍‌ରେ ଥିବା ଜଣେ ଯୁବକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣାକୁ କେନ୍ଦ୍ର କରି ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ମୃତାହତମାନଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସମ୍ପର୍କୀୟ ଓ ଗ୍ରାମବାସୀ ଟାୟାର ଜାଳି ଘଣ୍ଟାଏ କାଳ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ରାସ୍ତାରେ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା । ଖବର ପାଇ ଉପକଣ୍ଠ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ଶବର, ତହସିଲଦାର ସବ୍ୟସାଚୀ ଜେନା, ବୋରିଗୁମ୍ମା ଥାନାଧିକାରୀ ଯୁଗଳ କିଶୋର ସା, ଇନ୍ସପେକ୍ଟର୍ ଡମ୍ବୁ ପରଜା ଓ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଏହାସହ ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା ।

## ବାଇକ୍ ଧକ୍କାରେ ବାପ-ଝିଅ ମୃତ

**ଭୋଗରାଇ, ୨୭ ।୧ (ସମିସ):** ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥର ଚିତେଇ ନଈ ଝୁଲନ୍ତା ପୋଲ ନିକଟରେ ଶୁକ୍ରବାର ସଂଧ୍ୟାରେ ଘଟିଥିବା ଏକ ଦୁର୍ଘଟଣାରେ ବାପା-ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଆହତ ହୋଇଛି । ମୃତଦ୍ୱୟ ହେଲେ, ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଶ୍ରୀବସ୍ତପୁର ଗ୍ରାମର ସୁଜୟ କୁମାର ପାତ୍ର (୪୫) ଓ ତାଙ୍କ ଝିଅ ବର୍ଷା ପ୍ରିୟଦର୍ଶିନୀ ପାତ୍ର (୧୬) । ଏହି ଘଟଣାରେ ସୁଜୟଙ୍କ ପୁଅ ଅର୍ଣ୍ଣବ କୁମାର ପାତ୍ର (୧୩) ଓ ଅନ୍ୟ ଜଣେ ନାବାଳକଉଦପଦା ଗ୍ରାମର ଭବଶଙ୍କର ଗିରିଙ୍କ ପୁଅ ନନ୍ଦନ କୁମାର ଗିରି (୧୭) ଗୁରୁତର ଆହତ ହୋଇଛନ୍ତି । ଦୁହେଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୁଅ-ଝିଅକୁ ନେଇ ସୁଜୟ ଏକ ସ୍କୁଟିରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ବାଇକ୍‌ରେ ଆସୁଥିବା ନନ୍ଦନ ତାଙ୍କୁ ଧକ୍କା ଦେଇଥିଲା । କମର୍ଦ୍ଦା ପୁଲିସ୍ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

## ଟ୍ରକ୍ ଧକ୍କାରେ ପିକନିକ୍ ବସ୍‌ର ୩ ଛାତ୍ରୀ ମୃତ

**୧୦ରୁ ଊର୍ଦ୍ଧ୍ୱ ଗୁରୁତର**

**ନୟାଗଡ଼/ଦଶପଲ୍ଲା,୨୭ ।୧(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ବାରପୁରକିଆସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ଛାତ୍ରଛାତ୍ରୀଙ୍କୁ ନେଇ ପିକ୍‌ନିକ୍ ଯାଉଥିବା ବେଳେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଅବସ୍ଥାରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତ ଛାତ୍ରୀମାନେ ହେଲେ, ଦଶପଲ୍ଲା ଟାଙ୍ଗିଆପଲ୍ଲୀର ଚିନ୍ମୟୀ ପ୍ରିୟଦର୍ଶିନୀ ବେହେରା, ଟାକେରାର ଅମ୍ରିତା ସାହୁ, ଖଜୁରିପଡ଼ା ଅଞ୍ଚଳର ଲୋପାମୁଦ୍ରା ପ୍ରଧାନ ।

ସୂଚନାନୁସାରେ, ଶୁକ୍ରବାର ରାତିରେ ଘରୋଇ କୋଚିଂ ସେଣ୍ଟର ଦେବୀସ୍ ଟ୍ୟାଲେଣ୍ଟ ଟ୍ୟୁଟୋରିଆଲର ଛାତ୍ରୀମାନେ ହରିଶଙ୍କର ଅଭିମୁଖେ ଏକ ବସ୍‌ରେ ପିକ୍‌ନିକ୍ ଯାଉଥିଲେ । ଦଶପଲ୍ଲାରୁ ସେମାନେ ବାହାରି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ମାତ୍ର ୨୫ କିଲୋମିଟର ଯିବା ପରେ ବାଣିଗୋଚ୍ଛା ଥାନା ଅନ୍ତର୍ଗତ ଶାଳଭଙ୍ଗା ଜଙ୍ଗଲ ନିକଟରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏକ ଚାଉଳ ବୋଝେଇ ଟ୍ରକ୍ ସାମ୍ନାପଟୁ ବସ୍‌କୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ଚିନ୍ମୟୀ ଓ ଅମ୍ରିତାଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଲୋପାମୁଦ୍ରାଙ୍କର ମୃତ୍ୟୁ ହୋଇଥିଲା । ବାଣିଗୋଚ୍ଛା ପୁଲିସ ଗାଡ଼ି ୨ଟିକୁ ଜବତ କରିବା ସହ ମାମଲା ରୁଜୁ କରିଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ସେହିପରି ଗୁରୁତରଙ୍କୁ ଦଶପଲ୍ଲା ଡାକ୍ତରଖାନା, ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱରର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ପାଇ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଏସ୍‌ପି ରାହୁଲ ଜୈନ, ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ପ୍ରମୁଖ ପହଞ୍ଚିଥିଲେ ।

## ଜୁଏଲ ଓରାମଙ୍କ ଗାଡ଼ି ଧକ୍କାରେ ଆର୍‌ଏମ୍‌ସିଏ କର୍ମଚାରୀ ମୃତ

■ କାର୍ ଧକ୍କାରେ ସ୍କୁଟି ଚାଳକ ମୃତ

**କାମାକ୍ଷାନଗର, ୨୭ ।୧(ସମିସ) :** କାମାକ୍ଷାନଗର ଥାନା ରେକୁଳା ଛକ ନିକଟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଜୁଏଲ ଓରାମଙ୍କ କାର୍ ଧକ୍କାରେ ଜଣେ ଆର୍‌ଏମ୍‌ସିଏ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ସର୍ବେଶ୍ୱର ଚୌଧୁରୀ । ସୂଚନାନୁସାରେ, ସର୍ବେଶ୍ୱର ବାଇକ୍‌ରେ ଯାଉଥିବା ବେଳେ ରେକୁଳା ଛକ ନିକଟରେ ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଜୁଏଲଙ୍କ କାର୍ ତାଙ୍କୁ ଧକ୍କା ଦେଇଥିଲା । ଜୁଏଲ ନିଜ ପାଇଲଟିଂ ଗାଡ଼ିରେ ସର୍ବେଶ୍ୱରଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କୁ ସମବେଦନା ଜଣାଇବା ସହ ସରକାରଙ୍କ ତରଫରୁ ସମସ୍ତ ସହାୟତା ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ । କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ଥାନା ଅଧିକାରୀ ଶରତ କୁମାର ମହାଳିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଇନୋଭା ଗାଡ଼ିକୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ।

ସେହିପରି ଅନ୍ୟ ଏକ ଘଟଣାକ୍ରମେ କାମାକ୍ଷାନଗର ଥାନା ଅନ୍ତର୍ଗତ କାଦୁଆ ଜଡ଼ାପାଳ ରାସ୍ତାର କେନ୍ଦୁପଶି ଛକ ନିକଟରେ ଏକ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ଇନ୍ଦୁପୁର ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀ ହରମୋହନ ବିଶ୍ୱାଳ । ପୁଲିସ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉକ୍ତ କାରକୁ ଜବତ କରି ତଦନ୍ତ ଜାରି ରଖିଛି । ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ, ତହସିଲଦାର ପ୍ରିୟବ୍ରତ ଦାସ ପହଞ୍ଚି ମୃତ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଦୁର୍ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି ।

## ଟ୍ରକ୍ ଚକ ତଳେ ଗଲା ଭାଇ-ଭଉଣୀଙ୍କ ଜୀବନ

**ବଣାଇଁ, ୨୭ ।୧(ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ବଣାଇଁ ଥାନା ଅନ୍ତର୍ଗତ ଉପରବାହାଲ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ହାତୀବାହାଲ ଗ୍ରାମର ପ୍ରଦୀପ ମୁଣ୍ଡା ଓ ତାଙ୍କ ସମ୍ପର୍କୀୟ ଭଉଣୀ ଯମୁନା ମୁଣ୍ଡା । ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ଦୁହେଁ ବାଇକ୍‌ରେ ଦରେଇକଳା ଅଭିମୁଖେ ଯାଉଥିବା ବେଳେ ଏକ ୧୨ଚକିଆ ଟ୍ରକ୍ ସହ ବାଇକ୍ ଧକ୍କା ହୋଇଥିଲା । ଏହି ଦୁର୍ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଲୋକେ ରାସ୍ତା ଅବରୋଧ କରି ବିକ୍ଷୋଭ ଜାରି ରଖିଛନ୍ତି । ଘଟଣାସ୍ଥଳରେ ବଣାଇଁ ଥାନା ପୁଲିସ ପହଞ୍ଚି ଉଭୟ ଗାଡ଼ି ଜବତ କରିବା ସହ ଲୋକଙ୍କୁ ବୁଝାସୁଝା କରୁଛି ।

## ବସ୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା, ତିନି ମୃତ

■ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଆସିକା, ୨୭ ।୧(ସମିସ):** ଆସିକା ଥାନା ଅନ୍ତର୍ଗତ ଖଡ଼ଭାଗ ଗାଁ ଛକ ନିକଟରେ ଶୁକ୍ରବାର ଏକ ବସ୍ ସହ ଏକ ପିକଅପ୍ ଭ୍ୟାନ୍‌ର ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ, ବ୍ରହ୍ମପୁର ହଳଦିଆପଦର ଗଡ଼ସାହିର ରାଜେନ୍ଦ୍ର ବୋଡୁ(୫୫), ସୁନିତା ପାତ୍ର(୪୫) ଓ ଭ୍ୟାନ୍ ଚାଳକ ବୁଲୁ ବେହେରା(୩୦) । ମୃତକମାନେ ପିକ୍-ଅପ୍ ଭ୍ୟାନ୍‌ରେ ଯାଉଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତକଙ୍କୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ କରୁଛି । ଏପଟେ ବସ୍‌ରେ ବସିଥିବା ତିନି ଜଣ ବି ସାମାନ୍ୟ ଆହାତ ହୋଇଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୩ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

## ଖୁଡ଼ି-ଝିଆରୀଙ୍କୁ ଦଳିଦେଲା ଦନ୍ତା

**ଦେବଗଡ଼, ୨୭।୧(ସମିସ):** ଦେବଗଡ଼ ବନାଞ୍ଚଳ ଲଇମୁରା ସେକ୍ସନ ଅଧୀନ ଟିପିରିସିଙ୍ଗା ଗ୍ରାମରେ ଏକ ଦନ୍ତାହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକଦ୍ୱୟ ହେଲେ, କ୍ଷେତ୍ର କିସାନଙ୍କ ସ୍ତ୍ରୀ ସୁରୁବାଲି କିସାନ (୩୭) ଓ କଷ୍ଟୁ କିସାନଙ୍କ ଝିଅ ଖଇରୀ କିସାନ (୨୮) । ସମ୍ପର୍କରେ ଉଭୟ ଖୁଡ଼ି-ଝିଆରୀ ବୋଲି ଜଣାପଡ଼ିଛି ।

ସୁରୁପା ଗ୍ରାମରେ ଚାଲିଥିବା ଯାତ୍ରା ଦେଖିବାକୁ କ୍ଷେତ୍ର ଯାଇଥିଲେ । ରାତିରେ ଘରେ ରହିବାକୁ ତାଙ୍କ ଝିଆରୀ ଖଇରୀ ଆସିଥିଲେ । ଖଇରୀ ଓ ସୁରୁବାଲି ଶୋଇଥିବା ବେଳେ ରାତି ପ୍ରାୟ ୧୧ଟାରେ ଏକ ଦନ୍ତାହାତୀ ତାଙ୍କ ଘରର ମାଟିକାନ୍ଥ ଭାଙ୍ଗି ଦେବା ସହ ଘରେ ଥିବା ଧାନ ଚାଉଳ ଖାଇ ଦେଇଥିଲା । ଦୁହେଁ ଜୀବନ ବିକଳରେ ବାହାରକୁ ଚାଲି ଆସିବାରୁ ଦନ୍ତାଟି ତାଙ୍କୁ ଗୋଡ଼ାଇଥିଲା । ହାତୀଟି ପ୍ରଥମେ ସୁରୁବାଲି ଏବଂ ପରେ ଖଇରିଙ୍କୁ ପାଦରେ ଦଳି ଦେଇଥିଲା । ଏହି ସମୟରେ ହାତୀକୁ ପିଛା କରୁଥିବା ଲଇମୁରା ଫରେଷ୍ଟର ତୁଷାର ରଞ୍ଜନ ପ୍ରଧାନ, ପାରପୋଷି ବିଟର ଫରେଷ୍ଟ ଗାର୍ଡ ମିଳନ ଦାଶ ଓ ଲଇମୁରା ବିଟ୍‌ର ଫରେଷ୍ଟ ଗାର୍ଡଙ୍କ ସମେତ ବନ ବିଭାଗ କର୍ମଚାରୀ ଓ ହାତୀ ସ୍କ୍ୱାଡ୍‌ର ସଦସ୍ୟ ସେଠାରେ ପହଞ୍ଚି ଘଉଡ଼ାଇଥିଲେ । ଶନିବାର ସକାଳେ ସୁରୁବାଲିଙ୍କ ସ୍ୱାମୀ କ୍ଷେତ୍ର ଯାତ୍ରା ଦେଖି ଫେରିବା ପରେ ଖଇରୀଙ୍କ ଭାଇ ଅମରେଶ କିସାନ ଓ ଫରେଷ୍ଟର ତୁଷାର ରଞ୍ଜନ ପ୍ରଧାନଙ୍କ ସହିତ ଲଇମୁରା ଥାନାରେ ଅଭିଯୋଗ କରିଥିଲେ ।

ଅନ୍ୟପକ୍ଷେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ସକାଳେ ଖବର ପ୍ରଚାରିତ ହେବାପରେ ଟିପିରିସିଂଗା ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶହଶହ ଲୋକ ସେଠାରେ ପହଞ୍ଚିବା ସହ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦେବଗଡ଼ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରା ଓ ଲଇମୁରା ଥାନା ଅଧିକାରୀ ପଙ୍କଜ ମାଝି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ପରେ ଉତ୍ତେଜନା ଥମିଥିଲା । ଏହାପରେ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ ୬୦ ହଜାର ଟଙ୍କା ଓ ପରବର୍ତ୍ତୀ ସମୟରେ (ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ) ଅବଶିଷ୍ଟ ୫ଲକ୍ଷ ୪୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ କହିଛନ୍ତି ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠପଟ୍ଟ

ଭାଷା ଭାବର ଉତ୍ସ । ସଂସ୍କୃତିର ବାହକ । ଜାତୀୟ ଜୀବନକୁ ଏକତାସୂତ୍ରରେ ବାନ୍ଧିବାକୁ ଭାଷା ସାହାଯ୍ୟ କରେ । ସଂସ୍କୃତିର ବାହକ ରୂପେ ଭାଷା ସାହିତ୍ୟର ରୂପ ନିଏ । ସାହିତ୍ୟ ସମାଜକୁ ଉଚିତ ଦିଗ୍‌ଦର୍ଶନ ଦିଏ । ସାହିତ୍ୟର ଉନ୍ନତି ସହ ଜାତିର ଉନ୍ନତି ନିହିତ ।

ଇଂରେଜ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସ୍ୱର ୧୮୧୭ ପାଇକ ବିଦ୍ରୋହ ମାଧ୍ୟମରେ ସଂଘଟିତ ହେଲା । ଏ ବିଦ୍ରୋହକୁ ଅକ୍ତିଆରକୁ ଆଣିବା ପରେ ଇଂରେଜ ସରକାର ସ୍ୱାଧୀନଚେତା, ଦେଶଭକ୍ତ, ରାଜଭକ୍ତ ଓଡ଼ିଆମାନଙ୍କୁ ଭୟ, ଘୃଣା ଓ ଅବିଶ୍ୱାସ କରିବାକୁ ଲାଗିଲେ । ଅନ୍ୟପକ୍ଷରେ ଅଣଓଡ଼ିଆ କର୍ମଚାରୀମାନେ ସରକାରଙ୍କ ବିଶ୍ୱାସଭାଜନ ହେଲେ । ଏହି ଅବିଶ୍ୱାସର ପରିଣତିସ୍ୱରୂପ 'ନୂତନ ରୀତିର ଭୂରାଜସ୍ୱ ନିର୍ଦ୍ଧାରଣ ଓ କୁଖ୍ୟାତ ସୂର୍ଯ୍ୟାସ୍ତ ନିୟମ ଓଡ଼ିଶାର ସମଗ୍ର ଉପକୂଳାଞ୍ଚଳର ସୁପ୍ରାଚୀନ ଖଣ୍ଡାୟତ ଗୋଷ୍ଠୀଙ୍କୁ ରାତି ପାହିଲା ବେଳକୁ ଉତ୍ପାଟିତ କରି ଓଡ଼ିଶାର ସେଦିନ ପର୍ଯ୍ୟନ୍ତ ସମୃଦ୍ଧ କୃଷକ ଜାତିକୁ ପରିଣତ କରିଦେଲା ଏକ କୁଲି ଗୋଷ୍ଠୀରେ ।

ଉନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଐତିହ୍ୟସମ୍ପନ୍ନ ଓଡ଼ିଆ ଜାତି କିପରି ସ୍ଥାଣୁ, ହୀନବୀର୍ଯ୍ୟ ଓ ମୁମୂର୍ଷୁ ଅବସ୍ଥାରେ ଆତ୍ମପରିଚୟ ହରାଇ ବସିଲା, ତାହା ହିଁ ଏକ ନିଷ୍ଠୁର ଇତିହାସ । ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ଶାସନର ସୁବିଧା ପାଇଁ ଓଡ଼ିଶାର ଦକ୍ଷିଣାଂଶ ମାନ୍ଦ୍ରାଜ ପ୍ରେସିଡେନ୍ସି ସହିତ ଉପକୂଳ ଅଞ୍ଚଳ ବଙ୍ଗଳା ସହିତ ଓ ପଶ୍ଚିମଭାଗ ମଧ୍ୟପ୍ରଦେଶ ସହିତ ସଂଯୁକ୍ତ କରିଥିଲେ । ଓଡ଼ିଶା ବିଖଣ୍ଡିତ ହୋଇ ବିଭିନ୍ନ ପ୍ରାନ୍ତୀୟ ଭାଷାର ଚକ୍ରାନ୍ତରେ ନିଜର ସ୍ଥିତି ହରାଇ ବସିଲା । ଏହାକୁ ଦୃଢ଼ କଣ୍ଠରେ ପ୍ରତିବାଦ ଜଣାଇ ଉତ୍କଳ ଦୀପିକା ଘୋଷଣା କଲେ- ବର୍ତ୍ତମାନ ଉତ୍କଳଭାଷା ତିନିଥେଣ୍ଟିଆ କାକୁଡ଼ି ବାଡ଼ି ପ୍ରାୟ କ୍ଷତିଗ୍ରସ୍ତ ହେଉଅଛି ।




**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ- ୨୦୨୪ ଉପଲକ୍ଷେ**

୧୮୫୭ ଖ୍ରୀ:ରେ ଇନ୍‌ସପେକ୍ଟର ଇ.ରୋର ବଙ୍ଗଳା ପାଠ୍ୟପୁସ୍ତକ ପରିବର୍ତ୍ତେ ଓଡ଼ିଆ ପାଠ୍ୟପୁସ୍ତକ ପ୍ରକାଶନକୁ ଗୁରୁତ୍ୱ ଦେଇଥିଲେ ଓ ଟି.ରେଭେନ୍ସା ଓଡ଼ିଆ ଭାଷା ସପକ୍ଷରେ ଦୃଢ଼ମତ ଦେଇଥିଲେ । ୧୮୫୭ ଖ୍ରୀ:ରେ ଇନ୍‌ସପେକ୍ଟର ଇ.ରୋର ବଙ୍ଗଳା ପାଠ୍ୟପୁସ୍ତକ ପରିବର୍ତ୍ତେ ଓଡ଼ିଆ ପାଠ୍ୟପୁସ୍ତକ ପ୍ରକାଶନକୁ ଗୁରୁତ୍ୱ ଦେଇଥିଲେ ଓ ଟି.ରେଭେନ୍ସା ଓଡ଼ିଆ ଭାଷା ସପକ୍ଷରେ ଦୃଢ଼ମତ ଦେଇଥିଲେ । ତତ୍‌କାଳୀନ କମିଶନର ଏଫ.ଗୋଲସ୍‌ବରୀ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନକୁ ସ୍ୱୀକୃତି ଦେଇ ନ ଥିଲେ ।

ଓଡ଼ିଆ ଭାଷା ପ୍ରତି ଦେଖାଦେଇଥିବା ଏ ସଙ୍କଟ ବିରୁଦ୍ଧରେ ସାମଗ୍ରିକ ଓଡ଼ିଆ ଚେତନା ସଂଗ୍ରାମ କରିଥିଲା । ଏହି ଭାଷା ଆନ୍ଦୋଳନ ଉତ୍କଳ ଦୀପିକା ପୃଷ୍ଠାରେ ବହୁପ୍ରସାରୀ ହୋଇଥିଲା । ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଗୌରୀଶଙ୍କର ରାୟ, ରାଜା ବୈକୁଣ୍ଠନାଥ ଦେ, ରାଧାନାଥ ରାୟ, ରାମଶଙ୍କର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ, ଫକୀର ମୋହନ ସେନାପତି, ସାର୍ ବାସୁଦେବ ସୁଢ଼ଳଦେବ, ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ଯୁଗସ୍ରଷ୍ଟାଗଣ । 'ଉତ୍କଳ ଦୀପିକା(୧୮୬୬)' ସହିତ 'ସମ୍ବାଦ ବାହିକା (୧୮୬୮)' ଓ 'ସମ୍ବଲପୁର ହିତୈଷିଣୀ (୧୮୮୯)' ପତ୍ରିକା ଜନ ଜାଗରଣ ସୃଷ୍ଟିରେ ଅକ୍ଲାନ୍ତ ଉଦ୍ୟମ କରିଥିଲେ ।

ଏତିକିରେ ଭାଷା ସଙ୍କଟ ଦୂରେଇଯାଇ ନଥିଲା, ବରଂ ଏହା ବିଭିନ୍ନ ଉପାନ୍ତ ଅଞ୍ଚଳରେ ଘନୀଭୂତ ହୋଇଥିଲା । ଗଞ୍ଜାମ ଅଞ୍ଚଳରେ ତେଲେଙ୍ଗା କର୍ମଚାରୀମାନେ ତେଲୁଗୁ ଭାଷା ପ୍ରଚଳନ ପାଇଁ ଚକ୍ରାନ୍ତ କରିଥିଲେ । ସେମାନଙ୍କୁ ସମର୍ଥନ କରି ମାନ୍ଦ୍ରାଜ ସରକାର ତା.୨୪.୧.୧୮୭୪ ରେ ଗଞ୍ଜାମ ଗେଜେଟରେ ପ୍ରକାଶ କଲେ "ଓଡ଼ିଆ ଲିପିରେ କାଗଜପତ୍ର ଦାଖଲ କରିବାରେ ଆପତ୍ତି ନାହିଁ । ମାତ୍ର ସେଥିରେ ଜବାବ ମିଳିବା ବିଳମ୍ବ ହେବ । ଓଡ଼ିଆ ଭାଷା ତେଲେଙ୍ଗା ଲିପିରେ ବା ଇଂରେଜୀ ଲିପିରେ ଲେଖିଲେ ବେଗରେ ଜବାବ ମିଳିବ" ଗଞ୍ଜାମର ବୁଦ୍ଧିଜୀବୀମାନଙ୍କର ପ୍ରତିବାଦ ଫଳରେ ୧୮୭୩ ଖ୍ରୀ: ରେ ଓଡ଼ିଆ ଭାଷା ଶିକ୍ଷାକୁ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ ଅନୁମୋଦନ କଲା ଓ ୧୮୯୦ ଖ୍ରୀ: ରେ ଓଡ଼ିଆ କଚେରୀ ଭାଷାରୂପେ ସ୍ୱୀକୃତି ଲଭିଲା ।

୧୮୫୪ଖ୍ରୀ:ରେ ସମ୍ବଲପୁର ଛୋଟନାଗପୁର କମିଶନରଙ୍କ ଶାସନାଧୀନ ଥିଲା । ସେହି ସମୟରେ କୋର୍ଟ କଚେରୀରେ ହିନ୍ଦୀଭାଷା ପ୍ରଚଳିତ ଥିଲା । କିନ୍ତୁ ୧୮୬୦ ଖ୍ରୀ:ରେ ସମ୍ବଲପୁର ଓଡ଼ିଶା ଅନ୍ତର୍ଗତ ହେବାରୁ କଚେରୀ ଏବଂ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେଲା । ମାତ୍ର ୧୮୬୨ ଖ୍ରୀ:ରେ ସମ୍ବଲପୁର ଜିଲ୍ଲା ପୁଣି ମଧ୍ୟପ୍ରଦେଶର ଶାସନାଧୀନ ହେଲେ ମଧ୍ୟ ୧୮୯୫ ମସିହା ପର୍ଯ୍ୟନ୍ତ ସରକାରୀ ଭାଷା ରୂପେ ଓଡ଼ିଆ ପ୍ରଚଳିତ ଥିଲା । ମଧ୍ୟପ୍ରଦେଶ ଅନ୍ତର୍ଗତ ହେବାଦ୍ୱାରା ସରକାରୀ କାର୍ଯ୍ୟରେ ହିନ୍ଦୀଭାଷୀଙ୍କ ସଂଖ୍ୟା ବହୁଳତା ଯୋଗୁଁ ବଦଳି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଲା । ହିନ୍ଦୀଭାଷୀମାନେ ଓଡ଼ିଆ ଅଞ୍ଚଳକୁ ଓଡ଼ିଆମାନେ ହିନ୍ଦୀ ଅଞ୍ଚଳକୁ ବଦଳି ହୋଇଯିବାକୁ କୁଣ୍ଠାବୋଧ କଲେ, ଏ ସମସ୍ୟାର ସମାଧାନ ପାଇଁ ତା୧୯.୦୧.୧୮୯୫ ମଧ୍ୟପ୍ରଦେଶ ଗେଜେଟ୍‌ରେ ଚିଫ୍‌କମିଶନର ଜାନୁଆରୀ ୧ତାରିଖ ୧୮୯୬ ଖ୍ରୀ:ରୁ ସମ୍ବଲପୁରରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ସରକାରୀ ଭାଷାରୂପେ ପ୍ରଚଳନ ହେବ ବୋଲି ବିଜ୍ଞାପନ ପ୍ରକାଶ କଲେ । ସମ୍ବଲପୁର ଅଞ୍ଚଳର ବୁଦ୍ଧିଜୀବୀ ଭାଷା ଆନ୍ଦୋଳନରେ ପ୍ରାଣପଣ ସଂଗ୍ରାମ କରିଥିଲେ । ସମ୍ବଲପୁର ଅଞ୍ଚଳର ବୁଦ୍ଧିଜୀବୀମାନେ ସ୍ୱାକ୍ଷର କରି ଅନେକ ସ୍ମାରକପତ୍ର ବ୍ରିଟିଶ୍ ସରକାରଙ୍କୁ ପ୍ରଦାନ କରିଥିଲେ । ଏହି ଅଞ୍ଚଳର ମୁଖପତ୍ର ସମ୍ବଲପୁର ହିତୈଷିଣୀ ଦୃଢ଼ ଦାବି ଜଣାଇଥିଲା, ଯେବେ ସମ୍ବଲପୁର ଅଞ୍ଚଳ ମଧ୍ୟପ୍ରଦେଶ ଅଧୀନରେ ରହିଲେ ପ୍ରଶାସନିକ କ୍ଷେତ୍ରରେ ଅସୁବିଧା ହେଉଛି ତେବେ ଏହାକୁ ଓଡ଼ିଶା ସହିତ ମିଶ୍ରଣ କରିଦିଆଯାଉ ।

ସମ୍ବଲପୁର ଅଞ୍ଚଳପରି ଗଞ୍ଜାମ ଅଞ୍ଚଳ ମଧ୍ୟ ଭାଷା ସଙ୍କଟର ସମ୍ମୁଖୀନ ହୋଇ ଓଡ଼ିଶା ସହିତ ମିଶିବା ପାଇଁ ବ୍ୟଗ୍ର ହୋଇଉଠିଥିଲେ । ଓଡ଼ିଶାର ଶାସନ ପରିବର୍ତ୍ତନ ଶୀର୍ଷକରେ ଉତ୍କଳ ଦୀପିକା ଘୋଷଣା କଲେ "ସମସ୍ତ ଓଡ଼ିଆ ଭାଷା ପ୍ରଚଳିତ ଖଣ୍ଡ ନ ହେଉ ପଛକେ ତହିଁର ଅଧିକାଂଶ ଏକଜଣ ଶାସନକର୍ତ୍ତା ଅଧୀନରେ ଆସିବା ଓଡ଼ିଶାର ଉନ୍ନତିର ବିଷୟ ଅଟଇ । ଓଡ଼ିଶା ଏକଜଣ ଶାସନକର୍ତ୍ତାର ଅଧୀନ ନ ହେବାରୁ ଏହାର ଉନ୍ନତି ହୋଇପାରୁନାହିଁ ଓ ଗଞ୍ଜାମଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଭୂମିଖଣ୍ଡ କି ଯହିଁରେ ଓଡ଼ିଆ ଭାଷା ପ୍ରଚଳିତ ଅଛି ତାହା ସମସ୍ତ ଏକାନିୟମ ଏକ ଶାସନକର୍ତ୍ତାର ଅଧୀନରେ ଆସିଲେ ଓଡ଼ିଆଙ୍କ ପ୍ରକୃତ ମଙ୍ଗଳ ହେବ ।"

ଏହି ସମସ୍ତ କ୍ଷିଣ ଦାବି ପରବର୍ତ୍ତୀ ପର୍ଯ୍ୟାୟରେ 'ଉତ୍କଳ ସମ୍ମିଳନୀ' (୧୯୦୩) ଗଠନ ସହିତ ସଫଳୀକୃତ ହୋଇଥିଲା । ନୀଳମଣି ବିଦ୍ୟାରତ୍ନ ହିତୈଷିଣୀ ମାଧ୍ୟମରେ ଯେଉଁ ଏକତ୍ରୀକରଣର ସ୍ୱପ୍ନ ଦେଖିଥିଲେ ତାକୁ 'ପ୍ରଜାବନ୍ଧୁ' ପତ୍ରିକା ମାଧ୍ୟମରେ ଜୀବନ୍ତ କରିଥିଲେ । ପ୍ରଜାବନ୍ଧୁର ପ୍ରଚାର ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ସହାୟତା ଏବଂ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ୧୧ ଓ ୧୨ ଏପ୍ରିଲ୍ ୧୯୦୩ ରେ ଗଞ୍ଜାମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଲା । ଏହାରି ଅନ୍ତରାଳରେ ବିଦ୍ୟାରତ୍ନଙ୍କ ଉଦ୍ୟମ ସର୍ବସ୍ୱୀକୃତ । ଏହି ସମ୍ମିଳନୀକୁ ଯୋଗଦେବାକୁ ଆସି ମଧୁବାବୁ ଏହା ସମଗ୍ର ଓଡ଼ିଶାର ସମସ୍ୟା, ତେଣୁ ଏହାକୁ 'ଉତ୍କଳ ସମ୍ମିଳନୀ' ରୂପେ ଗଢ଼ି ତୋଳିବାକୁ ପ୍ରସ୍ତାବ ଦେଲେ । ତାଙ୍କରି ପ୍ରସ୍ତାବକୁ ସମସ୍ତ ଓଡ଼ିଆ ସ୍ୱାଗତ କରିଥିଲେ । ଏଇଠି ସୃଷ୍ଟି ହେଲା 'ଉତ୍କଳ ସମ୍ମିଳନୀ' ଜାତୀୟ ଅନୁଷ୍ଠାନ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଡିସେମ୍ବର ୩୦ ଓ ୩୧, ୧୯୦୩ରେ କଟକର ଇଦ୍‌ଗା ମଇଦାନଠାରେ ଅନୁଷ୍ଠିତ ହୋଇ ସମସ୍ତ ଓଡ଼ିଆଭାଷୀଙ୍କୁ ଏକତାସୂତ୍ରରେ ବାନ୍ଧିପାରିଥିଲା ।

ଓଡ଼ିଆ ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା । ଚର୍ଯ୍ୟାଗୀତିକାଠାରୁ ସାରଳାଦାସଙ୍କ ମହାଭାରତ, ଉପେନ୍ଦ୍ର ଭଞ୍ଜଙ୍କଠାରୁ ଭୀମ ଭୋଇ ଏବଂ ରାଧାନାଥଙ୍କଠାରୁ ସମକାଳ ପର୍ଯ୍ୟନ୍ତ ଚିରସ୍ରୋତା ସ୍ରୋତସ୍ୱିନୀ ପରି ପ୍ରବହମାନ । ସେହି ମହିମାମଣ୍ଡିତ ଭାଷାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଏକ ଯୁଗାନ୍ତକାରୀ ପଦକ୍ଷେପ । ଶାସ୍ତ୍ରୀୟ ମାନ୍ୟତାର ଗୌରବୋଜ୍ଜ୍ୱଳ ଅଧ୍ୟାୟକୁ ଏହା ସମୃଦ୍ଧ କରିବ । ବିଜ୍ଞାନସିଦ୍ଧ ଲିପି, ଉଚ୍ଚାରଣ ଓ ଧ୍ୱନିତତ୍ତ୍ୱ ଓ ବାକ୍ୟବିନ୍ୟାସ ଓଡ଼ିଆକୁ ଏକ ମୌଳିକ ଭାଷାର ସମ୍ମାନ ଦିଏ । ସମକାଳରେ ଓଡ଼ିଆ ଭାଷାର ସଞ୍ଚରଣ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରକୁ ସମ୍ପ୍ରସାରିତ ହୋଇପାରିଛି । ଓଡ଼ିଆ ଭାଷା ଓଡ଼ିଶାର ସୀମାକୁ ଅତିକ୍ରମ କରି ଭାରତ ତଥା ଭାରତ ବାହାରେ ଅନେକ ଅଞ୍ଚଳରେ ଲୋକଙ୍କ ମୁଖରେ ଶୋଭା ପାଉଛି ।

ମା, ମାତୃଭାଷା ଓ ମାତୃଭୂମିର ସେବା ହିଁ ଆମର ଧ୍ୟେୟକୁ ହେଉ । ବନ୍ଦେ ଉତ୍କଳ ଜନନୀ । ■

**ଫଣୀନ୍ଦ୍ର ଭୂଷଣ ନନ୍ଦ**
**ପ୍ରକଳ୍ପ ପରାମର୍ଶଦାତା**
**ଓଡ଼ିଆ ଭାଷା ପ୍ରତିଷ୍ଠାନ**



## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# 'ପ୍ରତ୍ୟେକ ନାଗରିକ ଅହିଂସା ମନ୍ତ୍ରରେ ଉଦ୍‌ବୁଦ୍ଧ ହୁଅନ୍ତୁ'

**ଜଗତସିଂହପୁର, ୨୭।୧(ସମିସ)**

ରଜଗତସିଂହପୁର ଜିଲ୍ଲା ସଦର ମହକୁମାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ୭୫ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସରେ ସମସ୍ତ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏପରି ଏକ ଧର୍ମନିରପେକ୍ଷ, ସାର୍ବଭୌମ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ଗଠନ ନିମନ୍ତେ ସେ ଜାତିର ପିତା ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ, ମୌଲାନା ଅବୁଲ କଲାମ ଆଜାଦ, ବାଲ ଗଙ୍ଗାଧର ତିଲକ, ଡ. ଭୀମରାଓ ଆମ୍ବେଦକର, ରାଜେନ୍ଦ୍ର ପ୍ରସାଦ, ଗୋପବନ୍ଧୁ ଦାସ, ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ବିଜୁ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ଜଗତସିଂହପୁରର ବରପୁତ୍ର ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ସରଳାଦେବୀ, ମାଳତୀ ଚୌଧୁରୀ, ପ୍ରାଣକୃଷ୍ଣ ପଡ଼ିହାରୀ, ଅନ୍ନପୂର୍ଣ୍ଣା ମହାରଣା, ନବକୃଷ୍ଣ ଚୌଧୁରୀ, ଭାଗୀରଥି ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ରାଜକୃଷ୍ଣ ବୋଷ, ହରେକୃଷ୍ଣ ବିଶ୍ୱାଳ, ଗୌରାଙ୍ଗ ଚରଣ ଦାସ ଓ ଗୌରୀଶ୍ୟାମ ନାୟକ, ଜାତୀୟ କବି ବୀରକିଶୋର ଦାସ ପ୍ରମୁଖ ସଂଗ୍ରାମୀଗଣଙ୍କୁ ସ୍ମରଣ କରିବା ସହିତ ଜିଲ୍ଲାରେ ହୋଇଥିବା ଅଳକାଶ୍ରମ ପ୍ରତିଷ୍ଠା, ଲବଣ ସତ୍ୟାଗ୍ରହ ଓ ଭାରତଛାଡ ଆନ୍ଦୋଳନ ପରି ମହାନ୍ ପର୍ବର ସ୍ମୃତିଚାରଣ କରିଥିଲେ।



ମନ୍ତ୍ରୀ ଆହୁରି କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓଡ଼ିଶାକୁ ବିଶ୍ୱ ଦରବାରରେ ଅନନ୍ୟ ପରିଚିତି ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଇ- ପାଉତି' ପୋର୍ଟାଲ ଓ ମୋବାଇଲ ଆପ୍ 'ମୋ ସରକାର' ପୋର୍ଟାଲ ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରମାଣପତ୍ର ହାସଲ ସହଜସାଧ୍ୟ ହୋଇଛି। ରାଜ୍ୟ ସରକାରଙ୍କ ଦକ୍ଷ ନୀତି ଯୋଗୁଁ ଭିତ୍ତିଭୂମି ବିକାଶ ଦିଗରେ ଜଗତସିଂହପୁର ଜିଲ୍ଲାରେ ସେତୁ ନିର୍ମାଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ପ୍ରସାରଣ କାର୍ଯ୍ୟ, ଶିକ୍ଷାର ଉନ୍ନତିକରଣ ନିମନ୍ତେ ଜିଲ୍ଲାର ୨୫୩ ଟି ଉଚ୍ଚ ବିଦ୍ୟାଳୟକୁ '୫-ଟି' ଅନ୍ତର୍ଗତ ରୂପାନ୍ତରୀକରଣ ଓ ୬୭ ଟି ଡିଗ୍ରୀ ଓ +୨ କଲେଜ ରୂପାନ୍ତରୀକରଣ, ଜିଲ୍ଲାର ବାଲିକୁଦା, ଏରସମା ଓ ନାଉଗାଁ ବ୍ଲକର ବୃହତ ପାନୀୟଜଳ ପ୍ରକଳ୍ପ, ଜଗତସିଂହପୁର ପୌରପାଳିକା ଅନ୍ତର୍ଗତ ଯୋଗଧାରୀଠାରେ ଉନ୍ନତ ଆଦର୍ଶ ବସ୍ ଟର୍ମିନାଲ, ଧଳତଙ୍ଗଗଡ଼ ଜୈବ ବିବିଧତା ସୁରକ୍ଷା ଓ ଇକୋ ଟୁରିଜିମ୍ ପ୍ରକଳ୍ପ କାର୍ଯ୍ୟ, ପର୍ଯ୍ୟଟନର ବିକାଶ ନିମନ୍ତେ ଶିଆଳି ବେଳାଭୂମି ଓ ବାଲିକୁଦାଠାରେ ପର୍ଯ୍ୟଟନ ବିକାଶସ୍ଥଳୀ, ମା' ଶାରଳା ମନ୍ଦିର କନକପୁର ଏବଂ ଅନ୍ୟମନ୍ଦିରର ସମନ୍ୱିତ ବିକାଶ ପ୍ରକଳ୍ପ ସମ୍ପର୍କରେ କହିଥିଲେ।

ସାଧାରଣତନ୍ତ୍ର ଦିବସରେ ଦେଶର ପ୍ରତ୍ୟେକ ନାଗରିକ ବାପୁଜୀଙ୍କ ଅହିଂସା ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଷ୍ଟ୍ରର ସାର୍ବଭୌମତ୍ୱ, ସଂହତି ଓ ଜାତୀୟ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସହରରେ ଅବସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲାପାଳ ପାରୁଲ ପଟାୱରୀ ଓ ଆରକ୍ଷୀ ଅଧିକ୍ଷକ ରାହୁଲ ପି. ଆର ଉପସ୍ଥିତ ଥିଲେ। ସମ୍ମିଳିତ ପରେଡରେ ରିଜର୍ଭ ଇନ୍ସପେକ୍ଟର ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ୨୯ଟି ଦଳ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୟୁନିଫର୍ମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗତସିଂହପୁର ଗାଇଡ୍, ସିନିୟର ସିଭିଲିଆନ୍‌ରେ ଡ୍ରିମ୍ ଇଣ୍ଡିଆ ସ୍କୁଲ, ଜଗତସିଂହପୁର ଓ ଜୁନିଅର ସିଭିଲିଆନରେ ଶୁଦ୍ଧାନନ୍ଦ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଜିଲ୍ଲା ସ୍ତରୀୟ ବକ୍ତୃତା, ଦେଶାତୋବାଧକ ସଙ୍ଗୀତ ଓ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଓ ବୈଷୟିକ ଶିକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ୟୁନୋପସ ଶିଳ୍ପ ତାଲିମ କେନ୍ଦ୍ର, ତିର୍ତ୍ତୋଲର ଛାତ୍ର ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରେପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେଡ୍ ପରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଓ ଆଳିପିଙ୍ଗଳ ଜେଲ୍‌ର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯାଇଥିଲା।

# ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ନାଉଗାଁ, ୨୭।୧(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ମଉଳାଭଣଜା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବିଶ୍ୱ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡିଆ ବିଭାଗର ମୁଖ୍ୟ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ଡ.ସନ୍ତୋଷ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ର କୁମାର ଓଝା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହୁରା, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ମନୁନାଥ ସେଠୀ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁବଳ ବେହେରା, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଅଧ୍ୟାପକ ପ୍ରତାପ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବାସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଧିରେନ୍ କୁମାର ପତି, ଏସ.କେ ବରକିତ୍ ଉଲ୍ଲା, ହରିପ୍ରସାଦ ପତି, ଦୁର୍ଯ୍ୟୋଧନ ଜେନା, ଆଲୋକ କୁମାର ସାହୁ, ଅଧ୍ୟାପିକା ଲିପ୍ସାରାଣୀ ଦାଶ, ଅନୁସୟା ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।








# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

**ପାରାଦୀପ, ୨୭।୧(ସମିସ)**

ପାରାଦୀପଗଡ଼ ଗ୍ରାମ ପଞ୍ଚାୟତ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଯାଇଛି। ପୂର୍ବାହ୍ନ ୮.୪୦ରେ ସରପଞ୍ଚ ସସ୍ମିତା ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଏକ ସଭାରରେ ଖେଲୋ ଇଣ୍ଡିଆରେ ରୌପ୍ୟ ପଦକ ହାସଲ କରିଥିବା ଚୂନ ବେଲାରି ଗ୍ରାମର ଶୁଭଶ୍ରୀ ପ୍ରଧାନ, କୋଚ୍ ଅମରଜିତ୍ ରାଉତ, ସଫଳ ଉଦ୍ୟୋଗି ଭାବେ ଚକ୍ରଧରପୁର ଗ୍ରାମର ମା' ମଙ୍ଗଳା ଓ ଶ୍ରୀ ଲୋକନାଥ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାନପତ୍ର, ଉପଢୌକନ, ଟ୍ରଫି ସହିତ ସମ୍ବର୍ଦ୍ଧିତ କରାଯାଉଥିଲା।

ସେହିପରି ପାରାଦୀପ ପୋର୍ଟ ବଣିକ ସଙ୍ଘ ପକ୍ଷରୁ ବଡପଡ଼ିଆ ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ସଂଘର ସମ୍ପାଦକ ଆଇନଜୀବୀ ଦେବବ୍ରତ ସାହୁ, କ୍ଷୀରୋଦ ସ୍ୱାଇଁ, ପ୍ରମୋଦ ମହାପାତ୍ର, ଅନାଦି ପରିଡ଼ା, ଶ୍ରୀଚରଣ ବିଶ୍ୱାଳ, ଅୟସକାନ୍ତ ସାମଲ, କେଦାର ବିଶ୍ୱାଳ, ଚୈତନ୍ୟ ସାହୁ, ବିଭୁତି ଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ମୁଖ୍ୟ ଅତିଥି ଭାବେ ଇଫ୍‌କୋର ମୁଖ୍ୟ ଶ୍ରୀ କେ. ଜେ. ପାଟେଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଇଫକୋ ସୁରକ୍ଷା କର୍ମୀ, ଇଫକୋ ଡିଏଭି ବିଦ୍ୟାଳୟର ଛାତ୍ରମାନେ ଏବଂ ଜ୍ୟୋତି ଲେଡିଜ୍ କ୍ଲବ୍ ସଦସ୍ୟମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଶେଷରେ କେ ମୋହନ ରାଓ, ଜେ.ଟି. ଜେନେରାଲ୍ ମ୍ୟାନେଜର (ପି ଆଣ୍ଡ ଏ) ଧନ୍ୟବାଦ ଅର୍ପଣ କରିଥିଲେ।

ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ଶ୍ରୀ କଉସିକ୍ ବସୁ, (ଇଡି ଆଣ୍ଡ ଆରଏଚ) ରିଫାଇନାରୀ ଟାଉନଶିପ ମଧ୍ୟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ପତାକା ଉତ୍ତୋଳନ କରିଥିଲେ। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ପଣ୍ୟକାରବାର କ୍ଷେତ୍ରରେ ପାରାଦୀପ ଦେଶର ଅନ୍ୟ ବନ୍ଦରମାନଙ୍କ ତୁଳନାରେ ବହୁ ଆଗରେ ରହିଥିବା ସେ କହିଥିଲେ। ସେହିପରି ପାରାଦୀପ ଖବରକାଗଜ ବିତରକ ସଂଘ ପକ୍ଷରୁ ବଡପଡ଼ିଆ ଥାନା ଛକଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସଂଘର ସଭାପତି ପ୍ରଦୀପ କୁମାର ଜେନାଙ୍କ ସମେତ ପୂର୍ବତନ ସଭାପତି ନିମାଇଁ ଚରଣ ମହାପାତ୍ର ଓ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ପାରାଦୀପ ଫସଫେଟ୍ସ ଲିମିଟେଡ୍ ପକ୍ଷରୁ ପ୍ଲାଣ୍ଟ ଟାଉନସିପ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ୍ ହେଡ୍ ପଲାନିସାମି ଭେଲୁସାମି ଯୋଗଦେଇ ପତାକା ଉତ୍ତୋଳନ କରି କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ବାଲିକୁଦା:** ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ବିକାଶ କୁମାର ମହାନ୍ତି, ଏବିଡ଼ିଓ ସଞ୍ଜୟ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ଜିଲାପରିଷଦ ତଟିନା ସ୍ୱାଇଁ, ରୁନିଲତା ବେହେରା, ଜଟାଧାରୀ ଦାସ, ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ, ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗର ସ୍ମିତା ଦାସ, ସହକାରୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ବ୍ଲକ କୋଷାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ମୁଖ୍ୟ କିରାଣୀ ଜଗନ୍ନାଥ ଜେନା, ସୁବାସ ଚନ୍ଦ୍ର ଦାଶ, କାର୍ତ୍ତିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବାଲିକୁଦା ଥାନାରେ ଅଧିକାରୀ ସଲୀଳ କୁମାର ପ୍ରଧାନ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଂଶୁମାନ ଶତପଥୀ, ଜଳସମ୍ପଦ କାର୍ଯ୍ୟାଳୟରେ ଯନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଭାରତ ଫାଇନାନ୍ସ କାର୍ଯ୍ୟାଳୟରେ ଶାଖା ପରିଚାଳକ ଅନନ୍ତ ଚନ୍ଦ୍ର ମହାପାତ୍ର, ବାଲିକୁଦା ସରସ୍ୱତୀ ଶିଶୁ ମନ୍ଦିରରେ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି, ବାଲିକୁଦା କଲେଜରେ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାନ୍ତି, ଡାଲିକୁଦା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଜ୍ୟୋତିମୟୀ ଆଚାର୍ଯ୍ୟ, ବାଲିକୁଦା ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସୁବୁଦ୍ଧି, ବାଲିକୁଦା ପଞ୍ଚାୟତରେ ସରପଞ୍ଚ ରାଜକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ।



## ନାଉଗାଁ

ନାଉଗାଁ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଗୁଡିକରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଥାନାରେ ଥାନାଧିକାରୀ ସଂଘମିତ୍ରା ନାୟକ, ନାଉଗାଁହାଟ ହାଇସ୍କୁଲରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନାଉଗାଁ ବଜାର ଇନ୍ଦିରାଗାନ୍ଧି ପ୍ରତିମୂର୍ତ୍ତୀ ନିକଟରେ ଜିଲ୍ଲା କଂଗ୍ରେସ ଉପସଭାପତି ବିଚିତ୍ରାନନ୍ଦ ଲେଙ୍କା, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଜଗନ୍ନାଥ ଦାସ, ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ ସଭାପତି ନିରଞ୍ଜନ ବେହୁରା ପ୍ରମୁଖ ପତାକା ଉତ୍ତଳନ କରିଥିଲେ।



## ମଣିଜଙ୍ଗା

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାରେ ଥିବା ସବ୍‌ରେଜିଷ୍ଟ୍ରାର ଅଫିସ୍ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରାର୍ ଶ୍ରୀ ଅମରେନ୍ଦ୍ର କୁମାର ପୃଷ୍ଟି ବଡ଼ବାବୁ, ଶ୍ରୀ ପସନ୍ନ କୁମାର ଦାସ, କର୍ମଚାରୀ- ଶୁଭଜିତ୍ ଦାସ, କକେଇ ଜେନା, ସସ୍ମିତା ବିଶ୍ୱାଳ ପ୍ରମୁଖଙ୍କ ସମେତ ମୋହରିରର ଓ ଷ୍ଟାମ୍ପଭେଣ୍ଡର ଉପସ୍ଥିତ ରହି ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆଲୋକପାତ କରିଥିଲେ। ସେହିପରି ମଣିଜଙ୍ଗା ଜଳସେଚନ ବିଭାଗ ଅଧିନରେ ଥିବା କାର୍ଯ୍ୟାଳୟରେ ଜେଇ. ପତାକା ଉତ୍ତୋଳନ କରିଥିଲେ। ଆର୍‌ଆଣ୍ଡବି କାର୍ଯ୍ୟାଳୟରେ ହିସାବ ରକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ।



**ରଘୁନାଥପୁର :** ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ବିଡିଓ ନମିତା ବାରିକ, ରଘୁନାଥପୁର ମେଡିକାଲରେ ଅଧ୍ୟକ୍ଷ ଡା ଶୁକାନ୍ତ କୁମାର ଦଳାଇ, ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଭିପ୍ସା ପଟ୍ଟନାୟକ, ରଘୁନାଥପୁର ଥାନା କାର୍ଯ୍ୟାଳୟରେ ଆଇ.ଆଇ.ସି. ସୁଶାନ୍ତ କୁମାର ସେଠୀ, କୃଷି କାର୍ଯ୍ୟାଳୟରେ ପୂର୍ବତନ ଆତ୍ମା ଅଧ୍ୟକ୍ଷ ପରମାନନ୍ଦ ସ୍ୱାଇଁ, ଶିଶୁ ବିକାଶ କାର୍ଯ୍ୟାଳୟରେ ସିଡିପିଓ ତୃପ୍ତିଲତା ମହାନ୍ତି, ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ବିଜୟ କୁମାର ସ୍ୱାଇଁ, ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟରେ +୨ଡିଗ୍ରୀ କଲେଜରେ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, +୩ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଦୟାନିଧି ରାଉତରାୟ, ରେନ୍ତୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା, ରେନ୍ତୁଆ ମେଡିକାଲରେ ଡ.ସୁମିତ୍ ସେନାପତି, ଆଦର୍ଶ ବିଦ୍ୟାଳୟ କାର୍ଯ୍ୟାଳୟରେ ହୃଷିକେଶ ସାହୁ, ପଞ୍ଜାବ ବ୍ୟାଙ୍କ କାର୍ଯ୍ୟାଳୟରେ ପ୍ରବନ୍ଧକ ସ୍ୱରାଜ ମିଶ୍ର, ଷ୍ଟେଟ୍ ବ୍ୟାଙ୍କ କାର୍ଯ୍ୟାଳୟରେ ପ୍ରବନ୍ଧକ ହରିଦ୍ରାକ୍ଷୀ ଦାରୁରୂପା ତ୍ରିପାଠୀ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

## ମଦ୍ରାସାରେ ପାଳିତ ହେଲା ସାଧାରଣତନ୍ତ୍ର ଦିବସ

**ଜଗତସିଂହପୁର :** ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ମଦ୍ରାସା ଜାମିଆ ଅବଦୁଲା ବିନ୍ ମସୁଦ୍ ଆଖୁନ ମୋହଲା ଦେଉଳିଗ୍ରାମେଶ୍ୱରଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହାପରେ ମୌଲାନା ସରଫରାଜ ଅହମ୍ମଦଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ମାନିତ ଅତିଥି ଭାବେ କାଉନସିଲର ଗୋଲାମ ଅଲ୍ଲୀ ଖାଁ, ମୌଲବି ସୟଦ ଗୋଲାମ ସମଦାନୀ, କାଉନସିଲର ଦେବାଶିଷ ସ୍ୱାଇଁ, ସେକ ରକିବ ଉଦ୍ଦିନ, ପୂର୍ବତନ କାଉନସିଲର ସୁଶାନ୍ତ ରଞ୍ଜନ ସ୍ୱାଇଁ, ମ୍ୟାଜିସିଆନ ଆର୍. କେ. ହୀରାଲାଲ ମୌଲାନା ଅବଦୁଲ ରସିଦ, ହାଫିଜ ସଲମନ, ଅବଦୁଲ ହମିଦ, ସେକ ନଇମ ଉଦ୍ଦିନ, ସୟଦ ଜୁଲୁ ଫୁକାର ଅଲ୍ଲୀ ପ୍ରମୁଖ ଯୋଗଦେଇ ଥିଲେ। ଏହାପରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା।



# ଅବଶିଷ୍ଟାଂଶ...

## ଦିବ୍ୟ, ଭବ୍ୟ...

ଶେଷ ପରେ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଥିଲେ। ୨୦୨୧ ଫେବ୍ରୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୨୨ ମେ ୧୪ ତାରିଖ ଠାରୁ କାମ ଆରମ୍ଭ ହୋଇଥିଲା। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାତ୍ର ଦେଢ଼ ବର୍ଷର ରେକର୍ଡ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇଛି। ପ୍ରତି ମାସେ ଦୁଇ ମାସ ବ୍ୟବଧାନରେ ଶ୍ରୀ ପାଣ୍ଡିଆନ ସମ୍ବଲପୁର ଯାଇ ପ୍ରକଳ୍ପର ସମୀକ୍ଷା କରିଥିଲେ। '୫-ଟି' ଅଧ୍ୟକ୍ଷଙ୍କ ନିଷ୍ଠାପର ଉଦ୍ୟମ କାରଣରୁ ଧାର୍ଯ୍ୟ ସମୟ ମଧ୍ୟମରେ ମାଙ୍କ ପୀଠର ଦିବ୍ୟ ରୂପାନ୍ତରଣକୁ ସ୍ୱଚକ୍ଷୁରେ ଦର୍ଶନ କରିପାରିଛନ୍ତି ରାଜ୍ୟବାସୀ।

ଲୋକାର୍ପଣ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପରେ ଶ୍ରେଷ୍ଠ ଅବଦାନ ରଖିଥିବା ଶିଳ୍ପୀ ଓ କାରିଗର ଲିଙ୍ଗରାଜ ମହାରଣା, ଶିଶିର ସାହୁ, ସାରଙ୍ଗ ମେହେର, ସୋମନାଥ ସାହୁ, ନିର୍ମଳ ମହାରଣା, ହରିହର ପ୍ରଧାନ, ଶୁଭଚାରଣ ବେହେରା ଓ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ଗୋପାଳ ଜୀଉ ମଠର ମହନ୍ତଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି। ଏହି ଅବସରରେ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପ୍ରାପ୍ତ ସାତ ଜଣ ମହାନ୍ ବିଭୂତିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି। ସେମାନେ ହେଲେ ହଳଧର ନାଗ, ଚତୁର୍ଭୁଜ ମେହେର, କ୍ରିଷ୍ଣା ପଟେଲ, ଜିତେନ୍ଦ୍ର ହରିପାଲ, ବିନୋଦ ପଶାୟତ, ମିତ୍ରଭାନୁ ଗୌନ୍ତିଆ ଓ କୈଳାସ ଚନ୍ଦ୍ର ମେହେର। ଏହି ଅବସରରେ ମିଶନ ଶକ୍ତି କାଫେ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ମାମାନଙ୍କ କାମର ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି।

୨୦୦ କୋଟି ଟଙ୍କା ବିନିମୟରେ ପ୍ରାୟ ୪୦ ଏକର ପରିମିତ ଅଞ୍ଚଳରେ ପୂରା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମନ୍ଦିର ଭିତରେ ପ୍ରାୟ ୬ ଏକର ପରିମିତ ଅଞ୍ଚଳରେ ବହୁ ଉନ୍ନୟନ କାର୍ଯ୍ୟ କରାଯାଇଛି। ୪ଟି ଆକର୍ଷଣୀୟ ପ୍ରବେଶ ଦ୍ୱାର ସହ ଭୋଗ ମଣ୍ଡପ, ପୂଜକମାନଙ୍କ ବିଶ୍ରାମ ଗୃହ, ଭକ୍ତମାନଙ୍କ ସାମଗ୍ରୀ ରଖିବା ପାଇଁ କ୍ଲୋକ ରୁମ୍, ପ୍ରସାଦ ସେବନ ଦୃହ, ଭୋଗ ବିକ୍ରୟ ଗୃହ, ପର୍ଯ୍ୟଟକ ସୂଚନା କେନ୍ଦ୍ର, କ୍ୟାଫେଟେରିଆ, ଆଦି ନିର୍ମିତ ହୋଇଛି। ମନ୍ଦିର ବାହାରେ ଏକ କିଲୋମିଟର ଅଞ୍ଚଳରେ ପରିକ୍ରମାର କରିଡର ନିର୍ମାଣ କରାଯାଇଛି। ସମସ୍ତ ନିର୍ମାଣ ଖଣ୍ଡେଲାଇଟ୍ ପଥରରେ ନିର୍ମିତ ହୋଇଛି। ସେହିପରି ନବ ନିର୍ମିତ ପାର୍କିଂରେ ପ୍ରାୟ ୨୦୦ଟି ୪ ଚକିଆ ଗାଡ଼ି ଓ ୨୦ ବସ ରହିବାର ବ୍ୟବସ୍ଥା ମଧ୍ୟ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ନବ ନିର୍ମିତ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଛନ୍ତି। ପୁଷ୍କରିଣୀର ନୂଆ ରୂପ, ୱାଚ୍ ଟାୱାର, ପରିକ୍ରମା କରିଡ଼ର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ପ୍ରମୁଖ ରୂପାନ୍ତରଣ ମଧ୍ୟରେ ମହାନଦୀ ରିଭର୍ ଫ୍ରଣ୍ଟ ଦୃଶ୍ୟ ଅତୀବ ରମଣୀୟ ହୋଇଛି। ଏହା ୩୫୦ ମିଟର ଦୀର୍ଘ ଓ ୨୫ ମିଟର ପ୍ରସ୍ଥ ବିଶିଷ୍ଟ କରାଯାଇଛି। ଆଳତି ପାଇଁ ୩୧ ମିଟର ପ୍ଲାଟଫର୍ମ କରାଯାଇଛି। ବିଶେଷକରି ମହାନଦୀ ଘାଟ ଅତ୍ୟନ୍ତ ଚିତ୍ତାକର୍ଷକ ରୂପ ନେଇଛି। ଏଠାରେ ସ୍ଥାୟୀ ଭାବେ ମହାନଦୀ ଆଳତିର ବ୍ୟବସ୍ଥା କରାଯାଇଛି। ୩୭ ମିଟର ଦୀର୍ଘ, ଓ ୬ ମିଟର ଉଚ୍ଚ ଏକ ଫୁଟ ଓଭର ବ୍ରିଜ ମଧ୍ୟ ନିର୍ମାଣ କରାଯାଇଛି। ମାଙ୍କ ପୀଠକୁ ଦୈନିକ ୫ରୁ ଦଶ ହଜାର ଭକ୍ତ ଆସୁଛନ୍ତି। ରୂପାନ୍ତର ପରେ ଦୈନିକ ୨୦ ହଜାର ଓ ପୂଜା ପାର୍ବଣ ଦିନରେ ୫୦ ହଜାରରୁ ୧ ଲକ୍ଷ ଭକ୍ତ ଆସିବାର ସମ୍ଭାବନା ରହିଛି। ଏହାଦ୍ୱାରା ସ୍ଥାନୀୟ ଅର୍ଥନୀତିର ଉନ୍ନତି ହେବ। ଏହାସହିତ, ବିଶେଷକରି ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାର ମାନେ ମଧ୍ୟ ଅଧିକ ରୋଜଗାର ପାଇବାର ସମ୍ଭାବନା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ମଞ୍ଚରେ କାର୍ତ୍ତିକ...

ନିମନ୍ତେ ତାଙ୍କର ପ୍ରଗାଢ଼ ନିଷ୍ଠାକୁ ସ୍ଥାନୀୟ ଜନସାଧାରଣ ଭୂରିଭୂରି ପ୍ରଶଂସା କରିଛନ୍ତି ।

'ସମଲେଇ' ପ୍ରକଳ୍ପ ଥିଲା ପ୍ରଶାସନ ପାଇଁ ଥିଲା ଏକ ଚାଲେଞ୍ଜ । ଆଗାମୀ ୧୦୦ ବର୍ଷକୁ ଦୃଷ୍ଟିରେ ରଖି କରାଯାଉଥିବା ଏହି କାର୍ଯ୍ୟ ଧାର୍ଯ୍ୟ ଅବଧି ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାସ୍ତା ଥିଲା କଣ୍ଟକିତ ଓ ଅନେକ ଘାତ ପ୍ରତିଘାତ ପ୍ରକଳ୍ପର ପଥରୋଧ କରିଥିଲା। ମାତ୍ର ତାଙ୍କର ନିରନ୍ତର ପରିଶ୍ରମ, ନିୟମିତ ବ୍ୟବଧାନରେ ପ୍ରକଳ୍ପର ଅନୁଧ୍ୟାନ ଓ କାର୍ଯ୍ୟକୁ ଶେଷ କରିବାକୁ ପଣ ଯୋଗୁଁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା। ଶେଷରେ ପବିତ୍ର ତିଥିରେ ଏହାର ଲୋକାର୍ପଣ ସମ୍ପନ୍ନ ମଧ୍ୟ ହେଲା । ଏହାକୁ ନେଇ 'ସମଲେଇ' ରୂପାନ୍ତରଣର ସାରଥୀ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବେଶ୍ ଭାବପ୍ରବଣ ହୋଇପଡିଥିଲେ। ଲୋକାର୍ପଣ ଉତ୍ସବରେ ଶ୍ରୀ ପାଣ୍ଡିଆନଙ୍କ ଆଖିରୁ ଦୁଇ ଧାର ଲୁହ ଖସି ଆସିଥିଲା। ସମସ୍ତଙ୍କ ଅଲକ୍ଷ୍ୟରେ ଶ୍ରୀ ପାଣ୍ଡିଆନ ନିଜ ଆଖିରୁ ଲୁହ ପୋଛି ପକାଇଥିଲେ ମଧ୍ୟ କ୍ୟାମେରା ଲେନ୍ସରୁ ତାହା ବାଦ ପଡ଼ି ନ ଥିଲା।

ମା' ସମଲେଇଙ୍କ ରୂପାନ୍ତରଣ ଯାତ୍ରା ଏତେ ସହଜ ନଥିଲା। ଆରମ୍ଭରୁ ବହୁ ବାଧାବିଘ୍ନ ଦେଇ ପ୍ରକଳ୍ପ ଗତି କରିଥିଲା। କୋଭିଡ୍ ମହାମାରୀ, ଅଦାଲତୀ ମାମଲା ଭଳି ଅନେକ ଆହ୍ୱାନ ପାହାଡ଼ ପରି ଛିଡ଼ା ହୋଇଥିଲା। ହେଲେ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ଏହି କାର୍ଯ୍ୟକୁ ଶେଷ କରିବାକୁ ଲାଗି ପଡ଼ିଥିଲେ ପାଣ୍ଡିଆନ। ଶେଷରେ ତାହା ସମ୍ପୂର୍ଣ୍ଣ ହେଲା। ପୁରୀ ଶ୍ରୀ ମନ୍ଦିର ପ୍ରକଳ୍ପ ପରେ ମା' ସମଲେଇଙ୍କ ପ୍ରକଳ୍ପ ଦ୍ୱିତୀୟ ବୃହତ ରୂପାନ୍ତରଣ ଅଧ୍ୟାୟ ଥିଲା। ମାତ୍ର ୪ ଏକର ଜମିରେ ଥିବା ମା'ଙ୍କ ମନ୍ଦିର ପରିସର ଏବେ ୪୦ ଏକରକୁ ବୃଦ୍ଧି ପାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ମା' ସମଲେଇଙ୍କ ପୀଠରେ ରିଭର୍ ଫ୍ରଣ୍ଟ ପ୍ରକଳ୍ପ ଶ୍ରଦ୍ଧାଳୁଙ୍କ ଭେଟି ଦିଆଯାଇଛି। ଏଠାରେ ମହାନଦୀଙ୍କ ଆଳତି ଦେଖିବାର ସୁଯୋଗ ମିଳିବ। ପୂର୍ବ ଭାରତରେ ଏହା ହେଉଛି ସର୍ବ ବୃହତ ରିଭର୍ ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ। ସେହିପରି ସଂଧ୍ୟା ସମୟରେ ମା'ଙ୍କ ଅଲୌକିକତା ତଥା ମନ୍ଦିର ସହିତ ଜଡ଼ିତ କାହାଣୀକୁ ଉଜାଗର କରିବା ପାଇଁ ପ୍ରୋଜେକ୍ସନ୍ ମ୍ୟାପିଂ କୌଶଳ ବ୍ୟବହାର ହୋଇଛି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶ୍ରୀ ପାଣ୍ଡିଆନ୍ ବ୍ୟକ୍ତିଗତ ଭାବେ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହିତ ନିଜେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଥିଲେ। ପ୍ରକଳ୍ପ ଯେପରି ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବ ତାହାର ଦାୟିତ୍ୱ ସେ ନିଜ ଉପରକୁ ନେଇଥିଲେ।

## ସମ୍ବର୍ଦ୍ଧିତ ହେବେ...

ସରକାର ସମ୍ବର୍ଦ୍ଧିତ କରିବେ। ଏହି ସମ୍ମିଳନୀକୁ ଆହୁରି ବ୍ୟାପକ କରିବା ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସ୍ୱରୂପ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର, ପ୍ରଥମ ପ୍ରିଣ୍ଟିଂ ପ୍ରେସ ଓ ବିଭିନ୍ନ କଳାକୃତି ଆଦି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ କଳାକୃତିକୁ ପ୍ରୋତ୍ସାହିତ କରିବାକୁ ସମ୍ମିଳନୀରେ ବ୍ୟାପକ ଆୟୋଜନ କରାଯାଉଛି। ଏଥିରେ ସବୁ ବର୍ଗର ବ୍ୟକ୍ତିବିଶେଷ ସାମିଲ ହୋଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ଏଠାକୁ ଆସି ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରିବା ସହ ଅଭୁଲା ସ୍ମୃତି ନେଇ ଯିବେ। ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଜନଜାତିମାନେ ଆମର...

ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଦିବାସୀ ସମ୍ପ୍ରଦାୟକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଓ ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଛନ୍ତି। ଜନଜାତିଙ୍କ ସାମାଜିକ, ଅର୍ଥନୈତିକ ଭାବଧାରାରେ ସାମିଲ କରିବା ଲକ୍ଷ୍ୟ ନେଇ ଆଦିବାସୀ ମେଳାର ଆୟୋଜନ କରାଯାଉଛି। ଏହାଦ୍ୱାରା ଜନଜାତିଙ୍କ ହସ୍ତକଳା ସାମଗ୍ରୀ ଏବଂ ଆଦିବାସୀ ଅଞ୍ଚଳର ଉତ୍ପାଦନର ବିକ୍ରୟ କରିବାର ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ବିକଶିତ ହୋଇଥିବା ଜନଜାତିଙ୍କ ଜୀବନଶୈଳୀ ଏହି ମେଳରେ ପ୍ରଦର୍ଶିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ମେଳା ପରିସରରେ ୧୦୯ଟି ଷ୍ଟଲରେ ଜନଜାତିଙ୍କ ବିଭିନ୍ନ କାରିଗରୀ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରିବଟା ପାଇଁ ବ୍ୟବସ୍ଥା ହୋଇଥିବା ସହ ୧୦ଟି ଘର ବା ଆଦିବାସୀ ଗ୍ରାମରେ ଜନଜାତିଙ୍କ ଜୀବନଶୈଳୀକୁ ପ୍ରଦର୍ଶିତ କରାଯାଇଛି।

ଉଦଘାଟନୀ ସଂଧ୍ୟାରେ ସ୍ୱତନ୍ତ୍ର ଜର୍ଣ୍ଣାଲ୍ 'ଆଦିବାସୀ'ର ୬୩ତମ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ଏହାସହ ୧୦ ଜଣ ବିଭିନ୍ନ ସମ୍ପ୍ରଦାୟର ଜନଜାତିଙ୍କୁ ଆଦିବାସୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏସ୍ଏସ୍ଟିଆର୍ଟିଆଇର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ଅଧିକାରୀ ସମରେନ୍ଦ୍ର ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଫେବୃଆରୀ ୫ତାରିଖ ପର୍ଯ୍ୟନ୍ତ ଏହି ମେଳା ଅପରାହ୍ଣ ୨ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ।

## ଆସିବ ଆଉ...

୫୧୭ କୋଟି, ୨୦୨୫-୨୬ରେ ୪୬୫ କୋଟି, ୨୦୨୬-୨୭ରେ ୪୦୦ କୋଟି ଏବଂ ୨୦୨୭-୨୮ରେ ୫୨୪ କୋଟି ଟଙ୍କା ବ୍ୟୟ କରାଯିବ। ନୂଆ ଆମ୍ବୁଲାନ୍ସରେ ଉଭୟ ସାଧାରଣ ଜୀବନ ରକ୍ଷାକାରୀ ଏବଂ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ଉପଲବ୍ଧ ହେବ। ଆମ୍ବୁଲାନ୍ସ ଗୁଡିକର ସୁପରିଚାଳନା ପାଇଁ ସେଥିରେ ଜିପିଏସ୍ ଲାଗିବ। ଫଳରେ ଆମ୍ବୁଲାନ୍ସର ଗତିବିଧି ଉପରେ ନିୟନ୍ତ୍ରଣ କକ୍ଷରୁ ନଜର ରଖାଯିବ ଏବଂ ଆବଶ୍ୟକସ୍ଥଳେ ଡ୍ରାଇଭର୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ।

ସୂଚନାଯୋଗ୍ୟ, ରାଜ୍ୟରେ ଏବେ ୧୩୬୬ଟି ୧୦୮ ଆମ୍ବୁଲାନ୍ସ ଚାଲୁଥିବା ବେଳେ ୬ଟି ନୌକା ଆମ୍ବୁଲାନ୍ସ ଏବଂ ୬ ହଜାରରୁ ଅଧିକ ଘରୋଇ ଆମ୍ବୁଲାନ୍ସ ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁସାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ଅନ୍ତତଃ ଗୋଟିଏ ଆମ୍ବୁଲାନ୍ସ ଆବଶ୍ୟକ ଥିବା ବେଳେ ପାହାଡିଆ ଅଞ୍ଚଳ ତଥା କମ୍ ଜନସଂଖ୍ୟା ଅଞ୍ଚଳରେ ପ୍ରତି ୭୦ ହଜାର ଜନସଂଖ୍ୟାରେ ଗୋଟିଏ ଆମ୍ବୁଲାନ୍ସ ଜରୁରୀ।

ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ ସମୟ ଅନୁସାରେ ରାଜ୍ୟରେ ସରକାରୀ ଆମ୍ବୁଲାନ୍ସର ଆବଶ୍ୟକତା ବୃଦ୍ଧି ପାଇଛି। ସରକାରୀ ଡାକ୍ତରଖାନାର ଭିତ୍ତିଭୂମିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିବା ବେଳେ ରୋଗୀଙ୍କ ନିର୍ଭରଶୀଳତା ବଢୁଛି। ଜିଲ୍ଲା ମଧ୍ୟରେ ହେଉ ଅବା ଜିଲ୍ଲା ବାହାରକୁ, ପ୍ରତିଦିନ ବହୁ ସଂଖ୍ୟାରେ ରୋଗୀଙ୍କ ପରିବହନ କରାଯାଉଛି। ସେହିପରି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁକୁ ରୋକିବା ଦିଗରେ ଆମ୍ବୁଲାନ୍ସର ଉପଲବ୍ଧତା ଏକାନ୍ତ ଆବଶ୍ୟକ। ଆହତଙ୍କ ପାଇଁ ସରକାରୀ ଖର୍ଚ୍ଚରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରାଯାଇ ମାଗଣାରେ ଆହତଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ଦୁର୍ଘଟଣା ଜନିଜ ମୃତ୍ୟୁକୁ ହ୍ରାସ କରିବାରେ ମଧ୍ୟ ଅଧିକ ଆମ୍ବୁଲାନ୍ସ ଜରୁରୀ। ନୂଆ ଆମ୍ବୁଲାନ୍ସ ଆସିଲେ ପୁରୁଣା ଓ ବ୍ୟବହାର ଅଯୋଗ୍ୟ ଆମ୍ବୁଲାନ୍ସ ହଟାଯିବ ବୋଲି ସେ କହିଛନ୍ତି।

## ଶେଷ ଶୀତରେ...

ବୋଲି ଆଶା କରାଯାଉଛି ।

ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩ ତାରିଖରେ ସମ୍ବଲପୁର ଆସିବେ। ସେଠାରେ ସେ ଆଇଆଇଏମ ସମାବର୍ତ୍ତନ ଉତ୍ସବ ସହ ଦଳୀୟ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ପରେ ଦଳର ଅନ୍ୟ କେନ୍ଦ୍ରୀୟ ନେତା ତଥା କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ତେବେ ବିଜେପିର ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜନୈତିକ ବିଶେଷଜ୍ଞ କିନ୍ତୁ ଭିନ୍ନ ମତ ପୋଷଣ କରିଛନ୍ତି। ଦଳର ରାଜ୍ୟ ଚେହେରାମାନେ କେବଳ ନିଜ ନିଜ ଆସନକୁ ନେଇ ଫୋକସ୍ କରୁଛନ୍ତି। ପ୍ରମୁଖ ବିରୋଧୀ ଦଳ ଭାବେ ବିଜେପି କେବଳ ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ନିଜକୁ ସୀମିତ ରଖିଛି। କେବଳ ଲୋକସଭା ପ୍ରବାସ କାର୍ଯ୍ୟକ୍ରମ ଅଧିନରେ ବିଭିନ୍ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଲୋକଙ୍କ ପାଖରେ ଦଳକୁ କିଛିମାତ୍ରାରେ ପହଞ୍ଚାଇପାରିଛି। ଦଳୀୟ ନେତାମାନେ ନିର୍ବାଚନୀ ବୈତରଣୀ ପାର୍ ହେବାକୁ କେବଳ ମୋଦୀଙ୍କୁ ଭରସା କରିଛନ୍ତି। ଅପରପକ୍ଷେ ରାଜ୍ୟରେ ଏକପ୍ରକାର ନିଷ୍କ୍ରିୟ କୋମା ସ୍ଥିତିକୁ ଚାଲିଯାଇଥିବା କଂଗ୍ରେସ ସାଂଗଠନିକ ସ୍ଥିତି ମଜବୁତ୍ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ହେଁ ଏନେଇ ବହୁ ବିଳମ୍ବ ହୋଇ ଯାଇଥିବା ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ନୂଆ ପ୍ରଭାରୀ ଡ. ଅଜୟ କୁମାର ଦଳୀୟ ସଂଗଠନ ସଜାଡ଼ିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ପୁରୁଣା ନେତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର, ଘର ବାହୁଡ଼ାକୁ ସେ ଗୁରୁତ୍ୱ ଦେଉଥିବା ବେଳେ ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି। ଏହିକ୍ରମରେ ଆସନ୍ତା ୨୯ରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେ ପ୍ରଥମଥର ପାଇଁ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଦଳ ପକ୍ଷରୁ ଆୟୋଜିତ ଏକ ସମାବେଶରେ ସେ ଯୋଗଦେବେ। ସେହିପରି ଫେବ୍ରୁଆରୀ ୧ ତାରିଖରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବସ୍ ଯାତ୍ରା ଆରମ୍ଭ ହେଉଥିବା ବେଳେ ଆସନ୍ତା ୧୪ରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରାହୁଲ ଗାନ୍ଧୀ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏସବୁ ବ୍ୟତୀତ ତୃଣମୂଳ ସ୍ତରରେ କଂଗ୍ରେସ ପକ୍ଷରୁ ମଧ୍ୟ ସାଂଗଠନିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ତେବେ କଂଗ୍ରେସର ଏହି ବିଳମ୍ବିତ ନିଦ୍ରାଭଙ୍ଗ ଦଳ ପାଇଁ କେତେ ଉପଯୋଗୀ ହେବ ତାହା କେବଳ ଭବିଷ୍ୟତ ହିଁ କହିବ। ତଥାପି କଂଗ୍ରେସରୁ ମୁହଁ ମୋଡି ବିଜେପିକୁ ଯାଇଥିବା ଭୋଟବ୍ୟାଙ୍କର ଏକ ବଡ଼ ଅଂଶ ଉପରେ ଖଡ଼୍‌ଗେ ଓ ରାହୁଲଙ୍କ ଗସ୍ତ ପ୍ରଭାବ ପକାଇପାରେ ବୋଲି ଦଳୀୟ ନେତାମାନେ ଯେଉଁ ଆଶା ପ୍ରକାଶ କରିଛନ୍ତି, ତାହା ଯଦି ସତ ସାବ୍ୟସ୍ତ ହୁଏ ତେବେ ରାଜ୍ୟରେ ବିଜେପି ପାଇଁ ପରିସ୍ଥିତି ଅଡୁଆ ହୋଇପାରେ ବୋଲି ରାଜନୈତିକ ତଥ୍ୟାଭିଜ୍ଞମାନେ ମତ ପ୍ରକାଶ କରିଛନ୍ତି ।


# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- MATHEMATICS

### SECTION-A (1 Mark)

1. The linear factors of the quadratic equation $x^2+kx+1=0$ are
(a) $k \geq 2$ (b) $k \leq 2$ (c) $k \geq -2$ (d) $2 \leq k \leq -2$
2. The maximum number of zeroes a cubic polynomial can have, is
(a) 1 (b)4 (c) 2 (d)3
3. A fraction becomes 4 when 1 is added to both the numerator and denominator and it becomes 7 when 1is subtracted from both the numerator and denominator. The numerator of the given fraction is
(a) 2 (b) 3 (c) 5 (d)15
4. The sum of exponents of prime factors in the prime-factorisation of 196 is
(a) 3 (b) 4 (c) 5, (d) 2
5. The pair of linear equations $2kx+5y=7$, $6x-5y=11$ has a unique solution, if
(a) $k \neq -3$ (b) $k \neq \frac{2}{3}$ (c) $k \neq 5$ (d) $k \neq \frac{2}{3}$
6. In an AP, if $d=-4, n=7$ and $a_n=4$, then $a$ is equal to
(a) 6 (b)7 (c) 20 (d)28
7. The $4^{th}$ term from the end of an AP-11,-8,-5,..........,49is
(a) 37 (b)40 (c) 43 (d)58
8. A chord of a circle of radius 10cm, subtends a right angle at its centre. The length of the chord (in cm)is
(a) $\frac{5}{\sqrt{2}}$ (b) $5\sqrt{2}$ (c) $10\sqrt{2}$ (d) $10\sqrt{3}$
9. If $\Delta ABC$ is right angled at $C$, then the value of $\cos(A+B)$is
(a) 0 (b) 1 (c) $\frac{1}{2}$ (d) $\frac{\sqrt{3}}{2}$
10. If$x-2y+k=0$ is a median of the triangle whose vertices are at points $A(-1,3)$, $B(0,4)$ and $C(-5,2)$,then the value of $k$ is
(a) 2 (b)4 (c) 6 (d)8
11. A circle artist is climbing a 20 m long rope, which is tightly stretched and tied from the top of a vertical pole to the ground, then the height of pole, if the angle made by the rope with the ground level is 30c, is
(a) 5m (b)10m (c) 15m (d)20m
12. If the area of a semi-circular field is 15400sqm, then perimeter of the field is
(a) $160\sqrt{2}$ (b) $260\sqrt{2}$ (c) $360\sqrt{2}$ (d) $460\sqrt{2}$
13. If the perimeter of the circle and square are equal, then the ratio of their areas will be equal to:
(a) 14:11 (b) 22:7 (c) 7:22 (d) 11:14
14. Ratio of lateral surface areas of two cylinders with equal height is
(a) 1:2 (b)$H:h$ (c)$R:r$ (d)None of these
15. For finding the popular size of readymade garments, which central tendency is used?
(a) Mean (b)Median (c) Mode (d)Both Mean and Mode
16. When a die is thrown, the probability of getting an odd number less than 3 is
(a) $\frac{1}{6}$ (b) $\frac{1}{3}$ (c) $\frac{1}{2}$ (d) 0
17. If the point $P(6,2)$ divides the line segment joining $A(6,5)$ and $B(4,y)$ in the ratio 3:1 then the value of $y$ is
(a) 4 (b)3 (c) 2 (d)1
18. The ratio in which the point $(2,y)$ divides the join of (-4,3) and (6,3), hence the value of $y$ is
(a) $2:3, y=3$ (b) $3:2, y=3$ (c) $3:2, y=4$ (d) $3:2, y=2$
19. **Assertion:** $2-\sqrt{3}$ is one zero of the quadratic polynomial then other zero will be $2+\sqrt{3}$
**Reason:** Irrational zeros(roots)always occurs in pairs.
(a) Both assertion (A) and reason(R) are true and reason(R)is the correct explanation of assertion(A).
(b) Both assertion (A) and reason (R) are true but reason(R)is not the correct explanation of assertion(A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.
20. **Assertion:** *The equation* $x^2+3x+1=(x-2)^2$ *is a quadratic equation.*
**Reason:** Any equation of the form $ax^2+bx+c=0$ where $a\neq 0$,is called a quadratic equation.
(a) Both assertion(A) and reason(R) are true and reason(R) is the correct explanation of assertion(A).
(b) Both assertion(A) and reason(R) are true but reason(R)is not the correct explanation of assertion(A).
(c) Assertion(A)is true but reason(R)is false.
(d) Assertion(A)is false but reason(R) is true.

### SECTION-B (2 Marks)


21. In figure, two tangents $RQ$ and $RP$ are drawn from an external point $R$ to the circle with centre $O$. If$\angle PRQ=120°$,then prove that $OR=PR+RQ$.




22. If $\sqrt{3}\sin\theta-\cos\theta=0$ and $0°<\theta<90°$, find the value of $\theta$.
23. Find the value of $\lambda$, if the mode of the following data is 20:
15,20,25,18,13,15,25,15,18,17,20,25,20,$\lambda$,18.
24. The mean and median of 100 observation are 50 and 52 respectively. The value of the largest observation is100. It was later found that it is 110. Find the true mean and median.
25. Prove that $3+\sqrt{5}$ is an irrational number.
26. Show that any positive even integer can be written in the form $6q$,$6q+2$ or $6q+4$,where is an integer.

### SECTION-C (3 Marks)

27. Show that the sum of all term so fan AP whose first term is $a$, the second term is $b$ and last term is $c$, is equal to $\frac{(a+c)(b+c-2a)}{2(b-a)}$
28. Prove that$(1+\cot A-\operatorname{cosec} A)(1+\tan A+\sec A)=2$
29. In the given figure, find the area of the shaded region, enclose between two concentric circles of radii 7cm and 14 cm where $\angle AOC=40°$. Use $\pi=\frac{22}{7}$




30. The mean of the following distribution is 48 and sum of all the frequency is 50. Find the missing frequencies $x$and $y$.

| Class | 20-30 | 30-40 | 40-50 | 50-60 | 60-70 |
|---|---|---|---|---|---|
| Frequency | 8 | 6 | $x$ | 11 | $y$ |

31. Three bells toll at intervals of 9,12,15 minutes respectively. If they start tolling together, after what time will they next toll together?

### SECTION-D (5 Marks)

32. Aftab tells his daughter,' 7 years ago, I was seven times a sold as you were then. Also, 3years from now, I shall be three times a sold as you will be.' Represent this situation algebraically and graphically.
33. From a point $T$ outside a circle of centre $O$, tangents $TP$ and $TQ$ are drawn to the circle. Prove that $OT$ is the right bisector of line segment $PQ$.
34. From a point on the ground, the angles of elevation of the bottom and the top of a tower fixed at the top of a 20 m high building are 45° and 60° respectively. Find the height of the tower.
35. Water is flowing through a cylindrical pipe, of internal diameter 2cm, into a cylindrical tank of base radius 40cm, at the rate of 0.4m/s. Determine the rise in level of water in the tank in half an hour.

### SECTION-E (4 Marks)

36. **Read the text carefully and answer the questions:**
John and Priya went for a small picnic. After having their lunch Priya insisted to travel in a motor boat. The speed of the motor boat was 20 km/hr. Priya being a Mathematics student wanted to know the speed of the current. So she noted the time for upstream and downstream.
She found that for covering the distance of 15km the boat took 1hour more for upstream than down stream.



i. Let speed of the current be $x$km/hr. then speed of the motor boat in upstream will be
ii. What is the relation between speed distance and time?
iii. Write the correct quadratic equation for the speed of the current?
37. **Read the text carefully and answer the questions:**
Ajay Bindra is retired sport shooter and currently India's only individual Olympic gold medalist. His gold in the10-meter air rifle event at the 2008 Summer Olympics was also India's first Olympic gold medal since 1980. He is the first Indian to have held concurrently the world and Olympic titles for the men's 10-meter air rifle event, having earned those honors at the 2008 Summer Olympics and the 2006 ISSF World Shooting Championships. Bindra has also won nine medals at the Common wealth Games and three gold medals at the Asian Games.






A circular dartboard has a total radius of 8 inch, with circular bands that are 2 inch wide, as shown in figure. Ajay is stills killed enough to hit this board 100% of the time so he always score at least two points each time he throw a dart. Assume the probabilities are related to area, on the next dart that he throw.
i. What is the probability that he score atleast 4?
ii. What is the probability that he score atleast 6?
iii. What is the probability that he hit bull's eye?

***** *All the Best...*

**ANSWER KEY**

1. (d) 2. (d) 3. (d) 4. (b) 5. (a) 6. (d) 7. (b) 8. (c) 9. (a) 10. (d)
11. (b) 12. (c) 13. (a) 14.(c) 15. (c) 16. (a) 17. (d) 18. (c) 19. (a) 20. (c)

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

● ତମାଣ୍ଡୋ ପ୍ରିମିୟର ଲିଗ୍

## ସେମିରେ ଏସ୍‌ଜି ସ୍ପୋର୍ଟିଂ ଓ ରାଇଜିଂଷ୍ଟାର




ଭୁବନେଶ୍ୱର, ୨୭ ।୧ (ସମିସ): ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି । ଜାନୁଆରୀ ୩୧ ତାରିଖରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମୁକାବିଲା ଯାଁଆଳା ବ୍ଲୁ ରକ୍ ଷ୍ଟାର ଓ ସୁନ୍ଦରଗ୍ରାମ୍‌ର ଏସ୍‌ଜି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ । ସେହିପରି ଫେବ୍ରୁଆରୀ ୧ରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ କୁମାରବସ୍ତର ରାଇଜିଂ ଷ୍ଟାର ସହ ଅୟୋଜକ ତମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସ ମଧ୍ୟରେ ଖେଳାଯିବ । ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର ଶନିବାର ଶେଷ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ରାଇଜିଂଷ୍ଟାର ୨ ୱିକେଟରେ ଏସ୍‌ଜି ସ୍ପୋର୍ଟିଂକୁ ହରାଇ ଗ୍ରୁପ୍-ବି'ରେ ପ୍ରଥମସ୍ଥାନ ଅଧିକାର କରିଥିଲା । ପରାଜୟ ସତ୍ତ୍ୱେ ଏସ୍‌ଜି ସ୍ପୋର୍ଟିଂ ଦ୍ୱିତୀୟ ସ୍ଥାନ ଅଧିକାର କରି ସେମିଫାଇନାଲରେ ସ୍ଥାନ ହାସଲ କରିଥିଲା । ପୂର୍ବରୁ ଗ୍ରୁପ୍-ଏ'ରେ ବ୍ଲୁ ରକ୍‌ଷ୍ଟାର ଓ ବାଲୁଙ୍କେଶ୍ୱର ୱାରିୟର୍ସ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ସେମିକୁ ଉନ୍ନୀତ ହୋଇଥିଲେ । ଶନିବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତନ୍ମୟ ମହାନ୍ତିଙ୍କ ୪୮ ବଲ୍‌ରେ ୮୦ ରନ୍ ସହାୟତାରେ ଏସ୍‌ଜି ସ୍ପୋର୍ଟିଂ ୫ ୱିକେଟରେ ୨୬୩ ରନ୍ କରିଥିଲା । ଜବାବରେ ରାଇଜିଂଷ୍ଟାର ୧୯.୪ଟି ବଲ୍‌ରେ ୮ ୱିକେଟ ହରାଇ ବିଜୟୀ ହୋଇଥିଲା । ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ୨୧ ବଲ୍‌ରେ ୫୩ ରନ୍ କରିଥିବା ଅସୀମାନନ୍ଦ ଦଳବେହେରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଡଃ ସୁଶାନ୍ତ କୁମାର ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅମ୍ପାୟାର ଅବିନାଶ ପଟ୍ଟନାୟକ ଓ ରତିକାନ୍ତ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ ।

# ୪୩ ବର୍ଷରେ ବୋପାନ୍ନାଙ୍କୁ ଗ୍ରାଣ୍ଡସ୍ଲାମ

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ

ମେଲବୋର୍ଣ୍ଣ, ୨୭ ।୧(ଏଜେନ୍ସି): ଅଭିଜ୍ଞ ତଥା ବରିଷ୍ଠ ଭାରତୀୟ ଟେନିସ ତାରକା ରୋହନ ବୋପାନ୍ନା ଏବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ଯୁଗଳ ଟାଇଟଲ ହାସଲ କରିଛନ୍ତି । ଶନିବାର ଅନୁଷ୍ଠିତ ପୁରୁଷ ଯୁଗଳ ପ୍ରତିଯୋଗିତାର ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଡେନ ୭-୬, ୭-୫ ସେଟ୍‌ରେ ଇଟାଲୀର ଅଣସିଡ୍ ଯୋଡି ସାଇମନ ବୋଲେଲି ଓ ଆନ୍ଦ୍ରିଆ ଭାଭାସୋରୀଙ୍କୁ ମାତ୍ର ଦେଢ ଘଣ୍ଟା ମଧ୍ୟରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ବୋପାନ୍ନା ଓ ଏବଡେନ ୨ କୋଟି ଟଙ୍କା ଲେଖାଏ ପୁରସ୍କାର ରାଶି ହାସଲ କରିଛନ୍ତି । ଏଥିସହ ଯେକୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସେ ବିଶ୍ୱର ବୟୋଜ୍ୟେଷ୍ଠ ଏବଂ ଲିଆଣ୍ଡର ପେସ (୨୦୧୨) ପରେ ଦ୍ୱିତୀୟ ଭାରତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି । ପ୍ରଥମଥର ପାଇଁ ପୁରୁଷ ଯୁଗଳ ଟାଇଟଲ ହାସଲ କରିବା ସହ ୪୩ ବର୍ଷୀୟ ବୋପାନ୍ନା କ୍ୟାରିଅରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି । ପୂର୍ବରୁ ୨୦୧୭ରେ କାନାଡ଼ାର ଗାବ୍ରିଏଲା ଡାବ୍ରୋସ୍କିଙ୍କ ସହ ସେ ଫ୍ରେଞ୍ଚ ଓପନ୍ ଟାଇଟଲ ଜିତିଥିଲେ । ଗତବର୍ଷ ବୋପାନ୍ନା ନିଜ ଦେଶର ସାନିଆ ମିର୍ଜାଙ୍କ ସହ ଅଷ୍ଟ୍ରେଲିଆନ ଓପନ ମିଶ୍ରିତ ଯୁଗଳ ଫାଇନାଲରେ ହାରି ରନର୍ସଅପ୍ ହୋଇଥିଲେ । ସେହିପରି ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ସେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଛନ୍ତି । ତାଙ୍କ ପୂର୍ବରୁ ୨୦୧୨ରେ ଲିଆଣ୍ଡର ପେସ୍ ଓ ରଡିକ ଷ୍ଟିପାନେକ୍ ଅଷ୍ଟ୍ରେଲିଆନ ଓପନ ପୁରୁଷ ଯୁଗଳ ଟାଇଟଲ ହାସଲ କରିଥିଲେ ।



### ଟାଇଟଲ ବଜାୟ ରଖିଲେ ସାବାଲେଙ୍କା

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ବେଲାରୁଷର ଆରିନା ସାବାଲେଙ୍କା ଟାଇଟଲ ଜିତିଛନ୍ତି । ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ସାବାଲେଙ୍କା ମାତ୍ର ଏକ ଘଣ୍ଟା ୧୬ ମିନିଟ୍‌ରେ ୬-୩, ୬-୩ ସିଧାସଳଖ ସେଟ୍‌ରେ ଦ୍ୱାଦଶ ସିଡ୍ ଚୀନ୍ ମହିଳା ତାରକା କ୍ୱିନ୍‌ୱେନ୍ ଝେଙ୍ଗଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି ।

ବେଲାରୁଷର ଅନ୍ୟତମ ଖେଳାଳି ଭିକ୍ଟୋରିଆ ଆଜାରେଙ୍କାଙ୍କ ପରେ ୨୫ ବର୍ଷୀୟା ସାବାଲେଙ୍କା ଦ୍ୱିତୀୟ ଖେଳାଳି ଭାବେ ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟଥର ଚାମ୍ପିଅନ ହୋଇଛନ୍ତି । ୨୦୧୩ ପରେ ସେ ପ୍ରଥମ ମହିଳା ଭାବେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ବଜାୟ ରଖିଛନ୍ତି । ଏଥିସହ ସେ କ୍ୟାରିୟରର ୧୪ତମ ଏକକ ଟାଇଟଲ ଜିତିଛନ୍ତି । ସାରା ଟୁର୍ଣ୍ଣାମେଣ୍ଟରେ ସାବାଲେଙ୍କା ଗୋଟିଏ ହେଲେ ବି ସେଟ୍ ହାତଛଡ଼ା କରିନାହାନ୍ତି ।

### ସେମିରେ ହାରିଲେ ଜୋକୋଭିଚ୍

ପୁରୁଷ ଏକକର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ରବିବାର ଟାଇଟଲ ପାଇଁ ତୃତୀୟ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ଓ ଚତୁର୍ଥ ସିଡ୍ ଇଟାଲୀର ଜାନିକ ସିନର ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ । ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ସିନର ୬-୧, ୬-୨, ୬-୭, ୬-୩ ସେଟ୍‌ରେ ଶ୍ରେଷ୍ଠ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି । ସେହିପରି ମେଦଭେଦେଭ ୫-୭, ୩-୬, ୭-୬, ୭-୬, ୬-୩ ସେଟ୍‌ରେ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି ।

## ଆଜିଠାରୁ ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍

ଭୁବନେଶ୍ୱର, ୨୭ ।୧ (ସମିସ): ଅଲଓଡ଼ିଶା ଚେସ ସଂଘ (ଏଓସିଏ) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଓଡ଼ିଶାର ଆଉ ଏକ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ । ପୂର୍ବଭଳି ଏଥିରେ ମଧ୍ୟ ୩ଟି କାଟାଗୋରୀରେ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଏହା ମଧ୍ୟରେ ରହିଛି କାଟେଗୋରୀ ଏ', ବି' ଓ ସି । ସୋଆ କ୍ୟାମ୍ପସ-୨ରେ କାଟେକୋରୀ ଏ ଓ ବି' ପ୍ରତିଯୋଗିତା ଜାନୁଆରୀ ୨୮ରୁ ଆରମ୍ଭ ହେବ । ୧୦ ରାଉଣ୍ଡ ବିଶିଷ୍ଟ ଏ' କାଟେଗୋରୀରେ ଭାରତ ସମେତ ୧୩ଟି ଦେଶରୁ ୧୦ ଜଣ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରୁଥିବାବେଳେ ଦୁଇ ଭାରତୀୟ ଖେଳାଳି ଜିଏମ୍ ଦୀପ୍ତାୟନ ଘୋଷ (ରେଟିଂ-୨୫୬୮) ଓ ଆରଣ୍ୟକ ଘୋଷ (ରେଟିଂ-୨୫୪୧) ଦୁଇ ଟପ୍ ସିଡ୍ ରହିଛନ୍ତି । ଏହି କାଟେଗୋରୀରେ ହାରାହାରି ରେଟିଂ ୨୧୫୬ ରହିଛି । ୧୪ତମ ସିଡ୍ ତଥା ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (ରେଟିଂ-୨୪୨୧) ଓ ନଂ-୧୭ ସିଡ୍ ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ-୨୪୦୪) ପ୍ରଥମ ୨୦ଜଣଙ୍କ ମଧ୍ୟରେ ଶ୍ରେଷ୍ଠ ଓଡ଼ିଆ ଖେଳାଳିଭାବେ ସ୍ଥାନ ପାଇଛନ୍ତି । ଆଇଏମ୍ ରାକେଶ ଜେନା, ଡବ୍ଲ୍ୟୁଆଇଏମ୍ ସାଇନା ସାଲୋନିକା, ନୀଲସୁ ପଟ୍ଟନାୟକ ଓ ପ୍ରିଂଶ ଦାସ ପ୍ରମୁଖ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରୁଛନ୍ତି ।

● ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ

## ଟାଇଟଲ ବଜାୟ ରଖିଲା ଭୁବନେଶ୍ୱର



ଭୁବନେଶ୍ୱର, ୨୭ ।୧ (ସମିସ): କଟକର ଏମ୍‌ଭି ବାର ଆସୋସିଏସନକୁ ମାତ୍ର ୧୮ ରନ୍‌ରେ ପରାସ୍ତ କରି ଭୁବନେଶ୍ୱର ବାର ଆସୋସିଏସନ ୯ମ ପ୍ରଶାନ୍ତ ରାଉତରାୟ ମେମୋରିଆଲ ଆଡଭୋକେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛି । ଶନିବାର ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଖେଳାଯାଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ବାର ଲେଲିନ୍‌କର କାନୁନଗୋଙ୍କ ବିସ୍ଫୋରକ ଶତକ (୧୦୨ ରନ୍, ୬୬ବଲ୍) ସହାୟତାରେ ୩ ୱିକେଟ ହରାଇ ୧୯୨ ରନ୍ କରିଥିଲା । ଜବାବରେ ଏମ୍‌ଭି ବାର ଲଢୁଆ ଖେଳିଥିଲେ ମଧ୍ୟ ବିଜୟଲକ୍ଷ୍ୟଠାରୁ ୧୮ ରନ୍ ଦୂରରେ ରହିଯାଇଥିଲା । ଦଳ ପକ୍ଷରୁ ଅସୀମ ପଟ୍ଟନାୟକ ସର୍ବାଧିକ ୮୫ ରନ୍ କରିଥିଲେ । ବିଜୟୀ ଦଳର ଲେଲିନକରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ସୌମେନ୍ଦ୍ର ପାତ୍ର ଓ ବିଭୂପ୍ରସାଦ ଚୌଧୁରୀ ଖେଳ ପରିଚାଳନା କରିଥିଲେ । ଖେଳ ଶେଷରେ ବିଚାରପତି ଶଶିକାନ୍ତ ମିଶ୍ର ଓ ଓଏସ୍‌ବିସିର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ମୋହନ ସାହୁଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

## ଭାରତ-ଏ'ର ପାଳି ବିଜୟ

ଅହମ୍ମଦାବାଦ୍, ୨୭ ।୧(ଏଜେନ୍ସି): ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ ଭାରତ-ଏ ଗୋଟିଏ ପାଳି ଓ ୧୬ ରନରେ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସକୁ ପରାସ୍ତ କରିଛି । ପ୍ରଥମ ପାଳିରେ ୧୬୧ ରନର ବୃହତ୍ ଶତକୀୟ ପାଳି ଖେଳିଥିବା ଭାରତ ମଧ୍ୟକ୍ରମ ବ୍ୟାଟର ସର୍ଫରାଜ ଖାନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଇଂଲଣ୍ଡ ଲାୟନ୍ସ ପ୍ରଥମ ପାଳିରେ ୧୫୨ ଓ ୩୨୧ ରନ କରିଥିଲା । ଜବାବରେ ଭାରତ ପ୍ରଥମ ପାଳିରେ ୪୮୯ ରନ କରିଥିଲା ।

## ଫେବ୍ରୁଆରୀ ୧୭ରୁ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ




ଭୁବନେଶ୍ୱର, ୨୭ ।୧(ସମିସ): ଓଡ଼ିଶାରେ ଫୁଟବଲ ସଂସ୍କୃତିର ପ୍ରଚାର ପାଇଁ ଜଗରନଟ୍ସ ସ୍ପୋର୍ଟିଂ ଫାଉଣ୍ଡେସନ (ଏସ୍‌ଜେଏଫ୍) ଆନୁକୂଲ୍ୟରେ ଆସନ୍ତା ଫେବ୍ରୁଆରୀ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଚାମ୍ପିଅନସିପ୍ ଖେଳାଯିବ । ଏଥିରେ ୬୪ଟି ଦଳର ୬୦୦ରୁ ଊର୍ଦ୍ଧ୍ୱ ଫୁଟବଲର ଅଂଶଗ୍ରହଣ କରିବେ । ପ୍ରଥମଥର ପାଇଁ ରାଜ୍ୟରେ ଏଭଳି ବୃହତ୍ ସୌଖୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ସହଯୋଗର ହାତ ବଢ଼ାଇଛି । ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଛି ।

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ଓଡ଼ିଶା ପୁରୁଷ ଦଳକୁ ହକିରେ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭ ।୧ (ସମିସ): ତାମିଲନାଡୁରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ହକିରେ ଓଡ଼ିଶା ଦଳ ଦ୍ୱୈତ ପଦକ ସଫଳତା ପାଇଛି । ଓଡ଼ିଶା ପୁରୁଷ ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ଦଳ କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି । ଶନିବାର ଖେଳାଯାଇଥିବା ପୁରୁଷ ବିଭାଗ ଫାଇନାଲରେ ଓଡ଼ିଶା ୪-୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରି ଟ୍ରଫି ବାଜିମାତ୍ କରିନେଇଥିଲା । ସେହିଭଳି ୩ୟ ସ୍ଥାନ ତଥା କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ମହିଳା ଦଳ ସୁପ୍ରିୟା କୁଜୁରଙ୍କ ଡବଲ୍ ଗୋଲ୍ ବଳରେ ୪-୩ରେ ମିଜୋରାମକୁ ହରାଇଥିଲା ।



### ରିଲାଏନ୍ସ ଫାଉଣ୍ଡେସନକୁ ୬ ପଦକ

ଏହି ମେଗା ପ୍ରତିଯୋଗିତାରେ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ ଏଚ୍‌ପିସିର କ୍ରୀଡ଼ାବିତ୍‌ମାନେ ୬ ପଦକ ଜିତିଛନ୍ତି । ଯେଉଁଥିରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି । ଓମକାର ପ୍ରସାଦ ନନ୍ଦ ଏକାକୀ ୨ଟି ସ୍ୱର୍ଣ୍ଣ ଜିତିଛନ୍ତି । ସେ ସଟ୍ ପୁଟ୍ (୧୮.୪୮ ମିଟର) ଓ ହାମର ଥ୍ରୋ' (୬୫.୦୮ ମିଟର)ରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ସେହିଭଳି ପୁରୁଷ ୧୦୦ ମିଟରରେ ରେୟାନ ବାଶା ସ୍ୱର୍ଣ୍ଣ, ୧୦୦୦ ମିଟର ମିଡଲେ ଓଡ଼ିଶା ଟିମ୍ ରୌପ୍ୟ, ୧୧୦ ମିଟର ହର୍ଡଲ୍ସରେ ସନ୍ଦୀପ ଗୋଣ୍ଡାଙ୍କୁ ରୌପ୍ୟ, ମହିଳା ୨୦୦୦ ମିଟର ଷ୍ଟିପଲେଚେଜ୍‌ରେ ସୁନିତା ସାନ୍ତା କାଂସ୍ୟ ପଦକ ପାଇଛନ୍ତି ।

### ଜ୍ୟୋତ୍ସ୍ନାଙ୍କ ଜାତୀୟ ରେକର୍ଡ



ସେହିଭଳି ଓଡ଼ିଶାର ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ଶବର ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୪୦ କିଗ୍ରା ବିଭାଗରେ ଜ୍ୟୋତ୍ସ୍ନା ୧୩୦ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ପ୍ରୀତିସ୍ମିତା ଭୋଇ ରୌପ୍ୟ ଜିତିଛନ୍ତି । ୫୫ କିଗ୍ରାରେ ମୀନା ସାନ୍ତା ରୌପ୍ୟ ଓ ୬୭ କିଗ୍ରାରେ ଦୀପକ ପ୍ରଧାନ କାଂସ୍ୟ ପଦକ ହାସଲ କରିଛନ୍ତି ।






ଡ୍ରିମ୍ସ ରଣଜୀ: ପୁଣି ସନ୍ଦୀପଙ୍କ ଲଢୁଆ ବ୍ୟାଟିଂ

# ଦ୍ୱିତୀୟ ପାଳିରେ ଓଡ଼ିଶା ୧୫୭/୩

ଭୁବନେଶ୍ୱର, ୨୭ ।୧ (ସମିସ): କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଭ୍ରମଣକାରୀ ହିମାଚଳ ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦ୍ୱିତୀୟ ପାଳିରେ ସଂଘର୍ଷ ଜାରି ରଖିଛି । ୩୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଶନିବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୪୪ ଓଭରରେ ୩ ୱିକେଟ୍ ହରାଇ ୧୫୭ ରନ ସଂଗ୍ରହ କରିଛି । ପୂର୍ବ ମ୍ୟାଚ୍ (ଜମ୍ମୁ କାଶ୍ମୀର)ର ଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକ ପୁଣିଥରେ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୭୮ ରନରେ ଅପରାଜିତ ରହିବା ସହ ଦଳକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଅଧିନାୟକ ଶାନ୍ତନୁ ମିଶ୍ର ୧୭, ଶୁଭ୍ରାଂଶୁ ସେନାପତି ୮ ଓ ଗୋବିନ୍ଦ ପୋଦ୍ଦାର ୪୧ ରନ କରି ଆଉଟ୍ ହୋଇଛନ୍ତି । ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଓଡ଼ିଶା ୭ ୱିକେଟ୍ ବଳକା ଥାଇ ୧୧୯ ରନରେ ଅଗ୍ରଣୀ ରହିଛି । ଏଲିଟ୍ ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୨ ପରାଜୟ ଓ ଗୋଟିଏ ପାଳି ଅଗ୍ରଣୀ ଡ୍ର ସହ ୩ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି ।

ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଘରୋଇ ଓଡ଼ିଶା ବିପକ୍ଷରେ ଆରମ୍ଭ ହୋଇଥିବା ଗ୍ରୁପ୍-ଡି'ର ଏହି ମ୍ୟାଚରେ ଟସ୍ ଜିତି ହିମାଚଳ ପ୍ରଦେଶ ଅଧିନାୟକ ଅଙ୍କିତ କଲସି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ପୁଣିଥରେ ବିଫଳ ହୋଇ ପ୍ରଥମ ପାଳିରେ ୧୩୮ ରନରେ ଅଟକିଯାଇଥିଲା । ଏକଦା ୭୬ ରନରେ ୮ ୱିକେଟ୍ ହରାଇଥିବା ଓଡ଼ିଶା ମଧ୍ୟ ଓ ନିମ୍ନକ୍ରମରେ ୱିକେଟ୍‌ରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ରାଜେଶ ମହାନ୍ତିଙ୍କ କିଛିଟା ଉପଯୋଗୀ ପାଳି ଯୋଗୁ ଦଳୀୟ ସ୍କୋର ଶହେ ରନ ଅତିକ୍ରମ କରିଥିଲା । ଆଶୀର୍ବାଦ


ସନ୍ଦୀପ ପଟ୍ଟନାୟକ

ସ୍ୱାଇଁ ୩୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ବ୍ୟାଟିଂକ୍ରମର ୧୦ମ ସ୍ଥାନରେ ଆସିଥିବା ରାଜେଶ ମହାନ୍ତି ଦଳ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ୨୮ ରନ କରିଥିଲେ । ଉଭୟଙ୍କ ମଧ୍ୟରେ ୯ମ ୱିକେଟ୍ ଭାଗୀଦାରିରେ ୪୫ ରନ ସଂଗ୍ରହ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ପଟ୍ଟନାୟକ ୨୦, ଅନୁରାଗ ଷଡ଼ଙ୍ଗୀ ୧୩, ଅଧିନାୟକ ଶାନ୍ତନୁ ମିଶ୍ର ୯, ଶୁଭ୍ରାଂଶୁ ସେନାପତି ୧, ଗୋବିନ୍ଦ ପୋଦ୍ଦାର ୭, ଦେବବ୍ରତ ପ୍ରଧାନ ୭, ହର୍ଷିତ ରାଠୋର ୦ ଓ ସୁନିଲ ରାଉଳ ୪ ରନ କରିଥିଲେ । ଦଳକୁ ଫେରିଥିବା ବରିଷ୍ଠ ଖେଳାଳି ବିପ୍ଳବ ୧ ରନ କରିବାକୁ ସମର୍ଥ ହୋଇଥିଲେ । ହିମାଚଳ ପକ୍ଷରୁ ଅଭିଷେକ କୁମାର ୪, ରିଷି ଧାୱନ ୩ ଓ ବୈଭବ ଆରୋରା ୨ଟି ୱିକେଟ୍ ନେଇଥିଲେ । ଜବାବରେ ପ୍ରଥମ ପାଳି ଆରମ୍ଭ କରି ଶୁକ୍ରବାର ପ୍ରଥମ ଦିବସ ଶେଷ ସୁଦ୍ଧା ହିମାଚଳ ଗୋଟିଏ ୱିକେଟ୍ ହରାଇ ୮୦ ରନ କରିଥିଲା । ଶନିବାର ୨ୟ ଦିବସ ସକାଳେ ଘରୋଇ ଓଡ଼ିଶା ଦଳର ବୋଲର୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ହିମାଚଳ ପ୍ରଦେଶ ପୂର୍ବ ଦିନର ସ୍କୋରରେ ଆଉ ୯୬ ରନ ଯୋଡ଼ି ୧୭୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଅଧିନାୟକ ଅଙ୍କିତ ୩୮, ଓପନର୍ ଅମିତ୍ କୁମାର ୩୦, ରିଷି ଧାୱନ ୩୦, ନିଖିଳ ଗଙ୍ଗଟା ୨୪ ରନ କରିଥିଲେ । ବୋଲିଂରେ ଓଡ଼ିଶା ପାଇଁ ବିପ୍ଳବ ଓ ରାଜେଶ ୩ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଓ ସୁନିଲ ରାଉଳ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ପାଳି: ୧୩୮/୧୦
ହିମାଚଳ ପ୍ରଥମ ପାଳି: ୧୭୬/୧୦
ଓଡ଼ିଶାର ୨ୟ ପାଳି: ୧୫୭/୩ (ସନ୍ଦୀପ- ୭୮*, ଗୋବିନ୍ଦ- ୪୧, ଶାନ୍ତନୁ- ୧୭, ବିପ୍ଳବ- ୯*, ଶୁଭ୍ରାଂଶୁ- ୮, ଧାୱନ- ୧/୨୪) ।

# ଭାରତ ବିପକ୍ଷରେ ପୋପ୍‌ଙ୍କ ଚମତ୍କାର ଶତକ

ଅହମ୍ମଦାବାଦ୍, ୨୭।୧(ଏଜେନ୍ସି): ଓଲି ପୋପ୍‌ଙ୍କ ଚମତ୍କାର ଅପରାଜିତ ଶତକ ବଳରେ ଏଠାରେ ଭାରତ ସହ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବିପଦରୁ ରକ୍ଷା ପାଇଛି। ଏହି ମ୍ୟାଚ୍‌ରେ ଭାରତ ପ୍ରଥମ ପାଳିରେ ୪୩୬ ରନ୍ କରିଥିଲା। ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ପୋପ୍‌ଙ୍କ ସହ ୧୯ ବର୍ଷିୟ ରେହାନ ଅହମ୍ମଦ୍ ୧୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଏହି ଟେଷ୍ଟର ପିଚ୍ ଅଧିକ ଟର୍ଣ୍ଣ ନେବା ଆରମ୍ଭ କରିଥିଲାବେଳେ ଇଂଲଣ୍ଡ ଆଉ ୬୦ରୁ ୭୦ ରନ୍ କରିପାରିଲେ ଭାରତ ବିପଦର



୧୯୦ ରନ୍‌ରେ ପଛୁଆ ରହିଥିବା ଇଂଲଣ୍ଡ ଦ୍ୱିତୀୟ ପାଳିରେ ପୋପ୍‌ଙ୍କ ଅପରାଜିତ ୧୪୮ ରନ୍ ସହାୟତାରେ ତୃତୀୟଦିନ ଖେଳ ଶେଷ ବେଳକୁ ୬ ୱିକେଟ ବିନିମୟରେ ୩୧୬ ରନ୍ ସମ୍ମୁଖୀନ ହୋଇପାରେ। ଭ୍ରମଣକାରୀ ଦଳ ନିକଟରେ ୪ଟି ୱିକେଟ ବାକିଥାଇ ୧୨୬ ରନ୍‌ରେ ଆଗୁଆ ରହିଛି।

ପୂର୍ବରୁ ଭାରତୀୟ ଦଳ ତାହାର ଅସମାପ୍ତ ପ୍ରଥମ ପାଳିରେ ୪୩୬ ରନ୍ କରି ଅଲଆଉଟ ହୋଇଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର ରବୀନ୍ଦ୍ର ଜାଡେଜା ୮୭ ଓ ଅକ୍ଷର ପଟେଲ ୪୪ ରନ୍ କରି ଭାରତକୁ ପ୍ରଥମ ପାଳିରେ ଅଗ୍ରଣୀ କରାଇଥିଲେ। ଲୋକେଶ ରାହୁଲ ୮୬, ଯଶସ୍ୱୀ ଜୟସ୍ୱାଲ ୮୦, ଶ୍ରୀକର ଭରତ ୪୧ ଓ ଶ୍ରେୟସ ଆୟର ୩୫ ରନ୍‌ର ଯୋଗଦାନ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ କାମଚଳା ସ୍ପିନର ଜୋ ରୁଟ୍ ୪ଟି, ରେହାନ ଅହମ୍ମଦ୍ ଓ ଟମ୍ ହାର୍ଟଲୀ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ପ୍ରଥମ ପାଳିରେ ୧୯୦ ରନ୍‌ରେ ପଛରେ ଥାଇ ଇଂଲଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା। ଦଳ ୧୬୩ ରନ୍‌ରେ ୫ ୱିକେଟ ହରାଇ ପୁଣିଥରେ ବିପଦରେ ପଡ଼ିଥିଲା। ଏହି ସମୟରେ ପୋପ୍ ଓ ବେନ୍ ଫୋକ୍ସ ୬ଷ୍ଠ ୱିକେଟ ଯୋଡିରୁ ୧୧୨ ରନ୍ ଉଠାଇ ଦଳକୁ ବିପଦମୁକ୍ତ କରିଥିଲେ। ଫୋକ୍ସ ୩୪ ରନ୍‌ରେ ଆଉଟ ହୋଇଥିଲାବେଳେ ପୋପ୍ ଚମତ୍କାର ଭାବେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରି ଏଠାରେ ଏକ ସ୍ମରଣୀୟ ପାଳି ଖେଳିଛନ୍ତି। ସେ ତାଙ୍କ ଟେଷ୍ଟ ଜୀବନର ୫ମ ଶତକ ପୂରଣ କରିବା ପରେ ୨୦୮ ବଲ୍ ଖେଳି ୧୭ ଚୌକା ସହ ୧୪୮ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଏହା ସତ୍ତ୍ୱେ ପିଚ୍‌ର ପ୍ରଦର୍ଶନକୁ ଦେଖିଲେ ଏବେ ଇଂଲଣ୍ଡର ସ୍ଥିତି ଭଲ ରହିଛି।

# କଳିଙ୍ଗ କପ୍ ଫାଇନାଲ ଆଜି: ଟାଇଟଲ୍ ବଜାୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୭।୧ (ସମିସ): ୨୦ ଦିନର ଲଢ଼େଇ ଓ ୨୭ ମ୍ୟାଚ୍ ପରେ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି କଳିଙ୍ଗ ସୁପର୍ କପ୍। ରବିବାର ଟାଇଟଲ୍ ପାଇଁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ଗତବର୍ଷର ବିଜେତା ଓଡ଼ିଶା ଏଫ୍‌ସି ଟାଇଟଲ୍ ବଜାୟ ସହ କ୍ରମାଗତ ବିଜେତା ହେବା ଲକ୍ଷ୍ୟରେ ରହିଛି।

ଭାରତର ଏହି ଅନ୍ୟତମ ସମ୍ମାନଜନକ ଫୁଟ୍‌ବଲ ପ୍ରତିଯୋଗିତାର ଚଳିତ ୪ର୍ଥ ସଂସ୍କରଣରେ ଉଭୟ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ୪ଟି ଲେଖାଏ ମ୍ୟାଚ୍ ଜିତି ଅପରାଜେୟ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ଓଡ଼ିଶା ୧-୦ ଗୋଲରେ ମୁମ୍ବାଇ ସିଟିକୁ ଓ ଇଷ୍ଟ ବେଙ୍ଗଲ ୨-୦ରେ ଜାମସେଦପୁରକୁ ପରାସ୍ତ କରିଥିଲା। ଓଡ଼ିଶା ଏଫ୍‌ସି ବର୍ତ୍ତମାନ ଚମତ୍କାର ଫର୍ମରେ ରହିଛି। ଆଇଏସ୍‌ଏଲ୍, ଏଏଫ୍‌ସି କପ୍ ଓ କଳିଙ୍ଗ ସୁପର୍ କପ୍ ଭଳି ୩ଟି ପ୍ରତିଯୋଗିତାରେ ୧୫ ମ୍ୟାଚ୍ ଖେଳି ୧୩ ବିଜୟ ସହ ଅପରାଜେୟ ରହିଛି। ତେଣୁ ଏହି ଅପରାଜେୟ ଧାରାକୁ ବଜାୟ ରଖି ଓଡ଼ିଶା ଏଫ୍‌ସି ଏଠାରେ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ ଓଡ଼ିଶା ଏଫ୍‌ସିର ପ୍ରଶିକ୍ଷକ ରହିଥିବା ସର୍ଗିଓ ଲୋବେରଙ୍କ ପ୍ରଶିକ୍ଷଣରେ ଏଫ୍‌ସି ଗୋଆ ୨୦୧୯ରେ ଏଠାରେ ସୁପର୍ କପ୍ ଜିତିଥିଲା। ତେଣୁ ସେ ଚଳିତଥର ଓଡ଼ିଶା ପକ୍ଷରୁ ଏହି ସଫଳତା ପାଇବାକୁ ଆଶାବାଦୀ ରହିଛନ୍ତି। ଅପରପକ୍ଷରେ ଯଦି ଇଷ୍ଟ ବେଙ୍ଗଲ ରବିବାର ଓଡ଼ିଶାକୁ ପରାସ୍ତ କରେ ତେବେ ୧୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ




ଜାତୀୟସ୍ତରରେ ଏକ ଟ୍ରଫି ଜିତିବ। ଏହି କୋଲକାତା ଦଳ ଶେଷଥର ଲାଗି ୨୦୧୨ରେ ସମ୍ମାନଜନକ ଫେଡେରେସନ କପ୍ ହାସଲ କରିଥିଲା।


# ହକିକୁ ଦୀପଗ୍ରେସ୍‌ଙ୍କ ଅଲ୍‌ବିଦା

ଭୁବନେଶ୍ୱର, ୨୭।୧ (ସମିସ): ଭାରତୀୟ ଦଳର ଅଭିଜ୍ଞ ରକ୍ଷଣଭାଗ ଖେଳାଳି, ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟ ତଥା ଓଡ଼ିଆ ହକି ତାରକା ଦୀପଗ୍ରେସ୍ ଏକ୍କା ଶନିବାର ହକିକୁ ଅଲ୍‌ବିଦା କରିଛନ୍ତି। ଏଥିସହ ଦୀପଗ୍ରେସ୍ ତାଙ୍କ ୧୭ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଦୁଇଥରର ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜୟିନୀ ଦୀପଗ୍ରେସଙ୍କୁ ତାଙ୍କ ଉଲ୍ଲେଖନୀୟ ଅବଦାନ ଲାଗି ଏହି ଅବସରରେ ହକି ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ୨୦୧୧ରୁ ୨୦୨୩ ମଧ୍ୟରେ ସେ ଭାରତ ପାଇଁ ୨୬୮ ମ୍ୟାଚ୍ ଖେଳି ୨୪ ଗୋଲ୍ ଦେଇଛନ୍ତି। ସେହିଭଳି ସେ ୪ଟି ପ୍ରମୁଖ ପ୍ରତିଯୋଗିତାରେ ଚାମ୍ପିଅନ ଦଳର ସଦସ୍ୟା ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।




୨୯ ବର୍ଷୀୟା ଦୀପଗ୍ରେସ ଶନିବାର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ହକିରୁ ଅବସର ନେଇଥିବା ସୂଚନା ଦେଇଥିଲେ। ସୁନ୍ଦରଗଡ଼ର ଲୁଲକିଢି ଗ୍ରାମରେ ଜନ୍ମିତ ଦୀପଗ୍ରେସ୍ ୨୦୧୧ରେ ମାତ୍ର ୧୭ ବର୍ଷ ବୟସରେ ଭାରତୀୟ ବରିଷ୍ଠ ମହିଳା ହକି ଦଳରୁ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଆର୍ଜେଣ୍ଟିନାରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ହକି ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା ଥିଲା। ଏହାପରେ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟିଯାଇଥିଲେ ଏବଂ ରକ୍ଷଣାଭାଗରେ ଜଣେ ପ୍ରମୁଖ ଖେଳାଳି ଭାବେ ବିବେଚିତ ହେଉଥିଲେ। ତେବେ ବର୍ଷ ୨୦୧୩ ତାଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ସେହିବର୍ଷ ଜର୍ମାନୀରେ ଅନୁଷ୍ଠିତ କନିଷ୍ଠ ମହିଳା ହକି ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟା ରହିଥିଲେ। ସେହିଭଳି ଦୀପଗ୍ରେସ୍ ୨୦୧୩ରେ ଭାରତୀୟ ବରିଷ୍ଠ ଦଳର ସଦସ୍ୟା ରହିଥିବାବେଳେ ଏସିଆନ ଚାମ୍ପିଅନ୍‌ସ ଟ୍ରଫିରେ ରୌପ୍ୟ ପଦକ ଜିତିଥିଲେ। ସେ ୨୦୧୬ ଓ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ ପକ୍ଷରୁ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଯେଉଁଥିରେ ଭାରତ ୨୦୨୧ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହିଥିଲା। ଏହି ଅବସରରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, 'ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଦୀପଗ୍ରେସ୍ ମହିଳା ହକିରେ ଏକ ପରିଚିତ ଚେହେରା ଥିଲେ। ତାଙ୍କର ସଫଳତା ଓଡ଼ିଶା ସମେତ ସମଗ୍ର ଦେଶର ଯୁବ ପିଢ଼ିଙ୍କୁ ହକି ପ୍ରତି ଅନୁପ୍ରାଣିତ କରିଛି ଏବଂ ଏହି କ୍ରୀଡ଼ାର ପ୍ରସାର ପ୍ରସାରରେ ସହାୟତା କରିଛି। ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଯାଇଛି।

**ସଂକ୍ଷେପରେ ଦୀପଗ୍ରେସ୍**
ଜନ୍ମ: ୩ ଜୁନ ୧୯୯୪, ସୁନ୍ଦରଗଡ଼
ଭାରତ ପକ୍ଷରୁ ପଦାର୍ପଣ: ୨୦୧୧
ଅନ୍ତର୍ଜାତୀୟ ମ୍ୟାଚ୍: ୨୬୮
ଗୋଲ୍ ଦେଇଛନ୍ତି: ୨୪
ପୁରସ୍କାର: ଅର୍ଜୁନ (୨୦୨୨)




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର